



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-179 ◆THURSDAY ◆25 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୭୯ ◆ଗୁରୁବାର ◆୨୫ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଲୋକସଭା ସାଂସଦଙ୍କୁ ସ୍ମାର୍ଟ ପେନ, ସ୍ମାର୍ଟ ୱାଚ୍ ମନା



■ ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ଏଣିକି ସଂସଦ ପରିସରରେ ସାଂସଦମାନେ ସ୍ମାର୍ଟ ଚଷମା, ସ୍ମାର୍ଟ କଲମ କିମ୍ବା ସ୍ମାର୍ଟ ୱାଚ୍ ଭଳି ଡିଜିଟଲ ସାମଗ୍ରୀ ବ୍ୟବହାର କରିପାରିବେ ନାହିଁ। ଆଜି ଲୋକସଭା ସଚିବାଳୟ ପକ୍ଷରୁ ଏସଂପର୍କରେ ବଚାଲଟିନ୍ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଏଭଳି ସାମଗ୍ରୀ ବ୍ୟବହାର ଦ୍ୱାରା ସାଂସଦଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହା ସଂସଦୀୟ ବିଶେଷ ଅଧିକାରର ମଧ ଉଲ୍ଲଂଘନ କରୁଛି। ତେଣୁ ବ୍ୟକ୍ତିଗତ ଗୋପନୀୟତା ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ଡିଜିଟାଲ ସାମଗ୍ରୀର ବ୍ୟବହାର ନକରିବା ଲାଗି ସାଂସଦମାନଙ୍କୁ ପରାମର୍ଶ ଦିଆଯାଇଛି। ଆଜି ସନ୍ଧ୍ୟାରେ ଲୋକସଭା ପକ୍ଷରୁ ଜାରି ବୁଲେଟିନରେ କୁହାଯାଇଛି ଯେ ଏବେ ସାରା ଦେଶରେ ଉନ୍ନତ ବୈଷୟିକ ଜ୍ଞାନକୌଶଳ ସଂପନ୍ନ ଗ୍ୟାଜେଟ୍ ବହୁଳ ଭାବେ ବ୍ୟବହାର ବୃଦ୍ଧି ପାଇଛି। ଏଥିରେ ସ୍ମାର୍ଟ ଚଷମା, ପେନ୍ କ୍ୟାମେରା ଏବଂ ସ୍ମାର୍ଟ ଘଡ଼ି ରହିଛି। ଏଥିରୁ କିଛି ସାମଗ୍ରୀର ବ୍ୟବହାର କରାଯାଇ ସାଂସଦଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହୋଇପାରେ। ଏହାଦ୍ୱାରା ସାଂସଦମାନଙ୍କ ଗୋପନୀୟତା ବିପଦରେ ପଡ଼ିବ ▶ପୃଷ୍ଠା-୧୦

## ମହାକାଶକୁ ଇସ୍ରୋ ପଠାଇଲା ସବୁଠୁ ଓଜନିଆ ଉପଗ୍ରହ

### ଆମେରିକୀୟ ଉପଗ୍ରହ 'ବ୍ଲୁବାର୍ଡ ବ୍ଲକ-୨' ଉତ୍କ୍ଷେପଣ

### ମହାକାଶରୁ ସ୍ମାର୍ଟଫୋନକୁ ସିଧା କଲ୍ ହୋଇପାରିବ

■ ଶ୍ରୀହରିକୋଟା, ୨୪।୧୨ (ଏଜେନ୍ସି): ଭାରତର ସବୁଠାରୁ ଓଜନିଆ ବାହୁବଳୀ ରକେଟ ଏଲ୍‌ଭିଏମ୍‌୩-ଏମ୍‌୬ (ଲଞ୍ଚ୍ ଭେଇକଲ ମାର୍କ-୩ ଏମ୍‌୬) ଆଜି ସକାଳ ୮ଟା ୫୫ରେ ଆମେରିକୀୟ ଉପଗ୍ରହ ବ୍ଲୁବାର୍ଡ ବ୍ଲକ-୨ ମହାକାଶ ।।ରେ ଛାଡିଛି। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏହି ରକେଟ ଜରିଆରେ ୬, ୧୦୦କେଜି ଓଜନର ଏହି ଆମେରିକୀୟ ଉପଗ୍ରହ ଉତ୍କ୍ଷେପଣ କରିଛି। ବ୍ଲୁବାର୍ଡ ହେଉଛି ଭାରତ ମାଟିରୁ ଉତକ୍ଷେପଣ ହୋଇଥିବା ସବୁଠାରୁ ଓଜନିଆ ଉପଗ୍ରହ। ଉତକ୍ଷେପଣ ହେବାର ୧୫ ମିନିଟ୍ ପରେ ରକେଟଠାରୁ ଏହି ଉପଗ୍ରହ ଅଲଗା ହୋଇଥିଲା ଓ ୫୨୦ କିମି ଉପରେ ମହାକାଶ କକ୍ଷରେ ସଫଳତାର ସହ ସ୍ଥାପିତ ହୋଇଥିଲା।

ଇସ୍ରୋ ଅଧ୍ୟକ୍ଷ ଭି ନାରାୟଣନ ଏହାକୁ ଦେଶ ପାଇଁ ଏକ ବଡ଼ ସଫଳତା ବୋଲି କହିଛନ୍ତି। ପୂର୍ବରୁ ନଭେମ୍ବରରେ ଉଦ୍‌କ୍ଷେପଣ କରାଯାଇଥିବା ଏଲ୍‌ଭିଏମ୍‌୩- ଏମ୍‌୫ ଯୋଗାଯୋଗ ଉପଗ୍ରହ-୦୩ ପ୍ରାୟ ୪, ୪୦୦ କେଜି ଓଜନର ଥିଲା। ଏହାକୁ ଜିଓସିଙ୍କ୍ରୋନାସ ଟ୍ରାନ୍ସଫର ଅରବିଟ୍ (ଜଟିଓ)ରେ ସ୍ଥାପିତ କରାଯାଇଥିଲା। ବ୍ଲୁବାର୍ଡ ଉତ୍କ୍ଷେପଣ କରିଥିବା ଏଲଭିଏମ୩-ଏମ୍‌୬ ରକେଟର ▶ପୃଷ୍ଠା-୧୦

## ଦିବ୍ୟାଙ୍ଗ ନାବାଳିକା ଛାତ୍ରୀକୁ ଦୁଷ୍କର୍ମ ପରେ ହତ୍ୟା

# ଚାନ୍ଦବାଲି ଅଶାନ୍ତ, ରାଜ୍ୟ ହୁଲସ୍ଥୁଲ

### ମୁଖ୍ୟ ଅଭିଯୁକ୍ତ ଗିରଫ, ଘର, ଦୋକାନ ଉଚ୍ଛେଦ

■ ଭଦ୍ରକ, ୨୪।୧୨ (ସମିସ): ଚାନ୍ଦବାଲି ଏନ୍‌ଏସି ରାମପଲ୍ଲୀ ଗାଁ(୧୫ ନମ୍ବର ୱାର୍ଡ) ରେ ଜଣେ ଦିବ୍ୟାଙ୍ଗ ନାବାଳିକା ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଚାନ୍ଦବାଲି ଜଳୁଥିବା ବେଳେ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ ହୋଇଛି। ପୀଡ଼ିତାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଲୋକମାନେ ଶବ ରଖି ଟାୟାର ଜାଳି ରାସ୍ତାରୋକ କରିଥିଲେ। ଘଟଣା ଘଟିଥିବା ବାଲିଗାଁ ଛକରେ ପ୍ରବଳ ନିଶା କାରବାର ଯୋଗୁଁ ଏହି ଘଟଣା ଘଟିଥିବା ଏସ୍‌ପି ଶ୍ରୀ ରାଉତଙ୍କ ନିକଟରେ ▶ପୃଷ୍ଠା-୧୦

**ଆଜି ୬ ଘଣ୍ଟିଆ ଚାନ୍ଦବାଲି ବନ୍ଦ**



### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ; ୧୦ ଲକ୍ଷ ସହାୟତା

■ ଭୁବନେଶ୍ୱର, ୨୪।୧୨ (ସମିସ): ଭଦ୍ରକ ଜିଲ୍ଲାର ଚାନ୍ଦବାଲିଠାରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଦିବଙ୍ଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା ସହ ପୀଡ଼ିତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ▶ପୃଷ୍ଠା-୧୦

### ରାଜ୍ୟବାସୀ ବିଚଳିତ ଓ ଆତଙ୍କିତ: ନବୀନ



■ ଭୁବନେଶ୍ୱର, ୨୪।୧୨ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ୧୧ ବର୍ଷର ଶିଶୁକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ଅତ୍ୟନ୍ତ କଡ଼ା ଶବ୍ଦରେ ସମାଲୋଚନା କରିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଦିନକୁ ଦିନ ଓଡ଼ିଶାରେ ବଢୁଥିବା ଦୁଷ୍କର୍ମ ପରି ଘଟଣା ଓ ସରକାରଙ୍କ ଅପାରଗତା ସମସ୍ତଙ୍କୁ ବିଚଳିତ ଓ ଆତଙ୍କିତ କରିଦେଇଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ▶ପୃଷ୍ଠା-୧୦

## ଆଣ୍ଠେଇଲା ବାଂଲାଦେଶ

# ଭାରତକୁ ମାଗିଲା ଚାଉଳ



### ୫୫ ହଜାର ଟନ୍ ଶସ୍ତା ଚାଉଳ ପଠାଇବାକୁ ଅନୁରୋଧ

■ ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ପରାଜୟ ଆଶଙ୍କାରେ ସାଧାରଣ ନିର୍ବାଚନ ଘୁଞ୍ଚାଇବା ପାଇଁ ବାଂଲାଦେଶରେ ଜାଣିଶୁଣି ହିଂସା କରାଉଛନ୍ତି ୟୁନୁସ୍ ସରକାର। ଛାତ୍ର ନେତା ଉସ୍‌ମାନ ହାଦିଙ୍କୁ ହତ୍ୟା କରି ବାଂଲାଦେଶକୁ ସ୍ୱାଧୀନତା ଦେଇଥିବା ଭାରତ ଉପରେ ଏହାର ଦୋଷ ଲଗାଉଛି। ଏହି ଦେଶରେ ଭାରତ ବିରୋଧୀ ବିକ୍ଷୋଭ ଜୋରଦାର ହୋଇଛି। ଏପରି ସମୟରେ ଦେଶର କ୍ଷୁଧା ମେଣ୍ଟାଇବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଭାରତ ନିକଟରେ ହାତ ପତେଇଛନ୍ତି। ବାଂଲାଦେଶରେ ଦେଖା ଦେଇଥିବା ଗମ୍ଭୀର ଖାଦ୍ୟ ସଙ୍କଟର ସମାଧାନ ଲାଗି ୟୁନୁସ ସରକାର ଭାରତକୁ ନିବେଦନ କରିଛନ୍ତି। ଦେଶରେ ବହୁତ କମ ଚାଉଳ ଥିବାରୁ ଭାରତକୁ ୫୫ ହଜାର ଟନ୍ ଚାଉଳ ଦେବା ପାଇଁ ଅନୁରୋଧ କରିଛନ୍ତି। ଏପରି ସ୍ଥିତିରେ ବାଂଲାଦେଶକୁ କୌଣସି ଅନୁକମ୍ପା ନ ଦେଖାଇବା ପାଇଁ ଭାରତୀୟ ବ୍ୟବସାୟୀ ସଂଘ ଭାରତ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଭାରତ ବିରୋଧୀ ହିଂସା ଚଳାଇଥିବା ଢାକାକୁ ସବୁ ପକାର ରପ୍ତାନୀ ନିଷିଦ୍ଧ କରିବାକୁ ଦାବି କରିଛନ୍ତି। ବାଂଲାଦେଶ ଆର୍ଥିକ ପରାମର୍ଶଦାତା କହିଛନ୍ତି, ଦେଶ ପାଇଁ ରାଜନୀତି ନୁହେଁ; ଅର୍ଥନୀତି ଆଗ। ଭାରତ ସହ ସମ୍ବନ୍ଧ ସବୁଠାରୁ ଖରାପ ସ୍ତରକୁ ପହଞ୍ଚିଯାଇଛି ସତ, କିନ୍ତୁ ଏହାକୁ ସୁଧାରିବା ପାଇଁ ମହମ୍ମଦ ୟୁନୁସ୍ ପ୍ରୟାସ କରୁଛନ୍ତି। କିଛି ନେତା ଭାରତ ବିରୋଧୀ ଆଭିମୁଖ୍ୟକୁ ପ୍ରଶ୍ରୟ ଦେଉଛନ୍ତି ସତ, କିନ୍ତୁ ଏହା ବାଂଲାଦେଶର ରାଷ୍ଟ୍ରୀୟ ସ୍ୱାର୍ଥ ନୁହେଁ।

ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ବାଂଲାଦେଶ ଛାଡ଼ିବା ପୂର୍ବରୁ କୂଟନୈତିକ ସ୍ତରରେ ଭାରତ ସହ ବାଂଲାଦେଶର ସମ୍ପର୍କ ଖରାପ ହେବାରେ ଲାଗିଛି। ମାତ୍ର ବାଣିଜ୍ୟ ଦୃଷ୍ଟିରୁ ନୂଆଦିଲ୍ଲୀ ଉପରେ ଢାକା ସମ୍ପୂର୍ଣ୍ଣ ▶ପୃଷ୍ଠା-୧୦

### ନୂଆ ବର୍ଷରେ ପ୍ରଶାସନର ନୂଆ ମୁଖିଆ

## ଅନୁ ଗର୍ଗ ହେବେ ମୁଖ୍ୟ ସଚିବ



**ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ସଚିବ**

**ଜାନୁଆରୀ ପହିଲାରେ ନେବେ ଦାୟିତ୍ୱ**

■ ଭୁବନେଶ୍ୱର, ୨୪।୧୨ (ସମିସ): ୧୯୯୧ ବ୍ୟାଚର ବରିଷ୍ଠ ଆଇଏଏସ ତଥା ରାଜ୍ୟ ଉନ୍ନୟନ କମିସନର ଅନୁ ଗର୍ଗ ହେବେ ରାଜ୍ୟର ପରବର୍ତ୍ତୀ ମୁଖ୍ୟ ସଚିବ। ଆସନ୍ତା ଜାନୁଆରୀ ପହିଲାରେ ଶ୍ରୀମତୀ ଗର୍ଗ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ଆସନ୍ତା ୩୧ ତାରିଖରେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଶେଷ ହେବ ଓ ଏହାପରେ ଶ୍ରୀମତୀ ଗର୍ଗ ରାଜ୍ୟର ମୁଖ୍ୟ ସଚିବ ଭାବରେ ଆନୁଷ୍ଠାନିକ ଦାୟିତ୍ୱ ଗ୍ରହଣ କରିବେ। ୧୯୬୯ ମାର୍ଚ୍ଚ ୧ରେ ଜନ୍ମିତ ଅନୁ ଗର୍ଗ ମାତ୍ର ୨୨ବର୍ଷ ବୟସରେ ଆଇଏଏସ୍ ପାଇଥିଲେ। ଓଡ଼ିଶା କ୍ୟାଡ଼ର ଅଧିକାରୀ ଭାବରେ ସେ ▶ପୃଷ୍ଠା-୧୦

**ରାଜ୍ୟ କ୍ୟାବିନେଟରେ ୧୦ ପ୍ରସ୍ତାବକୁ ମୋହର**

## ସରକାର ଲଗାଇବେ ସ୍ମାର୍ଟ ମିଟର

- ୨ କିଲୋୱାଟ ଉପଭୋକ୍ତାଙ୍କୁ ମାଗଣା ମିଟର
- ଆରମ୍ଭ ହେବ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା
- ୫ ଆଇଟିଆଇକୁ କରାଯିବ ଉତ୍କର୍ଷ ଆଇଟିଆଇ
- ବିଶ୍ୱ ବିଦ୍ୟାଳୟରେ ନିଯୁକ୍ତିରେ ଲାଗିବ ସଂରକ୍ଷଣ
- ନିର୍ମାଣ ହେବ ୮ଟି ଉଠା ଜଳସେଚନ ପ୍ରକଳ୍ପ

■ ଭୁବନେଶ୍ୱର, ୨୪।୧୨ (ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୧୦ଟି ପ୍ରସ୍ତାବ ଉପରେ ବାଜିଛି ମୋହର। ରାଜ୍ୟରେ ଶତ ପ୍ରତିଶତ ସ୍ମାର୍ଟ ମିଟର ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଏମ୍‌ଏମ୍‌ଏସ୍‌ବିୱାଇ-ସ୍ମାର୍ଟ ମିଟର ସଂଯୋଗର ପ୍ରଥମ ପର୍ଯ୍ୟାୟକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ୨ କିଲୋୱାଟ ପର୍ଯ୍ୟନ୍ତ ବିଦ୍ୟୁତ ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ସଂଯୋଗ ପାଇଁ କୌଣସି ଅତିରିକ୍ତ ମିଟର ଭଡ଼ା ଦେବାକୁ ପଡିବ ନାହିଁ। ସେହିପରି ରାଜ୍ୟରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଲାଗୁ କରିବା ନିଷ୍ପତ୍ତି ଉପରେ କ୍ୟାବିନ୍ଟେ ମୋହର ବାଜିଛି। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନା ପାଇଁ ୨୫ଜଣ ବରପୁତ୍ରଙ୍କ ନାମ ସ୍ଥିରୀକୃତ ହୋଇଛି। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ପାଇଁ ସର୍ବାଧିକ ୧୫ କୋଟି ଟଙ୍କା ହିସାବରେ ରାଜ୍ୟ ସରକାର ୩୪୫ କୋଟି ଟଙ୍କା ଖର୍ଚ୍ଚ କରିବେ। ▶ପୃଷ୍ଠା-୧୦

## ଆଜିଠୁ ବଢ଼ିବ ଶୀତ

### ଦୁଇରୁ ତିନି ଡିଗ୍ରୀ ଖସିବ ପାରଦ

■ ଭୁବନେଶ୍ୱର, ୨୪।୧୨ (ସମିସ): ଆସନ୍ତାକାଲିଠାରୁ ରାଜ୍ୟରେ ପୁଣି ବଢ଼ିବ ଶୀତ। ଗୁରୁବାରଠାରୁ ରାଜ୍ୟକୁ କ୍ରମାଗତ ଭାବେ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବାହ ବଢ଼ିବ। ଏହାଦ୍ୱାରା ତାପମାତ୍ରାରେ ଆହୁରି ହ୍ରାସ ଘଟିବ। ଥଣ୍ଡା ବାୟୁର ପ୍ରବାହ ହେତୁ ବିଭିନ୍ନ ତାପମାତ୍ରା ୨-୩ ଡିଗ୍ରୀ ପର୍ଯ୍ୟନ୍ତ କମିଛି। ଏହ ଧାରାରେ ଆଗକୁ ମଧ ଅଧିକାଂଶ ସ୍ଥାନରେ ତାପମାତ୍ରା ତଳମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ବଡ଼ଦିନଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତର ପ୍ରଭାବ ପୁଣି ଥରେ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟାରେ କୋରାପୁଟରେ ତାପମାତ୍ରା ୬.୧, ସେମିଳିଗୁଡ଼ିରେ ୬.୬, ଝାରସୁଗୁଡ଼ାରେ ୬.୮, ଦାରିଙ୍ଗବାଡ଼ି ୭.୫, ଜି ▶ପୃଷ୍ଠା-୧୦




ସତ୍ୟମେବ ଜୟତେ



ପବିତ୍ର ବଡ଼ଦିନ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ। ଏହି ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ହରି ବାବୁ କମ୍ଭମପାଟି)

OIPR-15001/13/1295/2526

DADLS-72



ପବିତ୍ର ବଡ଼ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


# ବିମାନ ଦୁର୍ଘଟଣାରେ ଲିବ୍ୟା ସେନା ମୁଖ୍ୟଙ୍କ ମୃତ୍ୟୁ

ତ୍ରିପୋଲି, ୨୪।୧୨(ଏଜେନ୍ସି): ଉତ୍ତର ଆଫ୍ରିକୀୟ ଦେଶ ଲିବ୍ୟା ସେନାବାହିନୀର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ମହମ୍ମଦ ଅଲ- ହଦ୍ଦାକ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ରାତିରେ ତୁର୍କୀରେ ଏହି ବିମାନ ଦୁର୍ଘଟଣା ଘଟିଥିଲା। ଏହି ବିମାନରେ ୮ଜଣ ଲୋକ ଯାତ୍ରା କରୁଥିଲେ। ସେନା ମୁଖ୍ୟଙ୍କ ସମେତ ମୋଟ ୮ ଜଣ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ତୁର୍କୀ ଗୃହମନ୍ତ୍ରୀ ଅଲି ୟେରଲିକାୟା କହିଛନ୍ତି ଯେ, ଫାଲକନ- ବିମାନର ଭଗ୍ନାବଶେଷ ତୁର୍କୀ ରାଜଧାନୀ ଆଙ୍କାରା ନିକଟସ୍ଥ ମେମାନା ଅଞ୍ଚଳରେ ଠାବ କରାଯାଇଥିଲା। ଉଡାଣ ଭରିବାର ୩୦ ମିନିଟ୍ ପରେ ବିମାନଟି ଏକ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା। ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗର ଉନ୍ନତି ପାଇଁ ଲିବିଆର ଏକ ସାମରିକ ପ୍ରତିନିଧି ଦଳ ତୁର୍କୀ ସହିତ ଆଲୋଚନା ପାଇଁ ଆଙ୍କାରାରେ ଥିଲେ। ବୈଠକ ସାରି ଏମାନେ ଲିବିଆ ଫେରୁଥିଲେ। ଏହା ଦେଶ ପାଇଁ ଏକ ବଡ଼ କ୍ଷତି ବୋଲି ଲିବ୍ୟା ପ୍ରଧାନମନ୍ତ୍ରୀ ଅବଦୁଲ-ହମିଦ ଦବେବା କହିଛନ୍ତି। ବିମାନ ସ୍ଥାନୀୟ ସମୟ ରାତି ୮ଟାରେ ଆଙ୍କାରାର ଏସନବୋଗା ବିମାନ ବନ୍ଦରରୁ ଉଡାଣ ଭରିଥିଲା ଓ ଏହାର କିଛି ସମୟ ପରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା ତୁର୍କୀର ଗୃହମନ୍ତ୍ରୀ କହିଛନ୍ତି। ଅବତରଣ କରିବାକୁ ବିମାନର ପାଇଲଟ ସଂକେତ ପଠାଇଥିଲେ। ତେବେ ବିମାନ ସହ ସମ୍ପର୍କ ଛିନ୍ନ ହୋଇଥିଲା ବୋଲି ସେ କହିଛନ୍ତି। ଏହି ବିସ୍ଫୋରଣ ପରେ ଆଙ୍କାର ବିମାନ ବନ୍ଦରଙ୍କୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଥିଲା।

# ତାଇୱାନରେ ଭୂକମ୍ପ
## ଚୀନ୍, ଫିଲିପାଇନ୍ସ, ଜାପାନରେ ଝଟ୍‌କା

ତାଇପେ, ୨୪।୧୨(ଏଜେନ୍ସି): ତାଇୱାନର ଦକ୍ଷିଣପୂର୍ବ ଅଞ୍ଚଳରେ ବୁଧବାର ସନ୍ଧ୍ୟା ୫.୪୭ ମିନିଟ୍‌ରେ ୬.୧ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ। ଭୂକମ୍ପର ଝଟ୍‌କା ଚୀନ୍, ଫିଲିପାଇନ୍ସ ଓ ଜାପାନରେ ମଧ୍ୟ ଅନୁଭୂତ ହୋଇଥିଲା। ସେଣ୍ଟ୍ରାଲ ୱେଦର ଆଡମିନିଷ୍ଟ୍ରେସନ (ସିଡବ୍ଲ୍ୟୁଏ) ଅନୁସାରେ, ଭୂକମ୍ପର କେନ୍ଦ୍ର ତାଇତୁଙ୍ଗ କାଉଣ୍ଟି ହଲରୁ ୧୦.୧ କିମି ଦୂରରେ ଥିଲା ଓ ଏହାର ଗଭୀରତା ୧୧.୯ କିମି ଥିଲା। ଗୋଟିଏ ବର୍ଷ ପୂର୍ବରୁ ତାୱାନର ହୁଲିଏନ କ୍ଷେତ୍ରରେ ୨୦୨୪ ଏପ୍ରିଲ ୩ରେ ୭.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଗତ ୨୫ ମଧ୍ୟରେ ଏହାଥିବା ଏହି ଅଞ୍ଚଳର ସବୁଠାରୁ ଶକ୍ତିଶାଳୀ ଭୂକମ୍ପ। ଏଥିରେ ୧୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ୧୧୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ବହୁ କୋଠା ଧ୍ୱଂସସ୍ତୂପରେ ପରିଣତ ହେବା ସହ ପାହାଡରୁ ଭୂସ୍ଖଳନ ମଧ୍ୟ ହୋଇଥିଲା। ଦୁଇଟି ଟେକ୍ଟୋନିକ ପ୍ଲେଟ ଉପରେ ତାଇୱାନ ସୃଷ୍ଟି ହୋଇଛି।

# କାନାଡ଼ାରେ ଭାରତୀୟ ମହିଳାଙ୍କୁ ହତ୍ୟା



ଟରଣ୍ଟୋ, ୨୪।୧୨(ଏଜେନ୍ସି): କାନାଡ଼ାର ଟରଣ୍ଟୋ ସହରରେ ଜଣେ ୩୦ ବର୍ଷୀୟା ଭାରତୀୟ ବଂଶୋଦ୍ଭବ ମହିଳା ହିମାଂଶୀ ଖୁରାନାଙ୍କୁ ହତ୍ୟା କରାଯାଇଛି। ଏହି ମାମଲାରେ ସଂଦିଗ୍ଧ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ୱାରେଣ୍ଟ ଜାରି କରାଯାଇଛି। ପୁଲିସ ସୂଚନା ମୁତାବିକ, ଡିସେମ୍ବର ୧୯ରେ ଷ୍ଟ୍ରଚାନ ଆଭେନ୍ୟୁ ଓ ୱେଲିଂଟନ ଷ୍ଟ୍ରିଟ୍ ଅଞ୍ଚଳରୁ ଜଣେ ମହିଳ ନିଖୋଜ ହୋଇଥିବାର ରିପୋର୍ଟ କରାଯାଇଥିଲା। ପରଦିନ ସକାଳେ ୨୦ ତାରିଖରେ ପୁଲିସ ଏକ ଘର ଭିତରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲା। ଏହାକୁ ଏକ ହତ୍ୟାକାଣ୍ଡ ଭାବେ ବିଚାର କରି ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତକ ମହିଳାଙ୍କ ଟରଣ୍ଟୋ ନିବାସୀ ହିମାଂଶୀ ଖୁରାନା ବୋଲି ପୁଲିସ କହିଛି। ଏହି ଘଟଣା ସଂଦିଗ୍ଧ ବ୍ୟକ୍ତି ଅବଦୁଲ ଗଫୁର (୩୨) ପୀଡିତାଙ୍କୁ ଜାଣିଛନ୍ତି ଓ ସେ ମଧ୍ୟ ଟରଣ୍ଟୋରେ ରହୁଥିଲେ। ତା ବିରୋଧରେ ହତ୍ୟା ଅଭିଯୋଗ କରାଯାଇଛି। ଟରଣ୍ଟୋରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛି। ଦୂତାବାସ ହିମାଂଶୀଙ୍କ ପରିବାରଙ୍କୁ ସମବେଦନା ଜଣାଇଛି ଓ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛି। ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେବାକୁ ପୁଲିସ ଜନସାଧାରଣଙ୍କୁ ନିବେଦନ କରିଛି।

# ପରକୀୟା ସନ୍ଦେହରେ ବ୍ୟାଙ୍କ ମ୍ୟାନେଜର ପତ୍ନୀଙ୍କୁ ହତ୍ୟାକଲେ ଇଞ୍ଜିନିୟର ପତି



ନୂଆଦିଲ୍ଲୀ, ୨୪।୧୨(ଏଜେନ୍ସି): ବେଙ୍ଗାଲୁରୁରେ ଜଣେ ସଫ୍ଟୱୟାର ଇଞ୍ଜିନିୟର ମଙ୍ଗଳବାର ସନ୍ଧ୍ୟାରେ ସଡ଼କ ଉପରେ ହିଁ ନିଜ ପତ୍ନୀଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଏହାପରେ ସେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ ପତ୍ନୀ ପରକୀୟା ପ୍ରୀତିରେ ଥିବା ପତି ସନ୍ଦେହ କରୁଥିଲେ। ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବହୁ ଦିନ ହେବ ବିବାଦ ଜାରି ରହିଥିଲା। ମୃତ ମହିଳା ହେଉଛନ୍ତି ୩୯ ବର୍ଷୀୟ ଭୁବନେଶ୍ୱରୀ। ସେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ବସବେଶ୍ୱରନଗର ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର ଥିଲେ। ସେହିପରି ଅଭିଯୁକ୍ତ ସ୍ୱାମୀ ବାଲାମୁରୁଗାନ ଏକ ଘରୋଇ ଆଇଟି ଫାର୍ମରେ ସଫ୍ଟୱୟାର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଦୁଇଜଣ ତାମିଲନାଡୁର ସଲେମ ଜିଲ୍ଲାର ବାସିନ୍ଦା। ୧୮ ମାସ ହେବ ଦୁହେଁ ଅଲଗା ରହୁଥିଲେ। ଏହା ମଧ୍ୟରେ ସ୍ୱାମୀ ଚାକିରି ଛାଡି ସ୍ତ୍ରୀଙ୍କ ଉପରେ ନଜର ରଖିଥିଲେ। ଏହି ମାମଲାରେ ପୁଲିସ ଏକ ମାମଲା ଦାଏର କରିଛି। ପୁଲିସ କହିବା ଅନୁସାରେ ରାଜାଜୀନଗର ଇଣ୍ଡଷ୍ଟ୍ରିଆଲ ଏରିଆର ମେନ୍ ରୋଡ଼ ଉପରେ ମଙ୍ଗଳବାର ପାଖାପାଖି ସନ୍ଧ୍ୟା ୬.୩୦ରେ ବାଲାମୁରୁଗାନ ଅତିନିକଟରୁ ଭୁବନେଶ୍ୱରୀଙ୍କ ଉପରେ ୪ଟି ଗୁଳି ଚଳାଇଥିଲେ। ଦୁଇଟି ଗୁଳି ତାଙ୍କ ମୁଣ୍ଡରେ ବାଜିଥିଲା। ଆଉ ଦୁଇଟି ଗୁଳି ତାଙ୍କ ବାମହାତରେ ଲାଗିଥିଲା। ଆହତ ଅବସ୍ଥାନରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ୨୦୧୧ରେ ଦୁହେଁ ବିବାହ କରିଥିଲେ ଓ ସବୁକିଛି ଠିକ୍‌ଠାକ ଥିଲା। କିନ୍ତୁ ଗତ ଦେଢ଼ ବର୍ଷ ହେବ ଦୁହିଁଙ୍କ ମଧ୍ୟରେ ବିବାଦ ଓ ଝଗଡ଼ା ହୋଇଥିଲା। ଭୁବନେଶ୍ୱରୀଙ୍କଠାରୁ ଛାଡ଼ପତ୍ରର ନୋଟିସ ମିଳିବା ପରେ ମାମଲା ଆଗକୁ ବଢ଼ିଯାଇଥିଲା ଓ ବାଲାମୁରୁଗାନଙ୍କ ସନ୍ଦେହ ଦୃଢ଼ିଭୂତ ହୋଇଥିଲା। ଦୁହିଁଙ୍କ ଗୋଟିଏ ପିଲା ମଧ୍ୟ ରହିଛି ବୋଲି ପୁଲିସ କହିଛି।

# ଜଳୁଛି ଆସାମ: ପୁଲିସ ଗୁଳିରେ ୨ ମୃତ
## କାର୍ବି ଆଙ୍ଗଲଙ୍ଗରେ ସେନା ମୁତୟନ


ଗୌହାଟୀ, ୨୪।୧୨(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମ ଏବେ ଅଶାନ୍ତ। ଆଦିବାସୀ ଜମି ଜବରଦଖଲକୁ ନେଇ ଗତକିଛି ଦିନ ଲାଗି ରହିଥିବା ଅସନ୍ତୋଷ ବିସ୍ଫୋରକ ହୋଇଛି। ଗତ ତିନି ଦିନ ଧରି ଆସାମର ପଶ୍ଚିମ କର୍ବି ଆଙ୍ଗଲଙ୍ଗରେ ଉତ୍ତେଜନା ଲାଗି ରହିଛି। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହେଉଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ସରକାରଙ୍କ ସମସ୍ତ ଉଦ୍ୟମ ଫେଲ ମାରିଛି। ଉତ୍ତ୍ୟକ୍ତ ଲୋକେ ବ୍ୟାପକ ରୂପେ ପୋଡ଼ାଜଳାରେ ମାତିଛନ୍ତି। ସେମାନେ ପୁଲିସକୁ ମଧ୍ୟ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଆଜି ସେମାନେ ପୁଲିସ ଉପରକୁ ପଥର ସହିତ ତୀର ମାଡ଼ କରିଛନ୍ତି। ଏହାସହିତ ବୋମା ଆକ୍ରମଣ କରିଛନ୍ତି। ଏଥିରେ ୩୮ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ଦମନ କରିବା ଲାଗି ପୁଲିସ ଗୁଳି ଚଳାଇବାରୁ ଦୁଇ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସେହିଭଳି ଉତ୍ତ୍ୟକ୍ତ ଲୋକେ ନିଆଁ ଲଗାଇଦେବାରୁ ଆଉ ଜଣେ ବ୍ୟକ୍ତି ପାଡ଼ି ହୋଇ ପ୍ରାଣ ହରାଇଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଏହି ଅଞ୍ଚଳରେ ସେନା ମୁତୟନ କରାଯାଇଛି।



ଗତ କିଛି ଦିନ ହେଲା ଜବରଦଖଲ ହଟାଇବା ଦାବିରେ ଚାଲିଥିବା ଆନ୍ଦୋଳନ ହିଂସାର ରୂପ ନେବା ପରେ ହିଁ ଏହି ସ୍ଥିତି ଉପୁଜିଛି। କର୍ବି ସମ୍ପ୍ରଦାୟର ଲୋକ ଗତ ୧୫ ଦିନ ହେବ ଅନଶନରେ ବସିଥିଲେ। ଆନ୍ଦୋଳନ ତଥା ପ୍ରତିବାଦ ଆଳରେ ଦୁର୍ବୃତ୍ତମାନେ ଦୋକାନରୁ ଜିନିଷ ପତ୍ର ଲୁଟି ନେଇଥିଲେ, ଯାନବାହନ ଜାଳି ଦେଇଥିଲେ ଓ ଜିଲ୍ଲାର ସ୍ୱୟଂଶାସିତ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଘରକୁ ପୋଡି ଦେଇଥିଲେ। ଆନ୍ଦୋଳନକାରୀଙ୍କ ଦୁଇ ଗୋଷ୍ଠୀ ସାମ୍ନାସାମ୍ନି ହୋଇଥିଲେ। ଏହାପରେ ପରସ୍ପରକୁ ଟେକା ପଥର ଫିଙ୍ଗିଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଜିଲ୍ଲା ପ୍ରଶାସନ ଇଣ୍ଟରନେଟ ସେବାକୁ ବନ୍ଦ କରିବା ସହ କର୍ଫ୍ୟୁ ଜାରି କରିଛନ୍ତି। ଏହାସତ୍ତ୍ୱେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ସହିତ ଜଡିତ ଆନ୍ଦୋଳନକାରୀମାନେ କର୍ବି ଆଙ୍ଗଲଙ୍ଗ ଓ ପଶ୍ଚିମ କର୍ବି ଆଙ୍ଗଲଙ୍ଗ ପ୍ରଫେସନାଲ ଗ୍ରେଜିଂ ରିଜର୍ଭ (ପିଜିଆର) ଓ ଭିଲେଜ ଗ୍ରେଜିଂ ରିଜର୍ଭ (ଭିଜିଆର)ରେ ଅବୈଧ ଭାବେ ରହୁଥିବା ଲୋକଙ୍କୁ ହଟାଇବା ନେଇ ଦାବି ହେବା ପରେ ଏହି ସ୍ଥିତି ସୃଷ୍ଟି ହୋଇଛି। ଏଥିରେ ଖେରୋନୀ ଅଞ୍ଚଳରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି।

ଏହି ଅଞ୍ଚଳରେ ଆସାମ ବାହାର ଲୋକ ଆସି ଆଦିବାସୀ ଜମି ଜବରଦଖଲ କରିଛନ୍ତି। ଏହି ଜମିକୁ ଜବରଦଖଲ ମୁକ୍ତ କରିବା ଲାଗି ଆଦିବାସୀମାନେ ଦାବି କରିଛନ୍ତି। ଉଚ୍ଛେଦ ପାଇଁ ସରକାର ନୋଟିସ ମଧ୍ୟ ଜାରି କରିଥିଲେ। କିନ୍ତୁ ଉଚ୍ଛେଦ ଉପରେ ହାଇକୋର୍ଟ ରୋକ୍ ଲଗାଇଥିବାରୁ ସରକାର ଅସହାୟ ହୋଇଡ଼ିଛନ୍ତି। ଶାନ୍ତି ବଜାୟ ରଖିବା ଲାଗି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

# ହିନ୍ଦୁ-ମୁସଲମାନ ସମସ୍ୟା ପାଇଁ କଂଗ୍ରେସ ଦାୟୀ: ଗଡ଼କରୀ



ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଦେଶରେ ସୃଷ୍ଟି ହେଉଥିବା ହିନ୍ଦୁ- ମୁସଲମାନ ସମସ୍ୟା ପାଇଁ କଂଗ୍ରେସକୁ ଦାୟୀ କରିଛନ୍ତି। କଂଗ୍ରେସର ତଥାକଥିତ ଧର୍ମନିରପେକ୍ଷତାର ଭୁଲ ଚିନ୍ତାଧାରା ଓ ଭୋଟ ବ୍ୟାଙ୍କର ରାଜନୀତି କାରଣରୁ ଏହି ସାମ୍ପ୍ରଦାୟିକ ସମସ୍ୟା ଚାଲିଆସୁଛି। ପ୍ରକୃତପକ୍ଷେ କଂଗ୍ରେସ ଧର୍ମନିରପେକ୍ଷତାର ଭୁଲ ବ୍ୟାଖ୍ୟା କରିଥିଲା। ଧର୍ମ ନିରପେକ୍ଷତାର ଅର୍ଥ ହେଉଛି ସର୍ବ ଧର୍ମ ସମଭାବ। କିନ୍ତୁ ଏହାର ଅର୍ଥ ତୁଷ୍ଟିକରଣ ଆଦୌ ନୁହେଁ। ଅର୍ଥାତ୍ ସବୁଧର୍ମକୁ ସମାନ ଦୃଷ୍ଟିରେ ଦେଖିବା ଓ ସମାନ ଭାବେ ସମ୍ମାନ କରିବା, ସମସ୍ତଙ୍କୁ ସମାନ ନ୍ୟାୟ ପ୍ରଦାନ କରିବା ଏବଂ ସମାନ ଭାବେ ବ୍ୟବହାର କରିବା ବୋଲି ସେ କହିଛନ୍ତି। ଗଡ଼କରୀ ରାଜସ୍ଥାନ ବିଧାନସଭାର ବାଚସ୍ପତି ବାସୁଦେବ ଦେବନାନୀଙ୍କ ପୁସ୍ତକ 'ସନାତନ ସଂସ୍କୃତି କି ଅଟଳ ଦୃଷ୍ଟି'ର ଲୋକାର୍ପଣ ସମାରୋହରେ ଯୋଗ ଦେଇ ଏହି କଥା କହିଛନ୍ତି। ଏହି ଅବସରରେ ଉପ-ରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ମଧ୍ୟ ଉପସ୍ଥିତ ଥିଲେ। ଭାରତ ପୂର୍ବରୁ, ବର୍ତ୍ତମାନ ଓ ଭବିଷ୍ୟତରେ ଧର୍ମ ନିରପେକ୍ଷ ରହିବ। ତେବେ ଏହା କେବଳ ହିନ୍ଦୁ ସଂସ୍କୃତି କାରଣରୁ ସମ୍ଭବ ବୋଲି ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତବ୍ୟକୁ ଦୋହରାଇ କହିଥିଲେ। ଭାରତୀୟ ସଂସ୍କୃତି ସହିଷ୍ଣୁ, କରୁଣାମୟ ଓ ସମସ୍ତଙ୍କୁ ସାଥିରେ ନେଇ ଚାଲିବାକୁ ପ୍ରୟାସ କରିଥାଏ। କେବେ କୌଣସି ହିନ୍ଦୁ ରାଜା କୌଣସି ଧାର୍ମିକ ସ୍ଥଳ ନଷ୍ଟ କରିଥିବାର ଉଦାହରଣ ଇତିହାସରେ ମିଳେନାହିଁ ବୋଲି ସେ କହିଛନ୍ତି।

# ୨୦ ବର୍ଷ ପରେ ଏକାଠି ହେଲେ ଉଦ୍ଧବ ଓ ରାଜ ଠାକରେ

**ଏକାଠି ଲଢ଼ିବେ ମୁମ୍ବଇ ନଗର ନିଗମ ନିର୍ବାଚନ**

**ଅଜିତ ପାୱାରଙ୍କ ଉପରେ ନଜର**

ମୁମ୍ବଇ, ୨୪।୧୨(ଏଜେନ୍ସି): ଠାକରେ ପରିବାରର ଦୁଇ ଭାଇ ଉଦ୍ଧବ ଓ ରାଜ ଠାକ୍‌ରେ ଦୀର୍ଘ ୨୦ ବର୍ଷ ପରେ ଏକାଠି ହୋଇଛନ୍ତି। ବୃହନମୁମ୍ବଇ ନଗର ନିଗମ (ବିଏମ୍‌ସି) ନିର୍ବାଚନ ଦୁହେଁ ଏକାଠି ହୋଇ ଲଢ଼ିବେ ବୋଲି ଆଜି ଘୋଷଣା କରିଛନ୍ତି। ୨୦ ବର୍ଷ ପରେ ଶିବସେନା (ୟୁଟିବି) ଓ ରାଜଙ୍କ ମହାରାଷ୍ଟ୍ର ନବ ନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମଧ୍ୟରେ ମେଣ୍ଟ ହୋଇଛି। ପୂର୍ବରୁ ୨୦୦୫ରେ ରାଜ୍ ଶିବସେନାଠାରୁ ଅଲଗା ହୋଇ ଏମ୍‌ଏନ୍‌ଏସ୍ ପାର୍ଟି ଗଠନ କରିଥିଲେ। କିନ୍ତୁ ଏବେ ସାଥି ହୋଇ ନିର୍ବାଚନ ଲଢ଼ିବେ ବୋଲି ମିଳିତ ସାମ୍ବାଦିକ ସମ୍ମିଳନୀରେ ଦୁହେଁ ଘୋଷଣା କରିଛନ୍ତି। ଆମର ଚିନ୍ତାଧାରା ଗୋଟିଏ। ଆମେ ଅଲଗା ।।ହେଲେ ଭାଙ୍ଗିଯିବୁ। ମହାରାଷ୍ଟ୍ର ପାଇଁ ଆମେ ସମସ୍ତେ ଏକଜୁଟ ହୋଇଛୁ ବୋଲି ଉଦ୍ଧବ କହିଛନ୍ତି।

ଏହା ପୂର୍ବରୁ ଉଭୟ ନେତା ଶିବାଜୀ ପାର୍କରେ ବାଲାସାହେବ ଠାକରେଙ୍କ ସ୍ମାରକୀ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆସନ୍ତାବର୍ଷ ଜାନୁଆରୀ ୧୫ରେ ମହାରାଷ୍ଟ୍ରର ୨୯ଟି ନଗର ନିଗମ ପାଇଁ ନିର୍ବାଚନ ହେବ। ୧୬ ତାରିଖରେ ନିର୍ବାଚନର ଫଳାଫଳ ଘୋଷଣା କରାଯିବ। ମୁମ୍ବାଇର ମେୟର ଜଣେ ମରାଠୀ ହେବେ ଓ ସେ ଆମରି ଦଳର ସଦସ୍ୟ ହେବେ ବୋଲି ରାଜ କହିଛନ୍ତି। ୨୦୨୫ ଜୁଲାଇ ୫ରେ ହିନ୍ଦୀ ଭାଷାକୁ ନେଇ ଚାଲିଥିବା ବିବାଦରେ ଦୁଇ ନେତା 'ମରାଠୀ ଏକତା' ପାଇଁ ବର୍ଲି ଡୋମ୍‌ରେ ଏକାଠି ହୋଇଥିଲେ।

ଦୁଇ ଦଳ ଓ ନେତାଙ୍କ ମଧ୍ୟରେ ଆସନ ବୁଝାମଣା ହୋଇଛି। ଉଦ୍ଧବଙ୍କ ଦଳକୁ ୧୪୫ରୁ ୧୫୦ ଓ ରାଜଙ୍କୁ ୬୫ରୁ ୭୦ଟି ଆସନରେ ସୁଯୋଗ ମିଳିବ। ସେହିପରି ଶରଦ ପାୱାରଙ୍କ ଏନ୍‌ସିପି ଏହି ମେଣ୍ଟର ଅଂଶୀଦାର ହେବେ ଓ ତାଙ୍କୁ ୧୦ରୁ ୧୨ଟି ଆସନ ମିଳିପାରେ ବୋଲି କୁହାଯାଉଛି। ଦୁଇ ଠାକରେ ଭାଇ ଏକାଠି ହେବା ଦ୍ୱାରା ବିଜେପି ଉପରେ ଚାପ ବୃଦ୍ଧି ପାଇବ। ମରାଠୀ ଭୋଟର ଏକାଠି ହେବେ ଓ ସି ।।ନ୍ଦେ ଗୋଷ୍ଠୀର ଶିବସେନା ଉପରେ ମଧ୍ୟ ଚାପ ବୃଦ୍ଧି ପାଇବ। ବିଏମ୍‌ସି ଦେଶରୁ ସବୁଠାର ଧନୀ ନଗର ନିଗମ ମଧ୍ୟରୁ ଅନ୍ୟତମ। ଏଠାରେ ଦୀର୍ଘବର୍ଷ ଧରି ଶିବସେନାର ପତିଆରା ରହିଆସିଥିଲା। ତେଣୁ ରାଜ ଓ ଉଦ୍ଧବ ଏକାଠି ହେବା ଦ୍ୱାରା ମୁମ୍ବଇରେ ହରାଇ ଥିବା ଗୌରବକୁ ଫେରିପାଇବେ ବୋଲି ଆଶା ରଖିଛନ୍ତି।

# ହାଦି ହତ୍ୟା ପଛରେ ୟୁନୁସ ସରକାର

- ୟୁନୁସ ସରକାର ବିରୋଧରେ ହତ୍ୟା ଅଭିଯୋଗ ଆଣିଲେ ହାଦିଙ୍କ ଭାଇ
- ନିର୍ବାଚନ ରୋକିବାକୁ ଏପରି ଷଡ଼ଯନ୍ତ୍ର

ଢାକା, ୨୪।୧୨(ଏଜେନ୍ସି): ଭାରତ ବିରୋଧୀ ଯୁବନେତା ଉସମାନ ହାଦିଙ୍କ ହତ୍ୟା ମାମଲା ଏବେ ନୂଆ ମୋଡ଼ ନେଇଛି। ହାଦିଙ୍କ ଭାଇ ଏନେଇ ଏକ ନୂଆ ଓ ଗୁରୁତର ଅଭିଯୋଗ ଆଣିବା ପରେ ବାଂଲାଦେଶ ରାଜନୀତି ଓ ଗଣମାଧ୍ୟମଗୁଡିକରରେ ହଇଚଇ ସୃଷ୍ଟି ହୋଇଛି। ୟୁନୁସଙ୍କ ଅନ୍ତରୀଣ ସରକାର ହିଁ ହାଦିଙ୍କୁ ହତ୍ୟା କରିଛି ବୋଲି ତାଙ୍କ ଭାଇ ସରିଫ ଉମର ହାଦି ଅଭିଯୋଗ କରିଛନ୍ତି। ସରକାର ।।ରେ ଥିବା କେତେକ ପ୍ରଭାବଶାଳୀ ବ୍ୟକ୍ତି ହିଁ ହାଦିଙ୍କୁ ହତ୍ୟା କରିଛନ୍ତି। ଆଉ ଦୁଇମାସ ମଧ୍ୟରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବ। ନିର୍ବାଚନରେ ୟୁନୁସଙ୍କୁ ସମର୍ଥନ କରୁଥିବା ଦଳ ପରାଜୟ ବରଣ କରିବେ ବୋଲି ସର୍ଭେ ରିପୋର୍ଟ ମିଳିବା ପରେ ଏହି ନିର୍ବାଚନକୁ ରୋକିବା ପାଇଁ ଷଡ଼ଯନ୍ତ୍ର ଚାଲିଛି। ଏହି ଷଡ଼ଯନ୍ତ୍ର ଅନୁଯାୟୀ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଶାହାବାଗରେ ଆୟୋଜିତ ଇନ୍‌କିଲାବ ମଞ୍ଚର 'ସହିଦ ଶପଥ' କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ୟୁନୁସ ସରକାରଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ ଆପଣଙ୍କ ଲୋକମାନେ ହିଁ ହାଦିଙ୍କୁ ଷଡଯନ୍ତ୍ର କରି ମାରିଛନ୍ତି। ହାଦିଙ୍କୁ ହତ୍ୟା କରିଥିବା ଲୋକେ କୁଆଡ଼େ ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଦି କୌଣସି ବିଦେଶୀ ଏଜେନ୍ସି ଓ ପ୍ରଭାବଶାଳୀ ବିଦେଶୀ ଲୋକଙ୍କ ନିକଟରେ ମୁଣ୍ଡ ନୁଆଁଇ ନଥିଲେ। ଖାସ୍ ଏଥିପାଇଁ ତାଙ୍କୁ ଜୀବନର ମୂଲ୍ୟ ଦେବାକୁ ପଡ଼ିଲା ବୋଲି ଉମର କହିଛନ୍ତି। ଏନେଇ ଇନ୍‌କିଲାବ ମଞ୍ଚ ତରଫରୁ ୟୁନୁସ ସରକାରଙ୍କୁ ୩୦ ଦିନର ସମୟସୀମା ଦିଆଯିବା କଥାକୁ ଦୋହରାଯାଇଛି। ଏହି ସମୟସୀମା ମଧ୍ୟରେ ସରକାର ହତ୍ୟାକାରୀଙ୍କୁ ଚିହ୍ନଟ କରିବା ସହ ଗିରଫ କରିବାକୁ ଦାବି କରାଯାଇଛି। ଉଲ୍ଲେଖଥାଉ କି, ହାଦିଙ୍କୁ ଡିସେମ୍ବର ୧୨ରେ ଗୁଳିକରି କରାଯାଇଥିଲା। ଏହାପରେ ସିଙ୍ଗାପୁରରେ ଚିକିତ୍ସା କରାଯିବା ଅବସରରେ ସେ ୧୮ ତାରିଖରେ ମୃତ୍ୟୁବରଣ କରିଥିଲେ। ବାଂଲାଦେଶରେ ଆସନ୍ତାବର୍ଷ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ହେବ। ହାଦି ଢାକାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ଯୋଜନା କରୁଥିଲେ। ଇତିମଧ୍ୟରେ ଆଜି ବୋମା ବିସ୍ଫୋରଣରେ ଜଣେ ଯୁବକ ନିହତ ହୋଇଛନ୍ତି।

# ଚଳନ୍ତା କାର୍‌ରେ ଆଇଟି ମ୍ୟାନେଜରଙ୍କୁ ଗଣଦୁଷ୍କର୍ମ



**ସିଇଓ, ମହିଳା କାର୍ଯ୍ୟନିର୍ବାହୀ ମୁଖ୍ୟ ଓ ତାଙ୍କ ପତିଙ୍କ ବିରୋଧରେ ଅଭିଯୋଗ**

ଉଦୟପୁର, ୨୪।୧୨(ଏଜେନ୍ସି): ରାଜସ୍ଥାନର ଉଦୟପୁରରେ ଚଳନ୍ତା କାର୍‌ରେ ଜଣେ ଆଇଟି କମ୍ପାନୀ ମ୍ୟାନେଜର ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଜନ୍ମଦିନ ଉତ୍ସବ ।।ରେ ଯୋଗ ଦେବା ପରେ ଘରେ ଛାଡିଦେବା ବାହାନାରେ ଏହି କାଣ୍ଡ ଘଟାଯାଇଛି। ପୀଡିତା ଯୁବତୀ ଏଥିପାଇଁ ନିଜ କମ୍ପାନୀ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ, ମହିଳା କାର୍ଯ୍ୟନିର୍ବାହୀ ମୁଖ୍ୟ ଓ ତାଙ୍କ ପତିଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି।

ଏହି ଅଘଟଣ ସୁଖେର ଅଞ୍ଚଳରେ ଘଟିଥିଲା। ପୁଲିସ ଦେଇଥିବା ସୂଚନା ଅନୁସାରେ, ଯୁବତୀ ଜଣକ ଏକ ଘରୋଇ ଆଇଟି କମ୍ପାନୀର ମ୍ୟାନେଜର ଅଛନ୍ତି। ଡିସେମ୍ବର ୨୦ ତାରିଖରେ କମ୍ପାନୀର ସିଇଓଙ୍କ ଜନ୍ମଦିନ ଓ ନୂଆବର୍ଷ ପାର୍ଟି ଥିଲା। ଏକ ହୋଟେଲରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହା ପାଳନ କରାଯାଇଥିଲା। ସମସ୍ତେ ମଦ୍ୟପାନ କରିଥିଲେ। ଉତ୍ସବରୁ ରୁ ସମସ୍ତେ ଗଲା ପରେ ଏହି ୩ ଜଣ ତାଙ୍କୁ ଘରେ ଛାଡି ଦେବାକୁ କହିଥିଲେ। ରାସ୍ତାରେ ତାଙ୍କୁ ସିଗାରେଟ ଭଳି ଏକ ପଦାର୍ଥ ପିଇବାକୁ ଦିଆଯାଇଥିଲା ଓ ଏହାପରେ ଯୁବତୀ ଜଣକ ବେହୋସ ହୋଇଯାଇଥିଲେ। ଏହାର ସୁଯୋଗ ନେଇ ଦୁହେଁ ତାଙ୍କୁ ଦୁଷ୍କର୍ମ କରିଥିଲେ। ଚେତା ଆସିବା ପରେ ଯୁବତୀ ଜଣକ ଏହା ଜାଣି ପାରିଥିଲେ। ଡିସେମ୍ବର ୨୩ରେ ଯୁବତୀ ଏନେଇ ଥାନାରେ ଅଭିଯୋଗ କରିଥିଲେ। ତିନି ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ପୀଡିତାଙ୍କ ମେଡିକାଲ ଟେଷ୍ଟ କରାଯାଇଛି। ଯାଞ୍ଚ ପାଇଁ ମହିଳା ଅପରାଧ ଶାଖାର ଏସ୍‌ପି ମାଧୁରୀ ବର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି।

**ଉନ୍ନାଓ ଗଣଦୁଷ୍କର୍ମ ମାମଲା; କୁଳଦୀପଙ୍କ ଜାମିନକୁ ବିରୋଧ**

# ପୀଡ଼ିତା ପରିବାରକୁ ଘୋଷାଡ଼ିଲା ପୁଲିସ; ଗାଡ଼ିରୁ ଫୋପାଡ଼ିଦେଲା

ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ଉନ୍ନାଓ ଗଣଦୁଷ୍କର୍ମ ମାମଲାର ଦୋଷୀ ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ତାଙ୍କୁ ଦିଆଯାଇଥିବା ଆଜୀବନ କାରାଦଣ୍ଡାଦେଶକୁ ମଧ୍ୟ ସ୍ଥଗିତ ରଖିଛନ୍ତି। ଏହି ରାୟକୁ ବିରୋଧ କରି ମଙ୍ଗଳବାର ରାତିରେ ପୀଡ଼ିତା, ତାଙ୍କ ମାଆ ଏବଂ ଓକିଲ ତଥା ସାମାଜିକ କର୍ମୀ ଯୋଗିତା ଭୟାନା ଇଣ୍ଡିଆ ଗେଟ୍ ସାମ୍‌ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାୟ ବଦଳାଇବାକୁ ଦାବି କରିଥିଲେ। ସେମାନେ ଗଣମାଧ୍ୟମରେ ନିଜ ମତ ରଖୁଥିବା ବେଳେ ପୁଲିସ ଟିମ୍ ବର୍ବରତାର ସବୁ ସୀମା ଉଲ୍ଲଙ୍ଘନ କରିଦେଇଥିଲା। ଆନ୍ଦୋଳନ ବନ୍ଦ କରିବାକୁ କୁହାଯାଇଥିଲା। ମାତ୍ର ସେ ନ ଶୁଣିବାରୁ ଜୋର ଜବରଦସ୍ତି ପୀଡ଼ିତା, ତାଙ୍କ ମାଆ ଏବଂ ଓକିଲଙ୍କୁ ପୁଲିସ ଉଠାଇ ନେଇଥିଲା। ପୀଡ଼ିତାଙ୍କ ମାଆଙ୍କୁ ପୁଲିସ ଘୋଷାଡ଼ି ଘୋଷାଡ଼ି ନେଇ ଭ୍ୟାନରେ ଭର୍ତ୍ତି କରିଥିଲା। ଯୋଗିତା ଏହାର ଭିଡିଓ ଜାରି କରିଛନ୍ତି। ଦୁଷ୍କର୍ମ ପୀଡ଼ିତାଙ୍କ ସହ ପୁଲିସ କିଭଳି ଭାବେ ବ୍ୟବହାର କରୁଛି ତାହା ଦେଖାଯାଉଛି।

ବୁଧବାର ସକାଳେ ପୀଡ଼ିତା ଏବଂ ତାଙ୍କ ମାଆ ମଣ୍ଡି ହାଉସ ନିକଟରେ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ। କିନ୍ତୁ ଏସ୍କର୍ଟ ଦେଉଥିବା ସିଆରପିଏଫ ବସ ଏରିଆରେ ଅଟକି ନ ଥିଲା। ମଣ୍ଡି ହାଉସ କିମ୍ବା ଇଣ୍ଡିଆ ଗେଟ୍ କୋଉଠି ବି ଅନୁମତି ମିଳି ନାହିଁ ବୋଲି କୁହାଯାଇଥିଲା। ଉଭୟଙ୍କୁ ଜନ୍ତରମନ୍ତର କିମ୍ବା ନିଜ ଘରକୁ ପଠାଇ ଦିଆଯିବ। ଏହାର କିଛି ସମୟରେ ପୀଡ଼ିତାଙ୍କ ମାଆଙ୍କୁ ଏକ ଚଳନ୍ତା ବସ୍‌ର ଫାଟକ ନିକଟରେ ଦେଖିବାକୁ ମିଳିଥିଲା। ସିଆରପିଏଫ ଅଧିକାରୀ ତାଙ୍କୁ ବସ୍‌ରୁ ଡେଇଁବାକୁ ବାଧ୍ୟ କରିଥିଲେ। ତେବେ ଚିନ୍ତାର ବିଷୟ ଏହି କି ଯେ ଉକ୍ତ ବସ୍‌ରେ କୌଣସି ମହିଳା ସୁରକ୍ଷାକର୍ମୀ ନ ଥିଲେ। ସିଆରପିଏଫ ଅଧିକାରୀ ଧକ୍କା ଦେବା ପରେ ମହିଳା ବସ୍ ତଳକୁ ପଡ଼ି ଯାଇଥିଲେ।



ପୀଡ଼ିତା କହିଛନ୍ତି ଯେ ମୋ ମାଆଙ୍କୁ ଗାଡ଼ିରୁ ଫୋପାଡ଼ି ଦିଆଯାଇଥିଲା। ଆମକୁ ବନ୍ଦୀ କରି ରଖାଯାଇଥିଲା। ଓକିଲଙ୍କ ପାଖକୁ ବି ଯିବାକୁ ଦିଆଯାଇ ନ ଥିଲା। ସ୍ୱରାଷ୍ଟ୍ର ମନ୍ତ୍ରାଳୟର ନିର୍ଦ୍ଦେଶରେ ଏପରି କରାଯାଇଥିବା କୁହାଯାଇଥିଲା। ସେହିପରି ପୀଡ଼ିତାଙ୍କ ମାଆ କହିଛନ୍ତି ଯେ ହାଇକୋର୍ଟଙ୍କ ନିଷ୍ପତ୍ତି ଆମ ପାଇଁ କାଳ ସହ ସମାନ। ଆମେ ନ୍ୟାୟ ଚାହୁଁ। ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବୁ। ସେମାନେ ଆମକୁ ମାରିବାକୁ ଚାହୁଁଛନ୍ତି। ସିଆରପିଏଫ ଅଧିକାରୀ ମୋତେ ଗାଡ଼ିରୁ ଫୋପାଡ଼ି ଝିଅକୁ ନେଇ ଚାଲି ଯାଇଛନ୍ତି। ଅନ୍ୟପଟେ ପୀଡ଼ିତା ସନ୍ଧ୍ୟାରେ ଲୋକସଭା ।।ରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ତାଙ୍କ ମାଆ ସୋନିଆଙ୍କୁ ଭେଟିଛନ୍ତି। ପୀଡ଼ିତା କହିଛନ୍ତି ଯେ ଦେଶର ପ୍ରଥମ ଦୁଷ୍କର୍ମ ମାମଲାରେ ଭାବେ ଏଥିରେ ଦଣ୍ଡ ଉପରେ କଟକଣା ଲଗାଇ ଜାମିନ ଦିଆଯାଇଛି। ଦେଶର ସବୁ ଝିଅ ଏବେ ଭୟଭୀତ। କାରଣ ଦୁଷ୍କର୍ମର ଶିକାର ହେଲେ ଏଭଳି ଭାବେ ଅପରାଧୀ ବଞ୍ଚିଯିବେ। କୁଲଦୀପଙ୍କୁ ୫ କିମି ଭିତରେ ରହିବାକୁ ଅନୁମତି ଦେଇ ଆମକୁ କୋର୍ଟ ଘରେ କଏଦ କରି ରଖିଛନ୍ତି। ସୁପ୍ରିମକୋର୍ଟରୁ ନ୍ୟାୟ ମିଳିବ ବୋଲି ଆଶା। ଏହି ମାମଲାରେ ପୀଡ଼ିତା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିବାକୁ ଚାହୁଁଛନ୍ତି। ସେ ନ୍ୟାୟ ମିଳିବ ବୋଲି ସେ ଆଶା କରୁଛନ୍ତି।

ରାହୁଲ ଗାନ୍ଧୀ ଏହାକୁ ନେଇ ପୁଲିସ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ପୁଲିସକୁ ପ୍ରଶ୍ନବାଣ ମାରିଛନ୍ତି। ଗଣଦୁଷ୍କର୍ମ ପୀଡ଼ିତାଙ୍କ ସହ ଏଭଳି ବ୍ୟବହାର ଉଚିତ କି? ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରିବା ତାଙ୍କର ଭୁଲ୍ କି? ପୂର୍ବତନ ବିଜେପି ବିଧାୟକ ସେଙ୍ଗରଙ୍କୁ ଏହି ମାମଲାରେ ଜାମିନ ଦେବା ନୈରାଶ୍ୟଜନକ ଏବଂ ଅତ୍ୟନ୍ତ ଚିନ୍ତାର ବିଷୟ। ଦୁଷ୍କର୍ମୀଙ୍କୁ ଜାମିନ ଏବଂ ପୀଡ଼ିତାଙ୍କୁ ଅପରାଧୀ ଭଳି ବ୍ୟବହାର ଏହା କେମିତିକା ନ୍ୟାୟ ବୋଲି ରାହୁଲ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରରେ ଅସହମତିକୁ ନେଇ ସ୍ୱର ଉଠାଇବା ଅଧିକାର ଏବଂ ଏହାକୁ ଦବାଇ ଅପରାଧ ବୋଲି ରାହୁଲ କହିଛନ୍ତି।

## ଚାନ୍ଦବାଲି ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା

# ନାବାଳିକାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ଅସମର୍ଥ

### ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି, ବାସଭବନ ଘେରଉ କଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ

ଭୁବନେଶ୍ୱର,୨୪।୧୨(ସମିସ): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଗାଁରେ ତୃତୀୟ ଶ୍ରେଣୀରେ ପଢୁଥିବା ୧୦ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ନାବାଳିକା ମାନଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ଅସମର୍ଥ ଥିବାବେଳେ

■ ୧୮ ମାସର ବିଜେପି ଶାସନରେ କ୍ରମାଗତ ଭାବେ ନାବାଳିକା ଦୁଷ୍କର୍ମର ଶିକାର

■ ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଥାଇ ଯଦି ମୁଖ୍ୟମନ୍ତ୍ରୀ ପାରୁନାହାନ୍ତି ଗାଦି ଛାଡ଼ନ୍ତୁ

ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ଦଳ ଦାବି କରିଛି। ଯୁବ ଓ ଛାତ୍ର ବିଜେଡିର ବହୁସଂଖ୍ୟକ କର୍ମକର୍ତ୍ତା ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ ଉଦ୍ୟମ କରିଥିଲେ। ଧଉଳି ଗଣଦୁଷ୍କର୍ମ ଓ ସହୀଦ ନଗର ନାବାଳିକା ଦୁଷ୍କର୍ମ ଘଟଣା ଏଯାବତ୍ ରାଜ୍ୟବାସୀଙ୍କ ମନରୁ ଲିଭିନାହିଁ। ଏପରି ସମୟରେ ଚାନ୍ଦବାଲିର ଲୋମହର୍ଷଣକାରୀ ଘଟଣା ଓଡ଼ିଶାକୁ ସାରା ଦେଶରେ ନିନ୍ଦିତ କରିଛି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ବିଜେପି ସରକାର ଶାସନକୁ ଆସିବା ପରେ ରାଜ୍ୟରେ ମହିଳା ଓ ନାବାଳିକା ମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ଗୋପାଳପୁର, ବାଲିହରଚଣ୍ଡୀ, ଧଉଳି, ଶହୀଦ ନଗର, ମାଲକାନଗିରି ଗଣଦୁଷ୍କର୍ମର ଲମ୍ବା ତାଲିକା ଦେଖେଇ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁଙ୍କ ନେତୃତ୍ୱରେ ଦଳର ହଜାର ହଜାର ଯୁବ ଓ ଛାତ୍ର ଆଜି ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରିଥିଲେ । ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇବା ସହିତ ରାଜ୍ୟରେ ମହିଳା ଓ ନାବାଳିକା ମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି । ୧୮ ମାସର ବିଜେପି ଶାସନରେ ରାଜ୍ୟରେ ମହିଳା ଓ ନାବାଳିକାଙ୍କ ବିରୋଧରେ ଅପରାଧ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଏପରି ଦୟନୀୟ ସ୍ଥିତିରେ ପହଞ୍ଚିଛି ଯେ, ଅପରାଧୀ ମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ ରାଜ୍ୟରେ ମହିଳା ସୁରକ୍ଷା ସ୍ଥିତି ସଙ୍ଗୀନ ହୋଇଥିଲେ ମଧ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ତତ୍ପରତା ଦେଖାଉ ନାହାନ୍ତି । ଗୃହ ବିଭାଗ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିଲା ବେଳେ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ି ଯାଇଛି। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ବାରମ୍ବାର ଏଭଳି ଘଟଣା ଘଟୁଛି। ଯଦି ରାଜ୍ୟର ବିଜେପି ସରକାର ମହିଳା ମାନଙ୍କୁ ସୁରକ୍ଷା ଦେବାରେ ଅସମର୍ଥ, ତାହେଲେ ସରକାର ଗାଦି ଛାଡ଼ି ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଏହି ବିକ୍ଷୋଭରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଧୃତି ମାର୍ଥା, ଜ୍ୟୋତ୍ସ୍ନାମୟୀ ପରିଡ଼ା, ସୋଫିଆ ଆଲାମ, ତାରିଣୀ ପ୍ରସାଦ ନାୟକ, ଶୁଭ୍ରଜିତ୍ ପାଢ଼ୀ, ନୀଳମାଧବ ମହାନ୍ତି, ସୁଜିତ ପାଲଟାସିଂହ, ଅସ୍ମିତ ଦାସ, ସ୍ନେହାଶିଷ, ତବରେଜ ଖାନ, ଫାତିମା ଖାତୁନ, ଲଗ୍ନାଦୀପ ମିଶ୍ର, ଦୀପକ ଜେନା, ସତ୍ୟଜିତ୍ ପଟ୍ଟନାୟକ, ଦୀପକ ସାହୁ, ସୌମ୍ୟ ରଞ୍ଜନ ତ୍ରିପାଠୀ, ଜଗମୋହନ ବଳିଆରସିଂହ, ସୁଦୀପ୍ତ କୁମାର ସାମଲ, ଶେଖ ଅମୀର ଅହମ୍ମଦ, ସୌମ୍ୟ ଶଙ୍କର ରାୟ, ଦୀପକ ମହାପାତ୍ର, ମନୋଜ ମହାନ୍ତି, ସଞ୍ଜୀତ ମହାନ୍ତି, ମନୋଜ ସେନାପତି, ଅମରଜିତ୍ ସେନାପତି, ଅରୁପ ଶ୍ରୀଚନ୍ଦନ, ପ୍ରଶାନ୍ତ ସ୍ୱାଇଁ, ସ୍ମୃତି ରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ନାୟକ, ସ୍ୱାଗତିକା ମହାନ୍ତି, ଦୀପକ ବେହେରା, ଜ୍ୟୋତି ପ୍ରକାଶ ସାମଲ, ମନୋରଞ୍ଜନ ସ୍ୱାଇଁ, ବିକ୍ରମ ପଟ୍ଟନାୟକ, ଇଲା ସାସମଲ, ରାଜେଶ ରୋଶନ, ଶ୍ରୀଚନ୍ଦନ ପାତ୍ର, ମନୋଜ ମାରାଣ୍ଡି, ଦିବ୍ୟସିଂହ ସେଠୀ, ଶେଖ ନିୱାଜ, ସମିମ ଅଖତର, ସାଗର ବଳବନ୍ତରାୟ, ସାଇରାମ ସେଠୀ, ଶୁଭମ ବେହେରା, ଅମିତ କୁମାର ଜେନା, ଅଶୋକ ନାୟକ ପ୍ରମୁଖ ସାମିଲ ହୋଇଥିଲେ।






## ଚାନ୍ଦବାଲି ଦୁଷ୍କର୍ମ ଘଟଣାରେ ବର୍ଷିଲା କଂଗ୍ରେସ

# ରାଜ୍ୟବାସୀଙ୍କୁ କି ଆଶ୍ୱାସନା ଦେବେ ମନମୋହନ




ଭୁବନେଶ୍ୱର,୨୪।୧୨(ସମିସ): ଚାନ୍ଦବାଲିରେ ଘଟିଥିବା ଲୋମହର୍ଷଣକାରୀ ଦୁଷ୍କର୍ମ ଏବଂ ହତ୍ୟାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ତୃତୀୟ ଶ୍ରେଣୀର ଝିଅକୁ ଦୁଷ୍କର୍ମ ଏବଂ ହତ୍ୟା ମାମଲା ଅତ୍ୟନ୍ତ ବେଦନାଦାୟକ। ଦୁଷ୍କର୍ମକାରୀ ଝିଅର ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଛି। ଏହା ଖୋଦ ବିଜେପି ସଭାପତି ମନମୋହନ ସାମଲଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀର ଘଟିଥିବା ବେଳେ ଦୀର୍ଘ ୧୦ ମାସ ହେଲା ଚାନ୍ଦବାଲିରେ ଏସ୍‌ଡିପିଓ ନାହାନ୍ତି। ସ୍ଥାନୀୟ ଆଇଆଇସି ଚୋରା ମଦର କଣ୍ଟ୍ରୋଲ ରୁମ ଖୋଲିଥିବା ନେଇ କଂଗ୍ରେସ ଅଭିଯୋଗ କରିବା ସହ ପୀଡିତା ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଓ ସ୍ଥାନୀୟ ଆଇଆଇସିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି।

ଦଳ ପକ୍ଷରୁ ପୂର୍ବତନ ସାଂସଦ ଅନନ୍ତ ସେଠୀ ଓ କଂଗ୍ରେସ ନେତା ମନୋଜ ବିଶ୍ୱାଳ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିଜେପି ସଭାପତି ପଦରେ ମନମୋହନ ସାମଲ ଅଛନ୍ତି। ନିଜ ନିର୍ବାଚନ ମଣ୍ଡଳୀରେ ଘଟିଥିବା ଦୁଷ୍କର୍ମ ଘଟଣାକୁ ନେଇ ରାଜ୍ୟବାସୀଙ୍କୁ ସେ କି ଆଶ୍ୱାସନା ଦେବେ ବୋଲି ପ୍ରଶ୍ନ କରିବା ସହ ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱର ନାରୀ ନିର୍ଯ୍ୟାତନାର ହବ ପାଲଟିଛି ବୋଲି କଂଗ୍ରେସ କହିଛି। କଂଗ୍ରେସ ମୁଖପାତ୍ର ଡଃ ମନୀଷା ଦାସ ପଟ୍ଟନାୟକ କହିଲେ, ସରକାର ବର୍ତ୍ତମାନ ଜନତାଙ୍କ ପାଇଁ ଧୃତରାଷ୍ଟ୍ର ସାଜିଛି। ଛୋଟ ଝିଅଙ୍କ ପାଇଁ କଂସ ଅତ୍ୟାଚାର କରୁଛି। ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଯଦି ସରକାର ଚେତିଥାନ୍ତେ ତେବେ ସୌମ୍ୟାଶ୍ରୀ ବଳଙ୍ଗା ଏବଂ ବର୍ତ୍ତମାନର ଧଉଳି, ଚାନ୍ଦବାଲି ଘଟଣା ଦେଖିବାକୁ ମିଳି ନଥାନ୍ତା। ଯେହେତୁ ସରକାର ଏବଂ

■ ୧୦ ମାସ ହେଲା ଚାନ୍ଦବାଲି ଏସ୍‌ଡିପିଓ ପଦବୀ ଖାଲି ପଡିଛି

■ ରାଜ୍ୟରେ ଏକ ନିଲ୍ଲଠା, ଅଲାଜୁକ ସରକାରଙ୍କ ଶାସନ ଚାଲିଛି

ପୁଲିସ ଅପରାଧୀଙ୍କୁ ଘଣ୍ଟ ଘୋଡାଇବାରେ ବ୍ୟସ୍ତ ହେଲେ ତେଣୁ ଅପରାଧୀଙ୍କ ମନୋବଳ ବୃଦ୍ଧି ପାଇଲା ବୋଲି ଦଳ କହିଛି। ବଳାତ୍କାରୀ ଓ ହତ୍ୟାକାରୀଙ୍କୁ ଫୁଲମାଳ ଦେଉଥିବା ଦଳଙ୍କଠାରୁ ଆଉ କ'ଣ ଆଶା କରାଯାଇପରେ ଦଳ କହିଛି। ରାଜ୍ୟରେ ବର୍ତ୍ତମାନ ଅଯୋଗ୍ୟ ଏବଂ ନିକମ୍ମା ମହିଳା କମିଶନ ଅଛନ୍ତି। ତାଙ୍କ ସଦସ୍ୟ ରାତି ୮ ଟାରେ ଘରୁ ଝିଅପିଲା ନ ବାହାରିବା ପାଇଁ ତାଗିଦ କରୁଛନ୍ତି। ପ୍ରକୃତରେ ଆମେ ଏକ ନିଲ୍ଲଠା, ଅଲାଜୁକ ସରକାର ଦ୍ୱାରା ଶାସିତ ହେଉଛୁ ବୋଲି ଡଃ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ

## ବରଗଡ଼ରେ ଆଜିଠୁ ରାଜତନ୍ତ୍ର

ବରଗଡ଼,୨୪।୧୨(ସମିସ): ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚରେ ଆଜିଠାରୁ ଆରମ୍ଭ ହୋଇଛି ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା । ଏହି ଉପଲକ୍ଷେ ବୁଧବାର ମା' ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ବିରାଟ ଶୋଭାଯାତ୍ରା ହାଟପଦା ସ୍ଥିତରାଜ ଦରବାରରେ ପହଞ୍ଚିଥିଲା। ଆଜିଠାରୁ ବରଗଡ଼ ସହର ମଥୁରା ନଗରୀରେ ରୂପାନ୍ତରିତ ହୋଇଛି ଓ ଅମ୍ବାପାଲି ଗୋପପୁର ପାଲଟିଛି। ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଶୁଭାରମ୍ଭ ସହ ସମଗ୍ର ବରଗଡ଼ ଅଞ୍ଚଳ ଭକ୍ତି, ଆସ୍ଥା, ପୌରାଣିକ ପରିବେଶ ତଥା ଲୋକସଂସ୍କୃତିର ସୌନ୍ଦର୍ଯ୍ୟରେ ରଙ୍ଗିନ ହୋଇଉଠିଛି। ଦୀର୍ଘ ୧୧ ଦିନ ଧରି ଚାଲିବାକୁ ଥିବା ଏହି ବିଶାଳ ମୁକ୍ତାକାଶ ରଙ୍ଗମଞ୍ଚରେ ଶ୍ରୀକୃଷ୍ଣଙ୍କ ଲୀଳାର ବିଭିନ୍ନ ପୌରାଣିକ ଘଟଣାବଳୀ ସଜୀବ ଭାବେ ଉପସ୍ଥାପିତ ହେବ। ଆଜି ରଙ୍ଗମଞ୍ଚର ପ୍ରଥମ ଦିନର ରାଜ ଦରବାରରେ ମହାରାଜ ଉଗ୍ରସେନ ଦେବକୀ ଓ ବସୁଦେବଙ୍କ ବିବାହ ରାମଜୀ ମନ୍ଦିରରେ ବିବାହ ସମ୍ପନ୍ନ ହୋଇଥିଲା । ଦିଗ୍‌ବିଜୟ ସାରି କଂସ ଫେରିବା ପରେ ଦେବକୀର ଅଷ୍ଟମ ଗର୍ଭ ସନ୍ତାନ ତୋ ମୃତ୍ୟୁର କାରଣ ହେବ ବୋଲି ଦୈବବାଣୀ ହୋଇଥିଲା। ଏହା ଶୁଣି କଂସ ବିବ୍ରତ, କ୍ରୋଧିତ ହୋଇ ଉଠିଥିଲା। ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ୍ କରି ନିଜେ କଂସ ସିଂହାସନ ଆରୋହଣ କରିଥିଲା। ପରେ କଂସ ରାଜା ଦେବକୀ ବସୁଦେବଙ୍କୁ କାରାଗାରକୁ ପ୍ରେରଣ କରିଥିଲେ।



## ଷ୍ଟିୟରିଂ ଧରି ଆଖି ବୁଜିଲେ ଚାଳକ

କୁଆମରା,୨୪।୧୨(ସମିସ): ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ବୁଧବାର ସକାଳେ ଜଣେ ଚାଳକଙ୍କ ମୃତଦେହକୁ ଉଦ୍ଧାର କରିଛି କୁଆମରା ଫାଣ୍ଡି ପୁଲିସ। ମୃତକ ହେଉଛନ୍ତି ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସୁନିନ୍ଦା ଗ୍ରାମର ସନାତନ ପାରେଇ (୫୦) । ସନାତନ ମଙ୍ଗଳବାର ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଠାକୁରମୁଣ୍ଡାରୁ ବେତନଟୀ ଅଞ୍ଚଳକୁ ପତରପାଲି ନେଇ ଆସିଥିଲେ। ସେଠାରେ କାର୍ଯ୍ୟ ସାରି ଘରକୁ ଫେରୁଥିବାବେଳେ ସମ୍ଭବତଃ ଅସୁସ୍ଥତା ଅନୁଭବ କରି ଖୁଣ୍ଟା ଥାନା ଅନ୍ତର୍ଗତ ପୁରୁଣା ବାରିପଦା ବଜାର ନିକଟରେ ଗାଡ଼ିକୁ ରଖିଥିଲେ। ବୁଧବାର ସକାଳେ ସ୍ଥାନୀୟ ଲୋକେ ତାଙ୍କୁ ଷ୍ଟିୟରିଂ ଧରି ମୃତ ଅବସ୍ଥାରେ ଥିବା ଦେଖିଥିଲେ।

## ଆନ୍ଧ୍ରକୁ ରାଜସ୍ୱ ମନ୍ତ୍ରୀଙ୍କ ଚରମବାଣୀ

# କୋଟିଆରେ ପଶିଲେ ବନ୍ଧାହେବେ ଅଧିକାରୀ

ଭୁବନେଶ୍ୱର,୨୪।୧୨(ସମିସ): ଆନ୍ଧ୍ର ଅଧିକାରୀ ମାନେ କୋଟିଆକୁ ପ୍ରବେଶ କଲେ ସେମାନଙ୍କୁ ବନ୍ଧାଯିବ। ଯେଉଁମାନେ କୋଟିଆକୁ ଭ୍ରମ ସୃଷ୍ଟି କରିବାକୁ ଆସୁଛନ୍ତି ଓ ଏହାଦ୍ୱାରା ଉତ୍ତେଜନା ସୃଷ୍ଟି ହେଉଛି, ସେ କ୍ଷେତ୍ରରେ ପୁରୁଣା ସିଆର୍‌ପିସିର ଧାରା ୧୦୭ ଲାଗୁ ହେବ। ଏହି ଆଇନ୍‌ର ବ୍ୟବହାର କରିବାକୁ କୋରାପୁଟ ଏସ୍‌ପି ଓ

■ ଓଡ଼ିଶା କୋଟିଆର ମା'; ଆନ୍ଧ୍ର ମାଉସୀ ହୋଇ ରହୁ

■ କୋଟିଆ ସର୍ବଦା ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ

ସ୍ଥାନୀୟ ଡିଆଇଜିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପରାମର୍ଶ ଦେଇଛନ୍ତି। ନିକଟରେ କୋଟିଆ ଗସ୍ତ କରିଥିବା ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସେଠାରୁ ଫେରିବା ପରେ ଆଜି କୋଟିଆ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକ ପରେ ମନ୍ତ୍ରୀ କହିଛନ୍ତି ଯେ, କୋଟିଆକୁ ଆସିବା ଓ ବୁଲିବା ପାଇଁ କାହାରିକୁ ମନା ନାହିଁ। ମାତ୍ର ବିଚିତ୍ର କାର୍ଯ୍ୟ କଲେ ଅବା ଲିଫ୍‌ଲେଟ୍ ବାଣ୍ଟିଲେ ଆଇନକୁ ବ୍ୟବହାର କରାଯିବ। ଯଦି ସେମାନେ (ଆନ୍ଧ୍ର ଅଧିକାରୀ) ଆଇନ୍ ଦେଖିବାକୁ ଚାହୁଁଛନ୍ତି ତେବେ ଓଡ଼ିଶା ସରକାର ସେମାନଙ୍କୁ ଆଇନ୍ ଦେଖାଇବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ଓଡିଶା କୋଟିଆର ମାଆ, ଆନ୍ଧ୍ର ହେଉଛି ମାଉସୀ। ମାଆ ବଞ୍ଚିଥିବା ପର୍ଯ୍ୟନ୍ତ ମାଉସୀର ଆବଶ୍ୟକତା ନାହିଁ। ଆମ ସରକାର ପାଇଁ ଭୁବନେଶ୍ୱର ଯେତିକି ଗୁରୁତ୍ୱପୂର୍ଣ୍ଣ କୋଟିଆ ମଧ ସେତିକି ଗୁରୁତ୍ୱପୂର୍ଣ୍ଣ। କୋଟିଆ ଗାଁକୁ ବିକଶିତ କରିବା ପାଇଁ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। ରାଜ୍ୟ ସରକାରଙ୍କ ଗଠିତ କମିଟି ସବୁ ଦିଗକୁ ଦୃଷ୍ଟିରେ ରଖି କାମ କରୁଛି । ୩ ମାସ ପୂର୍ବେ ଏହି କମିଟିର ବୈଠକ ବସିଥିଲା। ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକର କିପରି କୋଟିଆରେ ସଠିକ୍ ରୂପାୟନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାକୁ ଆଧାର କରି ବାସ୍ତବ ସ୍ଥିତି ଦେଖିବାକୁ ମୁଁ କୋଟିଆ ଗସ୍ତ କରିଥିଲି। ସେଠାରେ ବାସ୍ତବ ସ୍ଥିତି ଦେଖିଲି।

ସ୍ଥାନୀୟ ବିଧାୟକ ଓ ବ୍ଲକ୍ ଅଧକ୍ଷଙ୍କ ସହିତ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କଲି। ରଥଯାତ୍ରା ସମୟରେ ପ୍ରଥମେ ସେଠାକୁ ଯାଇଥିଲି। ସେଥର ଓ ଏଥର ମଧରେ କୋଟିଆବାସୀଙ୍କ ମଧରେ ବ୍ୟାପକ ଭାବଭଙ୍ଗୀରେ ପରିବର୍ତ୍ତନ ଦେଖିବାକୁ ମିଳିଲା। ସେଠାରେ ଅନେକ କ୍ଷେତ୍ରରେ ପରିବର୍ତ୍ତନ ହୋଇଛି। ଏସବୁ ଦେଖି ସେମାନଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି, ଓଡ଼ିଶା ଆମ କଥା ବୁଝିବ। ଯେଉଁ ଅଧିକାରୀମାନେ କୋଟିଆ ବାସୀଙ୍କୁ ପ୍ରଲୋଭନ୍ ଦେଖାଇବାକୁ ଆସିଥିଲେ, ସେମାନଙ୍କୁ ଆମ ଅଧିକାରୀମାନେ ଘଉଡ଼ାଇଦେବା ସହ ସୀମା ପାର୍ କରିଦେଲେ। ଆନ୍ଧ୍ର ପ୍ରଦେଶ ସହିତ ଆଗକୁ ଏହି ପ୍ରସଙ୍ଗରେ ଆଲୋଚନା ହୋଇପାରେ। ସେଥିପାଇଁ କିଛି ଅଧୟନ କରାଯାଉଛି। ମାତ୍ର କୋଟିଆ ସର୍ବଦା ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ରହିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

# ତାଳଚେରରେ ଡବଲ ମର୍ଡର

ତାଳଚେର ସହର, ୨୪।୧୨ (ସମିସ): ତାଳଚେରରେ ଡବଲ ମର୍ଡର। ଦୁଇ ଯୁବକଙ୍କୁ ହତ୍ୟା କରି ରାସ୍ତା କଡ଼ରେ ଫିଙ୍ଗିଦେଲେ ଦୁର୍ବୃତ୍ତ। କିଛିଦିନ ତଳେ ହାଣ୍ଡିଧୁଆଁ ଛକସ୍ଥିତ ଏକ ଜିମ୍ ବାହାରେ ଦିନ ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ଖଣ୍ଡା ଏବଂ ଭୁଜାଲିରେ ଆକ୍ରମଣ ହୋଇଥିବା ବେଳେ ବୁଧବାର ଦୁଇ ଯୁବକଙ୍କୁ ହତ୍ୟା ଘଟଣା ତାଳଚେର ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତାଳଚେର ଲିଙ୍ଗିରାକଟା ଗ୍ରାମ ଦେଇ ଯାଇଥିବା ନାଲକୋ ପାଇପ ଲାଇନ ରାସ୍ତା କଡ଼ରେ ଦୁଇ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ମୃତକ ଦ୍ୱୟ ହେଲେ ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା ଭୋଗବେରେଣୀ ପଞ୍ଚାୟତ ନାରାୟଣଚନ୍ଦ୍ରପୁରର ଜନାର୍ଦ୍ଦନ ନାଏକ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଉଭୟଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ତାଳଚେର ପୁଲିସ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଡ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

**ଦୁଇଜଣଙ୍କୁ ମାରି ରାସ୍ତାକଡ଼ରେ ଫିଙ୍ଗିଦେଲେ**

ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା ଭୋର ସମୟରୁ ଶୌଚ ହେବାକୁ କହି ଘରୁ ଆସିଥିବା ବେଳେ ଜନାର୍ଦ୍ଦନ ନାୟକ ମଙ୍ଗଳବାର ରାତିରେ ନିଜ ସାଙ୍ଗ ସହ ବୁଲେଟରେ ଭୋଜି କରିବାକୁ କହି ଘରୁ ଆସିଥିଲେ। ବୁଧବାର ରାସ୍ତା ପାଶ୍ୱର୍ରୁ ଉଭୟଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅନ୍ୟପଟେ ଘଟଣା ସ୍ଥଳରେ ଅନୁଗୋଳ ଏସ୍‌ପି ପହଞ୍ଚି ତଦନ୍ତ କରିଛନ୍ତି। ଗାଁ ନିକଟରେ ଥିବା ଟାୱାର ନିର୍ମାଣକାରୀ ସଂସ୍ଥାର କର୍ମଚାରୀମାନେ ହତ୍ୟା କାଣ୍ଡରେ ସମ୍ପୃକ୍ତ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଘଟଣା ପରେ ଉକ୍ତ ସଂସ୍ଥାର ସମସ୍ତ କର୍ମଚାରୀ ନିଜ ମୋବାଇଲ ଫୋନ୍ ଓଏ ଆସବାବପତ୍ର ଛାଡ଼ି ଫେରାର ହୋଇଯାଇଛନ୍ତି। ଯାହାକୁ ନେଇ ହତ୍ୟାକାଣ୍ଡରେ ସେମାନଙ୍କ ସମ୍ପୃକ୍ତି ନେଇ ସନ୍ଦେହ ଅଧିକ ଘନୀଭୂତ ହେବାରେ ଲାଗିଛି। କମ୍ପାନୀ ପରିସରରେ ପୁଲିସ ପହଞ୍ଚି ତଦନ୍ତ କରିବା ସମୟରେ ସେଠାରେ ଥିବା ଗୋଟିଏ ଘରୁ ଜଣେ ଯୁବକଙ୍କୁ ଉଠାଇ ନେଇ ପଚରାଉଚରା କରୁଛି।

# ପ୍ରଦୂଷଣ ପ୍ରମାଣପତ୍ର କଟକଣା ଆଉ ମାସେ କୋହଳ

## ଫେବୃଆରୀରୁ ନିୟମ ଲାଗୁ ହେବା ନେଇ ମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର,୨୪।୧୨(ସମିସ): ମୋଟର ଯାନର ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ନେଇ ଜନସାଧାରଣ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅନୁଧାନ କରିବା ପରେ ସରକାର 'ବୈଧ ପ୍ରଦୂଷଣ ପ୍ରମାଣପତ୍ର ବିନା ଇନ୍ଧନ ମନା' ନିଷ୍ପତ୍ତିକୁ ଘୁଞ୍ଚାଇ ଦେଇଛନ୍ତି। ପୂର୍ବରୁ ନୂଆବର୍ଷ ଜାନୁଆରୀ ପହିଲାରୁ ଏହା ଲାଗୁ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହାକୁ



ଫେବୃଆରୀ ପହିଲାକୁ ଘୁଞ୍ଚାଯାଇଛି। ଏହି ଅବଧି ମଧରେ ମୋଟରଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଗାଡ଼ିମାଲିକମାନେ ଯାନର ପ୍ରଦୂଷଣ ଯାଞ୍ଚ କରାଇନେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

ରାଜ୍ୟରେ ଏଭଳି ନିୟମ ଲାଗୁ ନେଇ ପରିବହନ ବିଭାଗ କଡ଼ା ନିର୍ଦ୍ଦେଶନାମା ପରେ ଗାଡ଼ି ଚାଳକଙ୍କ ମଧରେ ଛନକା ପଶିଛି। ଏଥିପାଇଁ ୩-୪ ଦିନ ହେବ ସବୁ ପ୍ରଦୂଷଣ ସାର୍ଟିଫିକେଟ୍ କେନ୍ଦ୍ରଗୁଡ଼ିକ ଆଗରେ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ମୁଖ୍ୟତଃ ଯେଉଁମାନଙ୍କର ପ୍ରଦୂଷଣ ପ୍ରମାଣପତ୍ର ନାହିଁ, ସେମାନଙ୍କୁ ପୁରୁଣା ଚାଲାଣ ବାବଦ ଅର୍ଥରାଶି ପୈଠ କରିବାକୁ ବାଧ୍ୟତାମୂଳକ କରାଯାଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଗାଡ଼ିମାଲିକମାନେ ସେମାନଙ୍କ ପୁରୁଣା ଚାଲାଣ ବାବଦ ଜରିମାନା ରାଶି ପୈଠ ପାଇଁ ଟ୍ରାଫିକ୍ ଥାନାଗୁଡ଼ିକରେ ଲମ୍ବା ଲାଇନ୍ ଲଗାଉଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ମଧ ଦାନା ବାନ୍ଧିବାରେ ଲାଗିଛି।

ଏହା ବ୍ୟତୀତ ଅନେକ ଗାଡ଼ି ଚାଳକଙ୍କୁ ବିନା କାରଣରେ ଚାଲାଣ ଆସିଥିବା ଅଭିଯୋଗ ହେଉଛି। ଏମିତି କି କାର୍ ଚାଳଣ ମୋଟ୍‌ରସାଇକଲ ଚାଳକଙ୍କୁ ମଧ ଆସୁଛି ବୋଲି ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଓ ଲୋକଙ୍କ ଅସୁବିଧାକୁ ଦେଖି ମଙ୍ଗଳବାର ପରିବହନ ବିଶେଷଜ୍ଞ ସୁବ୍ରତ ନନ୍ଦ ଏହି ଘଟଣାରେ ରାଜ୍ୟ ମାନବାଧିକାର କମିସନଙ୍କ ହସ୍ତକ୍ଷେପ ଲୋଡ଼ିବା ସହିତ ତୁରନ୍ତ ଏହି ନିୟମ ଲାଗୁ ପାଇଁ ୬ ମାସ ସମୟ ଦେବାକୁ ଦାବି କରିଥିଲେ। ଏହା ବ୍ୟତୀତ ସରକରା ଚାଲାଣ ପୈଠ ପରିମାଣକୁ ଅଧା କରିଦେଇଥିଲେ ହେଁ ମୋଟରଯାନ ଆଇନର କୌଣସି ଧାରାରେ ଜୋରିମାନା ନ ଦେଲେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି କୌଣସି ବ୍ୟବସ୍ଥା ନାହିଁ। ତେଣୁ ଏହାକୁ ତୁରନ୍ତ ବନ୍ଦ କରିବାକୁ ମଧ ଦାବି ହୋଇଛି।

■ ପରୀକ୍ଷା ଦେଇ ଫେରିବା ବାଟରେ ଅଘଟଣ

# ଦୁର୍ଘଟଣାରେ ୨ ଛାତ୍ର ମୃତ ,ଜଣେ ଗୁରୁତର

ରେଢ଼ାଖୋଲ,୨୪।୧୨(ସମିସ): ସମ୍ବଲପୁର ଜିଲ୍ଲା ଭୀମଭୋଇ ମହାବିଦ୍ୟାଳୟରେ ପରୀକ୍ଷା ଦେଇ ଫେରିବା ବାଟରେ ବାଇକ୍ ଦୁର୍ଘଟଣାରେ ଦୁଇ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ରେଢ଼ାଖୋଲ ନାକଟିଦେଉଳ ରାସ୍ତାର ହଳଦୀଘାଟ ବ୍ରିଜ ନିକଟ ବୁଲାଣି ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଭୀମଭୋଇ କଲେଜର ଦୁଇଜଣ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ରମାନେ ଯୁଯୁମୁରା ବ୍ଲକ୍ କୟାକୁଦ ପଞ୍ଚାୟତ ରାମବଡ଼ମାଳଗ୍ରାମର ବାସିନ୍ଦା ବାଦଳ ବିଞ୍ଝାଲ ଓ ଚାରମାଳ ପଞ୍ଚାୟତ ନୂଆପଡାର ଠାକୁର ଦେହୁରୀ। ସୂଚନା ଯୋଗ୍ୟ ଯେ ଭୀମଭୋଇ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କଳା ବିଭାଗର ୩ ଜଣ ଛାତ୍ର ନୂଆପଡ଼ା ଗ୍ରାମର ସତ୍ୟବ୍ରତ ଦେହୁରୀ ,ଠାକୁର ଦେହୁରୀ ଓ ରାମ ବଡ଼ମାଳ ଗ୍ରାମର ବାଦଳ ବିଞ୍ଝାଲ ବୁଧବାର କଲେଜରେ ପରୀକ୍ଷା ଦେଇ ସାରି ଏକ ବାଇକ୍‌ରେ ନାକଟିଦେଉଳ ରାସ୍ତାରେ ଯାଉଥିଲେ। ହଳଦୀଘାଟ ବ୍ରିଜ ନିକଟ ବୁଲାଣି ରାସ୍ତାରେ ବାଇକ୍ ଭାରସାମ୍ୟ ହରାଇ କଡ଼ରେ ଥିବା ବାଡାରେ ଧକ୍କା ହୋଇ ଦୁର୍ଘଟଣା ହୋଇଥିଲେ। ଫଳରେ ଉକ୍ତ ଛାତ୍ରମାନେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ବାଦଳ ବିଞ୍ଝାଲକୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବୁର୍ଲା ସ୍ଥାନାନ୍ତର ବେଳେ ରାସ୍ତାରେ ଠାକୁର ଦେହୁରୀଙ୍କ ମୃତ୍ୟୁ ହୋଇଥିଲା ।ସତ୍ୟବ୍ରତ ଦେହୁରୀ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ନେଇ ଗଠନ ହେବ ଅର୍ଥନୈତିକ କ୍ଷେତ୍ର

# ନିର୍ମାଣ ହେବ ୬୪୫ କିଲୋମିଟର ରିଙ୍ଗ୍ ରୋଡ୍

ଭୁବନେଶ୍ୱର,୨୪।୧୨(ସମିସ): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳକୁ ନେଇ ଅର୍ଥନୈତିକ କ୍ଷେତ୍ର (ଇକୋନୋମିକ୍ ରିଜିଅନ୍) ଗଠନ କରାଯିବ। ଏହି ସମଗ୍ର ଅଞ୍ଚଳରେ ଥିବା ସହର ଗୁଡିକୁ 'ଗ୍ରୋଥ୍ ହବ୍' ଭାବେ ବିକଶିତ କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବୁଧବାର ଲୋକସେବା ଭବନରେ ଏନେଇ

### 'ଗ୍ରୋଥ୍ ହବ୍'ହେବ ସମଗ୍ର ଅଞ୍ଚଳର ସହରାଞ୍ଚଳ: ମୁଖ୍ୟମନ୍ତ୍ରୀ

ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ସୂଚନା ଅନୁସାରେ ଅର୍ଥନୈତିକ କ୍ଷେତ୍ରରେ ୩ଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏଥିରେ କ୍ୟାପିଟାଲ ରିଙ୍ଗ୍ ରୋଡ୍ ଅଧୀନରେ ପାରାଦୀପରୁ ଟାଙ୍ଗୀ, ସପ୍ତଶଯ୍ୟା, ରାମେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ୪୩୨ କିଲୋମିଟରର ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏହାକୁ କେନ୍ଦ୍ର ସରକାରଙ୍କ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ (୧୧୧ କିଲୋମିଟର) ସହିତ ସମନ୍ୱିତ କରି ନିର୍ମାଣ କରାଯିବ। କଟକ ଜିଲ୍ଲା ଜାତମୁଣ୍ଡିଆ-ତ୍ରିଶୁଳିଆ-ଉରାଳି ଦେଇ ବାଲିପାଟଣା-ପିପିଲି-ଜଟଣୀ-ଖୋର୍ଦ୍ଧା ପର୍ଯ୍ୟନ୍ତ ୧୪୮ କିଲୋମିଟରର ଏକ ଆଉଟର ରିଙ୍ଗ୍ ରୋଡ୍ ଏବଂ ଖୋର୍ଦ୍ଧା ଜିଲ୍ଲା ତମାଣ୍ଡୋ ଠାରୁ ଚନ୍ଦକା-ପାହାଳ-ଧଉଳି ଦେଇ ୬୫ କିଲୋମିଟରର ଏକ ଇନ୍‌ର ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବାର ଯୋଜନା ରହିଛି। ଏହିପରି ସମୁଦାୟ ୬୪୫ କିଲୋମିଟରର ୩ଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏଥି ସହିତ ଏହି ଯୋଜନାରେ ପୁରୀଠାରୁ କୋଣାର୍କ ପର୍ଯ୍ୟନ୍ତ ୩୨ କିଲୋମିଟର ରେଳପଥ ଏବଂ କୋଣାର୍କରୁ ଭୁବନେଶ୍ୱର ଭାୟା ନିମାପଡା ଦେଇ ୭୦ କିଲୋମିଟର ରେଳପଥ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି।

ଏହି ରିଜିଅନ୍ ମଧରେ କୃଷି ଓ ମତ୍ସ୍ୟ ଉଦ୍ୟୋଗ, ମାନୁଫାକ୍‌ଚରିଙ୍ଗ୍, ପରିବହନ, ବନ୍ଦର ଭିତ୍ତିକ ଶିଳ୍ପ, କେମିକାଲ୍‌ସ, ଟେକ୍ସଟାଇଲ୍‌ସ, ଆଇ.ଟି. ଭଳି ଅନେକ ଶିକ୍ଷାନୁଷ୍ଠାନ ଗଢି ଉଠିବ। ଏସବୁ ଅଞ୍ଚଳ ଗୁଡିକରେ ପର୍ଯ୍ୟଟନ କ୍ଷେତ୍ରରେ ମଧ ଅଭିବୃଦ୍ଧି ଘଟିବ। ବୈଠକରେ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ସହିତ ନିୟମିତ ଯୋଗାଯୋଗରେ ରହି ଏହି ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ନୂଆ ନୀତି ଆଣିବା ସହିତ ଆବଶ୍ୟକ ସ୍ଥଳେ ପ୍ରଚଳିତ ନୀତିରେ ସଂଶୋଧନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୌର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜମିରେ ବୁଲୁଛନ୍ତି ଶତାଧିକ ହାତୀ

ଢେଙ୍କାନାଳ, ୨୪।୧୨(ସମିସ)



ଢେଙ୍କାନାଳ ବନଖଣ୍ଡର ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକସନ ଅନ୍ତର୍ଗତ ଶଙ୍କରପ୍ରତାପ ଗ୍ରାମ ଠାରୁ ହରିପୁର ପର୍ଯ୍ୟନ୍ତ ସଞ୍ଜ ହେଲେ ପଲ ପଲ ହାତୀ ଜମିରେ ପ୍ରବେଶ କରୁଛନ୍ତି। ହାତୀ ଭୟରେ ଚାଷୀ ଧାନ ଜମି ସହିତ ଫସଲକୁ ଜଗି ରହୁଥିବା ବେଳେ ଗ୍ରାମବାସୀ ରାତି ଅନିଦ୍ରା ହେଉଛନ୍ତି।

ଗଦାଶିଳା ଫରେଷ୍ଟ ସେକସନ ଅନ୍ତର୍ଗତ ପୋହଳି ଗ୍ରାମ ନିକଟରେଥିବା ଜାମୁଚକଡା ଜଙ୍ଗଲ ହାତୀ ମାନଙ୍କ ପାଇଁ ସୁରକ୍ଷିତ ରହଣି ସ୍ଥାନ ପାଲଟିଛି। ଆଜକୁ ୧୫ ଦିନ ହେବ ହାତୀ ପଲ ସନ୍ଧ୍ୟା ହେବା ମାତ୍ରେ ପଲ ପଲ ହୋଇ ଜଙ୍ଗଲରୁ ବାହାରି ଆସୁଛନ୍ତି। ହାତୀ ପଲ ଗଦାଶିଳାପଞ୍ଚାୟତର ପୋହଳି, ଶଙ୍କରପ୍ରତାପପୁର, ଚାଇଁପୁର, ଗଦାଶିଳା, ସାଇଁବିରି, ମହେନ୍ଦ୍ରପୁର, ସିମିନଇ, ଅଙ୍କରାନ୍ତିପୁର, ମୂଳିସିଂହ, ପଞ୍ଝପଟିରେ ଉପଦ୍ରବ କରୁଛନ୍ତି। କେତେକ ସ୍ଥାନରେ ଧାନଫସଲ ଖାଇବା ସହିତ ବିଭିନ୍ନ ଦ୍ରବ୍ୟ ନଷ୍ଟ କରୁଛନ୍ତି। ସେହିପରି ହାତୀପଲ କାଶିଆଡିହ ପଞ୍ଚାୟତ ଅନ୍ତର୍ଗତ ମହୀଧରପୁର, କାଶିଆଡିହ, ବଳରାମପୁର ପଞ୍ଚାୟତରବଳରାମପୁର, ସାରିଆପଡ଼ା ଗ୍ରାମ ନିକଟ ଜମିରେ ଉପଦ୍ରବ କରୁଥିବା ବେଳେ ଗୁଣ୍ଡିଚାପଡ଼ା ପଞ୍ଚାୟତର ଗୁଣ୍ଡିଚାପଡ଼ା, ହରିପୁର, ଛାଟିଆ, ଡେଙ୍ଗବୋରେଇରେ ମଧ ଉପଦ୍ରବ କରୁଛନ୍ତି। ସନ୍ଧ୍ୟା ହେବା ମାତ୍ରେ ଚାଷୀମାନେ ନିଆଁ ଜାଳି ଜଗି ରହୁଥିବା ବେଳେ ହାତୀପଲ ମାନୁନାହାଁନ୍ତି। ହାତୀମାନେ ତିନି ଚାରି ପଲ ହୋଇ ପ୍ରବେଶ କରୁଥିବା ବେଳେ ଏକ ଶହରୁ ଅଧିକ ହାତୀ ଚଳପ୍ରଚଳକରୁଥିବାର ଜଣାପଡ଼ିଛି। ସଞ୍ଜ ହେବା ମାତ୍ରେ ହାତୀପଲ ଗଦାଶିଳା-ବଳରାମପୁର ରାସ୍ତାପାର ହେଉଥିବା ବେଳେହାତୀ ଦେଖିବାକୁ ରାସ୍ତା ଉପରେ ଲୋକଙ୍କ ଭିଡ ଜମୁଛି। ସେହିପରି ସଞ୍ଜ ହେଲେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ହାତୀ ପଲ ପ୍ରତି ଦିନ ୮କିଲୋମିଟର ଅଞ୍ଚଳରେ ଉପଦ୍ରବ କରୁଥିବା ବେଳେସକାଳ ପାହିବା ମାତ୍ରେ ପୁଣି ରାସ୍ତାପାର ହୋଇ ଜଙ୍ଗଲକୁ ଚାଲିଯାଉଛନ୍ତି। ହାତୀ ପଲକୁ ଦେଖିବା ପାଇଁ ସକାଳ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଲୋକ ଛିଡା ହୋଇ ହାତୀ ଦେଖୁଛନ୍ତୀ। ହାତୀପଲକୁ ନିୟନ୍ତ୍ରଣ କରିବା ପାଇଁ ଗଦାଶିଳା ଫରେଷ୍ଟ ସେକସନର କର୍ମଚାରୀ ମାନେ ସଜାଗ ରହୁଛନ୍ତି। ତଥାପି ହାତୀ ଚଳପ୍ରଚଳନେଇ ନିକଟସ୍ଥ ଗ୍ରାମ ଗୁଡିକରେ ମାଇକ ଯୋଗେ ସଚେତନ କରାଯାଉନଥିବାରୁ ରାତିରେ ହାତୀଙ୍କ ଉପସ୍ଥିତି ନେଇ ଅସନ୍ତୋଷ ଦେଖାଦେଉଛି। ହାତୀର ଗତି ବିଧି ସମ୍ପର୍କରେ ପ୍ରଚାର କରିବାକୁ ଦାବି ହୋଇଛି।

**ସୁରକ୍ଷା ଦେବାରେ ବନ ବିଭାଗ ବିଫଳ**

# ସାମ୍ବାଦିକା ମମତା ଦାଶଙ୍କ ସ୍ମୃତି ସମାରୋହ

ଢେଙ୍କାନାଳ, ୨୪।୧୨(ସମିସ): ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ପ୍ରଥମ ମହିଳା ସାମ୍ବାଦିକା ମମତା ଦାଶଙ୍କ ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ପାରାଡାଇଜ୍ ଲେନସ୍ଥିତ ସମୃଦ୍ଧି ଭବନରେ ପାଳିତ ହୋଇଛି। ଏଥିରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଜିଲ୍ଲାର ପ୍ରଥମ ମହିଳା ସାମ୍ବାଦିକା ଭାବେ ମମତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ଭାବେ ସେ ସ୍ମରଣୀୟ ହୋଇ ରହିବେ। ବରିଷ୍ଠ ସାମ୍ବାଦିକ ରତନ ନାୟାର ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଢେଙ୍କାନାଳ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ଯୋଗଦେଇ ମମତା ଜଣେ ସ୍ନେହୀ ଓ ପରୋପକାରୀ ମହିଳା ଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ଶିବସାଇ ମହାପାତ୍ର ଉପସ୍ଥିତ ଥିଲେ। ସମାଜସେବୀ ସୁକାନ୍ତ ମିଶ୍ର ଶିଶିର ଶତପଥୀଙ୍କ ମାନପତ୍ର ପାଠ କରିବା ସହ ମମତାଙ୍କ ସହ ତାଙ୍କର ନିବିଡ଼ତା ସମ୍ପର୍କରେ ଉଲ୍ଲେଖ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅମୀୟ ଚାନ୍ଦ ଓ ସାଂଧ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର ସାହୁ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ସାମ୍ବାଦିକ ଶିଶିର ଶତପଥୀଙ୍କୁ ମମତା ଦାଶ ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ। ସତ୍ୟାନନ୍ଦ ମଲ୍ଲିକ, ମୁରଲୀଧର ମହାରଣା ଓ ସଞ୍ଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଜଙ୍ଘିରା ଶ୍ରୀଚୈତନ୍ୟ ନାମ ପ୍ରଚାର ପରିଷଦ ପକ୍ଷରୁ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁ, ସାମ୍ବାଦିକ ଅଥୟ ସାହୁ, ପ୍ରଳୟ ଦାସ, ଅକ୍ଷୟ କୁମାର ପାଣିଗ୍ରାହୀ, ଆଲୋକ ରଥ, ଇଂ. ଅନିରୁଦ୍ଧ ରଥ, ଅଭିଷିକ୍ତା ଅନିନ୍ଦିତା ରଥ, ରାକ୍ଷୀ ଆଚାର୍ଯ୍ୟ, ଭୂତତ୍ତ୍ୱ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଶୈଳଜା ପ୍ରସାଦ ନନ୍ଦ ଓ ଗୌରୀପ୍ରସାଦ ନନ୍ଦ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ। ଆଗେଇବା ସମ୍ବାଦପତ୍ର ପକ୍ଷରୁ ଶ୍ରୀମତୀ ଦାଶଙ୍କ ସ୍ମୃତିରେ ଏକ ସ୍ୱତନ୍ତ୍ର ଆଲେଖ୍ୟ ପ୍ରକାଶିତ ହୋଇଥିଲା। ସ୍ମୃତି ସଂସଦ ଆବାହକ ପ୍ରଦ୍ୟୁମ୍ନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।




# ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

ଢେଙ୍କାନାଳ, ୨୪।୧୨(ସମିସ): ଢେଙ୍କାନାଳ ଜିଲ୍ଲାର ମହାବିରୋଡ଼ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଉକ୍ତ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ସୁଶିଲ କୁମାର ସାହୁ ଅଭିଯୁକ୍ତ ଦୁଃଖବନ୍ଧୁ ମହାପାତ୍ରକୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥି ସହିତ ୧୫ ହଜାର ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି। ଜୋରିମନା ଅନାଦେୟ ଅଧିକ ୭ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମହାବିରୋଡ଼ ଥାନା ଅଞ୍ଚଳର ଦୁଃଖବନ୍ଧୁ ମହାପାତ୍ର (୪୮ ବର୍ଷ) ଗତ ତା ୧୨.୯.୨୦୨୪ ରିଖ ସକାଳ ଘ ୧୧.୦୦ ସମୟରେ ଜନୈକା ନାବାଳିକା ପିଡିତାର ପରିବାର ଲୋକଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ତାଙ୍କ ଘରେ ପଶି ନାବାଳିକାକୁ ଦୁଷ୍କର୍ମ କରିଥିଲା। ନାବାଳିକାର ମା ଏ ଘଟଣା ଶୁଣି ଘରକୁ ଫେରିଲା ପରେ ନାବାଳିକା ଝିଅ ଠାରୁ ସମସ୍ତ ଘଟଣା ଜାଣି ମହାବିରୋଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ କୁ ଗ୍ରହଣକରି ମହାବିରୋଡ଼ ଥାନା କେଶ ନମ୍ବର ୧୭୭/୨୪ ରେ ଅଭିଯୁକ୍ତ ଦୁଃଖବନ୍ଧୁ ମହାପାତ୍ର କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ସିଟି ସ୍ପେସାଲ (ପେକ୍ସୋ କେଶ ନମ୍ବର ୪୦/୨୪ କୁ ବିଚାରକର ଜିଲ୍ଲା ପୋକ୍ସୋ କୋର୍ଟର ମାନ୍ୟବର ସ୍ୱତନ୍ତ୍ର ବିଚାରପତି ସୁଶିଲ କୁମାର ସାହୁ ୨୫ ଜଣଙ୍କ ସାକ୍ଷ୍ୟପ୍ରମାଣ ଏବଂ ୨୮ ଟି ଦସ୍ତାବିଜ ଆଧାରରେ ଅଭିଯୁକ୍ତକୁ ଉକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାର ସରକାରଙ୍କ ପକ୍ଷରୁ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ନୀରଞ୍ଜନ ସାହୁ ମାମଲା ପରିଚାଳନା କରିଥିଲେ।

# ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ



ଢେଙ୍କାନାଳ, ୨୪।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଶ୍ରୀନିବାସ ରାଉତ କାର୍ଯ୍ୟରେ ଯୋଗଦାନ କରିଛନ୍ତି।

ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିଷେକ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ତାଙ୍କୁ କାର୍ଯ୍ୟାଳୟରେ ସ୍ୱାଗତ କରିଥିଲେ।

# ଛାତ୍ରଛାତ୍ରୀଙ୍କ ଦ୍ୱାରା ଖାଉଟି ସଚେତନତା କାର୍ଯ୍ୟକ୍ରମ




ଖଜୁରିଆକଟା, ୨୪।୧୨(ସମିସ): ହିନ୍ଦୋଳ ଉପଖଣ୍ଡ କାରନ୍ଦାସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଖାଉଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଏକ ପଦ ସଭା ଯାତ୍ରାରେ ଖଜୁରିଆକଟା ଦଶହରା ମଣ୍ଡପ ନିକଟକୁ ଆସିଥିଲେ। ଖାଉଟି ସଚେତନତା ନେଇ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ମାଧ୍ୟମରେ ସାଧାରଣ ଜନତାଙ୍କୁ ଖାଉଟି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପରିଶେଷରେ ଖଜୁରିଆକଟା ଦଶହରା ମଣ୍ଡପ ନିକଟରେ ଏକ ନାଟକ ପରିବେଷଣ କରି ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପିଲାମାନଙ୍କର ଏଭଳି ନିଆରା ପ୍ରୟାସକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଜାତୀୟ ଖାଉଟି ଦିବସ ପାଳିତ

ଢେଙ୍କାନାଳ, ୨୪।୧୨(ସମିସ): ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅହିଂସା ଦ୍ୱାରା ଜାତୀୟ ଖାଉଟି ଦିବସ ବୋରାପଦାସ୍ଥିତ ସରକାରୀ ଶିଳ୍ପ ତାଲିମ୍ କେନ୍ଦ୍ରରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଖାଉଟି ସୁରକ୍ଷା ଶୀର୍ଷକ ଡିଜିଟାଲ୍ ନ୍ୟାୟ ମାଧମରେ ଦ୍ରୁତ ମାମଲା ସମାଧାନ ଶୀର୍ଷକ ଆଲୋଚନା ସଭାରେ ଖାଉଟି ସୁରକ୍ଷା ସଙ୍କ୍ରାନ୍ତିୟ ଓଜନ ବୈଧମାପ ଓ ବିଜ୍ଞାନ ବିଭାଗର ବରିଷ୍ଠ କର୍ମକର୍ତ୍ତାଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଖାଉଟି ସୂଚନା ସଚେତନତା ଦୃଢ ଓ ପରିବ୍ୟାପକ କରିବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଅନୁଷ୍ଠାନ ଦ୍ୱାରା ମୁଖ୍ୟଅତିଥି ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ରାମଚନ୍ଦ୍ର ଟୁଡୁ, ମୁଖ୍ୟବକ୍ତା ଅବନି କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ସ୍ୱେଚ୍ଛାସାବୀ ଅନୁଷ୍ଠାନର ଜିଲ୍ଲା ସଞ୍ଚୋଜକ ଅମ୍ବୁଜ କୁମାର ପୁହାଣ, ଜିଲ୍ଲା ବୈଧମାପ ବିଜ୍ଞାନ ଉପନିୟନ୍ତ୍ରକ ରଞ୍ଜନ ରଶ୍ମି ପରିଡ଼ା ଓ ବିଶ୍ୱଜିତ ପଣ୍ଡା, ନିରୁପମା ବେହେରା, ଅତିରିକ୍ତ ଖାଉଟି ସୁରକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ବେହେରା ଓ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ମୁଖ୍ୟ ପରିଚାଳକ ଜଗନ୍ନାଥ ହାଇବ୍ରୁ, ନାରାୟଣ ଚନ୍ଦ୍ର ପୋଦାର, ସଞ୍ଜୟ ବେହେରା, ଲୟର୍ସ ଫୋରମ୍‌ର ସଭାପତି ସୁବୋଧ ମହାନ୍ତି, ଯସ୍ମିନୀ ଦେହୁରୀ, ଆଇଟିଆଇ କଲେଜର ସରସ୍ୱତୀ ମଣ୍ଡଳର ସନ୍ତୋଷିନୀ ରାଉଳ, ସସ୍ମିତା ପାତ୍ର, ନିରୁପମା ବେହେରା ପ୍ରମୁଖ ଯୋଗଦେଇଥିଲେ। ଅହିଂସା ଅନୁଷ୍ଠାନର ଟିକି ପ୍ରଧାନ, ସ୍ୱରାଜ ମହାରଣା, କରିଶ୍ମା ଦେହୁରୀ, ପ୍ରିୟଙ୍କା ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଅହିଂସାର ସମ୍ପାଦକ ମାନଗୋବିନ୍ଦ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



# ହାତୁରା ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

ହିନ୍ଦୋଳ, ୨୪।୧୨(ସମିସ): ହିନ୍ଦୋଳ ବ୍ଲକ ହାତୁରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟର ୨୨ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ସୁନାଗରିକ ହେବା ସହ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଉଦଘାଟକ ଭାବେ ପ୍ରଫେସର ଡ. ବିକ୍ରମକେଶରୀ ଦାଶ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି ଯୋଗଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ସୁଜିତ କୁମାର ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ




ଢେଙ୍କାନାଳ, ୨୪।୧୨(ସମିସ): ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ୪୨ତମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି। ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋଜ କୁମାର ଦଳେଇ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ଓଷ୍ଟାର ଉଦ୍ୟମ ପ୍ରଶଂସନୀୟ ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ଟିସିଏସର ଇଞ୍ଜିନିୟର ପ୍ରତାପ କୁମାର ବେହେରା ଯୋଗଦେଇ ଶିକ୍ଷା ହିଁ ବିକାଶର ଏକମାତ୍ର ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗାଣ ମନ୍ତ୍ରୀଙ୍କ ପ୍ରତିନିଧି ସମରେନ୍ଦ୍ର ଶତପଥୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଇତିଶ କୁମାର ବରାଳ, ଓଷ୍ଟାର ସମ୍ପାଦକ ଶଶିକାନ୍ତ ଦାସ, ଉପଦେଷ୍ଟା ତଥା ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଧଳ, ସମାଜସେବୀ ସତ୍ୟବାନ ପାତ୍ର, ପ୍ରାକ୍ତନ ସମ୍ପାଦକ ବିଭୂତି ଭୂଷଣ ସାମଲ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ଏନଏସଏସ ସ୍ୱତନ୍ତ୍ର ସେବା ଶିବିର




ଖଜୁରିଆକଟା, ୨୪।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ମହାବିଦ୍ୟାଳୟ ଖଜୁରିଆକଟା ଜାତୀୟ ସେବା ଯୋଜନାର ଶୀତ କାଳୀନ ସ୍ୱତନ୍ତ୍ର ସେବା ଶିବିର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳଙ୍କ ପୌରୋହିତ୍ୟରେ ଉଦଘାଟିତ ହୋଇଛି। ସେବା ଯୋଜନାର ପତାକାକୁ ଉତ୍ତୋଳନ କରି ସେବା ମନୋଭାବ ନେଇ ଦେଶ ଗଠନର ବ୍ରତୀ ହେବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ରାଜନୀତି ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀମାନେ ଏହି ଶିବିର ମାଧ୍ୟମରେ ସମାଜ ସେବା ଓ ସାମାଜିକ ସଚେତନ ସୃଷ୍ଟି କରିବାର ଅଭିଜ୍ଞତା ସୃଷ୍ଟି କରି ପାରିବେ ବୋଲି ଆଶା ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପକ ବ୍ରଜକିଶୋର ବେହେରା ଅତିଥି ପରିଚୟ ସହ ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ମହାବିଦ୍ୟାଳୟ ପୋଷ୍ୟ ଗ୍ରାମ ସାନହିନ୍ଦୋଳଠାରେ ଜଙ୍ଗଲ ଆମର ଜୀବନ ଶୀର୍ଷକ ସଚେତନ ମୂଳକ ଏକାଙ୍କିକା ଶିବିରାର୍ଥୀମାନଙ୍କ ଦ୍ୱାରା ଅଭିନୀତ ହୋଇଥିଲା। ଏହି ଅବସରରେ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଜୟନ୍ତ ନାରାୟଣ ପତି, ବାଣିଜ୍ୟ ବିଭାଗର ମୁଖ୍ୟ ସୁଶାନ୍ତ କୁମାର ଆଚାର୍ଯ୍ୟ, ଅଧ୍ୟାପକ ସୁକ୍ତପ୍ରୀୟ ମିଶ୍ର, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ମାନସ ମାଝୀ, ବିଙ୍କୁ ବିଶ୍ୱାଳ, ବିରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ପରିବେଶକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ବୃକ୍ଷ ରୋପଣ କରି ତାର ଯତ୍ନ ନେବାକୁ ଗ୍ରାମବାସୀ ମାନଙ୍କୁ ଅନୁରୋଧ କରିଥିଲେ।

# ୩୨ତମ ଖଙ୍କିରା କପ୍ ଉଦଘାଟିତ



ଗଁଦିଆ, ୨୪।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସୀମାନ୍ତ ଗ୍ରାମ ଖଙ୍କିରାରେ ୩୨ତମ କାହ୍ନୁଚରଣ ଧୀର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ନୃସିଂହ ଚରଣଧୀର ସମାଜସେବୀ ଯୋଗଦାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆଜିର ଖେଳ ଯାକୋବିନି ଚୌଦ୍ୱାର ଓଏମସିସି ସୋଲର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଯାକୋବିନି ଚୌଦାର ଟସଜିତି ବ୍ୟାଟି କରି ଉଇକେଟ ହରାଇ ନିର୍ଦ୍ଧାରିତ ୨୦ ଓଭରରେ ୨୩୦ରନ ସଂଗ୍ରହ କରିଥିଲା ଏହାର ଜବାବରେ ଏମସିସି ସୋଲାର ସମସ୍ତ ଉଇକେଟ ହରାଇ୧୬୩ରନ ସଂଗ୍ରହ କରି ପରାଜୟ ସ୍ୱୀକାର କରିଥିଲା। ଆଜିର ମ୍ୟାନଅଫ ଦି ମ୍ୟାଚ ପପୁ ଚାନ୍ଦ ଯାକୋବିନ ୫୬ବଲରେ ୮୯ ରନ ସଂଗ୍ରହ କରିଥିବାରୁ, ଖେଳ ପରିଚାଳନା କରୁଥିଲେ ଧରିଣୀ ଧର ବିଶ୍ୱାଳ ଓ ତାପସ ବାରିକ। ସ୍କୋରରଭାବରେ ଥିଲେ ବଳରାମ ସାହୁ, ସୁନୀଲ ଦାସ ଓ ଅୟଶ ମହାପାତ୍ର, ଆସନ୍ତାକାଲିର ମ୍ୟାଚ ଚଣ୍ଡୀଖୋଲ କ୍ରିକେଟ କ୍ଲବ ସହଜାରକା କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର କର୍ମକର୍ତ୍ତା ନିର୍ବାଚିତ

ଢେଙ୍କାନାଳ, ୨୪।୧୨(ସମିସ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ ଭୁବନ ବ୍ଲକ ମଠକରଗୋଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲ୍ଲାର ସମସ୍ତ ବ୍ଲକ ର ସଦସ୍ୟମାନେ ଯୋଗଦେଇଥିଲେ। ଉତ୍ସବର ପ୍ରଥମ କାଳାଂଶରେ ଶ୍ରୀଜଗନ୍ନାଥଙ୍କ ପ୍ରତି ବେଶୀ ନୃତ୍ୟ ସମର୍ପିତ କରାଯାଇଥିଲା ଏବଂ ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

ଦ୍ୱିତୀୟ କାଳାଂଶରେ ସାରସ୍ୱତ ସଭାରେ ଓଡ଼ିଶା ରାଜ୍ୟର ପରିଷଦ ସଭାପତି ଡ. ଅଭୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ତୃତୀୟ କାଳାଂଶରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଭାରତମାତା ସେବା ଅନୁଷ୍ଠାନର ସମ୍ପାଦକ ଶକ୍ତି ପ୍ରସାଦ ନନ୍ଦଙ୍କ ଉପସ୍ଥିତିରେ ମନୋନୟନ ପ୍ରକ୍ରିୟାରେ ଢେଙ୍କାନାଳ ଜିଲ୍ଲା ସାହିତ୍ୟ ପରିଷଦର କର୍ମକର୍ତ୍ତା ଚୟନ କରାଯାଇଥିଲା। ଡ. ଦୁର୍ଗାମାଧବ ପୃଷ୍ଟି ପୁନର୍ବାର ସଭାପତି ଭାବେ ମନୋନୀତ ହୋଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରୂପେ ବାହାଦୁର ପାଟସାହାଣୀ, ସମ୍ପାଦକ ଭାବେ ପ୍ରମୋଦ କୁମାର ପରିଡ଼ା, କାର୍ଯ୍ୟକାରୀ ସଭାପତି ରୂପେ ଡ. ସମୀର କୁମାର ସାହୁ, ଉପ-ସଭାପତି ଭାବେ ପ୍ରଭାତୀ ମହାପାତ୍ର ଓ ସୁରେନ୍ଦ୍ର କୁମାର ପୃଷ୍ଟି, ସହ-ସମ୍ପାଦକ ଭାବେ ବିଳାସିନୀ ପୃଷ୍ଟି, ଅର୍ଥ ସମ୍ପାଦକ ଭାବେ ନିବେଦିତା ରଥ, ସଂଗଠନ ସମ୍ପାଦକ ରୂପେ ଶ୍ରୀରାମ ରାଉତ ଏବଂ ସଂଯୋଜକ ରୂପେ ପ୍ରାଧ୍ୟାପକ ଚିତରଞ୍ଜନ ଦାଶ ମନୋନୀତ ହୋଇଥିଲେ। ଏହାଛଡା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପାଇଁ ଡ. ପ୍ରମୋଦ କୁମାର ନାୟକ, ଅଧ୍ୟାପକ ଅଞ୍ଜନ କୁମାର ମହାରଣା, ଅଧ୍ୟାପକ ମଙ୍ଗରାଜ ମହାପାତ୍ର, ଡ. କବିତା ମହାନ୍ତି, ସଂଯୋଦୟା ନନ୍ଦ, ଅଧ୍ୟାପକ ଲଳିତ କୁମାର ବେହେରା ଓ ଲଳିତ ମୋହନ ବେହେରା ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ପଣ୍ଡିତ ଦିବାକର ନନ୍ଦ ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଓ ଭ୍ରମରବର ସାହୁଙ୍କୁ ଚୟନ କରାଯାଇଥିଲା।

# କୃଷିବିଜ୍ଞାନ କେନ୍ଦ୍ରରେ କିଷାନ ଦିବସ ପାଳିତ

ଢେଙ୍କାନାଳ, ୨୪।୧୨(ସମିସ)




ଢେଙ୍କାନାଳ ସହର ନିକଟ ମହିଷାପାଟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜାତୀୟ କୃଷକ ଦିବସ ଅବସରରେ କିଶାନ ସମ୍ମାନ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଏକ ଶହ ଜଣ ଅଗ୍ରଣୀ କୃଷି ଓ କୃଷିଜୀବୀ ମହିଳା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ ବିମଳେନ୍ଦୁ ମହାନ୍ତି କୃଷି ଓ ଅନୁସଙ୍ଗିକ କ୍ଷେତ୍ରରେ ନୂତନ ଜ୍ଞାନ କୌଶଳ ଆପଣେଇ କୃଷି ପରିବାର କିପରି ସ୍ୱାବଲମ୍ବୀ ହୋଇ ପାରିବ ସେବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୮ ଜଣ ଅଗ୍ରଣୀ ଚଷୀଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ କରା ଯାଇଥିଲା। ଏହି ଅବସରରେ ଢେଙ୍କାନାଳ ଜିଲ୍ଲାର ୫ ଜଣ ଅଗ୍ରଣୀ ଚାଷୀଙ୍କୁ କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର ତରଫରୁ ସମ୍ମାନିତ କରାଯାଇଛି। ଇନ୍ଦିପୁର ଗ୍ରାମର ଦିଲୀପ କୁମାର ମୁଦୁଲି ଛତୁ ଓ ଛତୁ ମଞ୍ଜି ଉତ୍ପାଦନ, ପାର୍ବତିଆ ଗ୍ରାମର ନୀଳମଣି ରାଉତ କନ୍ଦମୂଳ ଓ ଏହାର ପ୍ରକ୍ରିୟା କରଣ, କମଗରପାଟଣା ଗ୍ରାମର ସନ୍ତୋଷ ବେହେରା ସମନ୍ୱିତ କୃଷି, ଆରତୁଆ ଗ୍ରାମର ଦାଶରଥି ସାହୁ ଓ ରଞ୍ଜନ କୁମାର ସାହୁ ପନି ପରିବା, ମାଛ ଓ ପନିପରିବା ବିହନ ଉତ୍ପାଦନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରି ଜିଲ୍ଲାର ସର୍ବଶ୍ରେଷ୍ଠ କୃଷକ ଭାବେ ମାନ୍ୟତା ହାସଲ କରିଛନ୍ତି ଓ ଢେଙ୍କାନାଳ ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିବା ଚାଷୀଙ୍କୁ କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ ସିଧା ପ୍ରସାରଣ ମାଧ୍ୟମରେ ବିଭିନ୍ନ କୃଷି ଭିତ୍ତିକ ଯୋଜନା ବିଷୟରେ ସମ୍ବୋଧନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଅନ୍ୟାନ୍ୟ ବୈଜ୍ଞାନିକ ଓ କର୍ମକର୍ତ୍ତାମାନେ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ।

## ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ

**ଛେଣ୍ଡିପଦା,୨୪ ।୧୨(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅଞ୍ଚଳର ଏକ କାଜୁ ଜଙ୍ଗଲରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ବାଗଡ଼ିଆ ଥାନା ଅଞ୍ଚଳର ଏହି ଛାତ୍ରୀଙ୍କୁ ତାଙ୍କ ସମ୍ପର୍କୀୟ ପିଉସା ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ମଙ୍ଗଳବାର ଅପରାହ୍ନ ୪ଟାରେ ବାଗଡ଼ିଆ ଥାନା ଅଞ୍ଚଳର ପ୍ରଫୁଲ୍ଲ ପ୍ରଧାନ ସମ୍ପୃକ୍ତ ଛାତ୍ରୀଙ୍କୁ ବ୍ଲକରୁ ବିରି ଆଣିବା ପାଇଁ କହି ବାଇକ୍ ଯୋଗେ ଘରୁ ଡାକି ଆଣିଥିଲେ । ତେବେ ଫେରିବାରେ ବିଳମ୍ବ ହେବାରୁ ଛାତ୍ରୀଙ୍କ ମା' ବାରମ୍ବାର ଫୋନ କରିଥିଲେ ମଧ୍ୟ ପ୍ରଫୁଲ୍ଲ ଫୋନ୍ ଉଠାଇ ନ ଥିଲେ । ପରେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ସହ ରାତି ୮ଟା ବେଳେ ଗାଁଠାରୁ ୩ କିଲୋମିଟର ଦୂର ଏକ ସ୍କୁଲ ପଛ ପାଖେ ଛାଡ଼ିଦେଇ ଫେରାର ହୋଇଯାଇଥିଲେ । ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ଧମକାଇଥିଲେ । ପରିବାର ଲୋକେ ଝିଅକୁ ପାଇବା ପରେ ବୁଧବାର ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ନାବାଳିକାଙ୍କ ବୟାନ ରେକର୍ଡ କରିବା ସହିତ ଉକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଛି ।

## ଜିଲ୍ଲାସ୍ତରୀୟ ତ୍ରୟୋଦଶ ଶିଶୁ-ଉତ୍ସବ



**ଅନୁଗୋଳ,୨୪ ।୧୨(ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ଅନୁଗୋଳ ଜିଲ୍ଲା ଶାଖା ଆନୁକୂଲ୍ୟରେ ପଞ୍ଚମହଲାସ୍ଥିତ ରିମିଟ୍ ମହାବିଦ୍ୟାଳୟ ପରିସରରେ ତ୍ରୟୋଦଶ ଜିଲ୍ଲାସ୍ତରୀୟ ଶିଶୁଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଛି । ଓଷ୍ଟା ଅନୁଗୋଳ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ସଭାପତିତ୍ୱ ତଥା ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଦାସଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଓଷ୍ଟା ଅନୁଗୋଳ ଜିଲ୍ଲାର ପ୍ରାକ୍ତନ ସଭାପତି ରାଜକିଶୋର ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ରମିଟ୍ ମହାବିଦ୍ୟାଳୟର ଉପ-ନିର୍ଦ୍ଦେଶକ ଅକ୍ଷୟ କୁମାର ସାହୁ, ସମ୍ମାନିତ ଅତିଥି ରୂପେ ଓଷ୍ଟା ଅନୁଗୋଳ ଜିଲ୍ଲାର ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ତ୍ରିନାଥ ଦେବତା, ପ୍ରାକ୍ତନ ଉପ-ସଭାପତି ଦିଲୀପ କୁମାର ପ୍ରଧାନ, କିଶୋରନଗର ବ୍ଲକର ପ୍ରାକ୍ତନ ସମ୍ପାଦକ ଶୁକଦେବ ସାହୁ, ରିମିଟ୍ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସତ୍ୟବନ୍ତ ସାହୁ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ପ୍ରଧାନ ଯୋଗଦେଇଥିଲେ । ଜିଲ୍ଲାର ମୋଟ ୮ ବ୍ଲକର ୧୬୦ ଜଣ ପ୍ରତିଯୋଗୀ ତର୍କ, ଗଳ୍ପ ଲିଖନ, କବିତା ରଚନା, ଆବୃତ୍ତି, କଣ୍ଠ ସଙ୍ଗୀତ, ଏକକ ଅଭିନୟ, ଏକକ ନୃତ୍ୟ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ, ମୁଖ୍ୟବକ୍ତା ରୂପେ ଓଷ୍ଟା ଅନୁଗୋଳ ଜିଲ୍ଲାର ପ୍ରାକ୍ତନ ସଭାପତି ଭାସ୍କର ଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ରୂପେ ଓଷ୍ଟା ଅନୁଗୋଳ ଜିଲ୍ଲାର ପ୍ରାକ୍ତନ ଯୁଗ୍ମ-ସମ୍ପାଦକ ବିନୟ କର, ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ହେମନ୍ତ କୁମାର ମିଶ୍ର ଓ ରାଜ୍ୟ ଉପ-ସଭାପତି ଶ୍ରୀକାନ୍ତ ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ୨୭ରୁ ୨୮ ତାରିଖ ପର୍ଯ୍ୟନ୍ତ କଟକ ଓଷ୍ଟା କାର୍ଯ୍ୟାଳୟରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଯୋଗଦାନ କରିବେ ।

## ଦୀପଶିଖା ଏସଏସଭିଏମର ପଞ୍ଚଦଶ ବାର୍ଷିକ ଉତ୍ସବ




**କଣିହାଁ,୨୪ ।୧୨(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଏନଟିପିସିସ୍ଥିତ ଦୀପଶିଖା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି । ରବିବାର ଏନଟିପିସି ଦୀପତରଙ୍ଗଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଏନଟିପିସି କାର୍ଯ୍ୟକାରୀ ନିର୍ଦ୍ଦେଶକ କେ ନରସିଂହା ରେଡ୍ଡୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିଶୁମନ୍ଦିର ଦ୍ୱାରା ଦିଆଯାଉଥିବା ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷାକୁ ଗ୍ରହଣ କରି ଭବିଷ୍ୟତ ଗଠନ କରିବା ନିମନ୍ତେ ପ୍ରେରିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଏନଟିପିସି ମାନବ ସଂସାଧନର ଅତିରିକ୍ତ ମହାପ୍ରବନ୍ଧକ ସୂଜିତା ରଥ, ବିଦ୍ୟା ଭାରତୀ, ପୂର୍ବ କ୍ଷେତ୍ର ସହମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତି କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଦେଶର ଭବିଷ୍ୟତ ନାଗରିକ ତିଆରିରେ ମାଆମାନଙ୍କୁ ପ୍ରମୁଖ ଭୂମିକା ରହିଥିବା କହିଥିଲେ । ବିଦ୍ୟାଳୟ ପରିଚାଳନା ସମିତି ସଭାପତି ହେମନ୍ତ କୁମାର ପାଣିଗ୍ରାହୀ ସଭାର ସଭାପତିତ୍ୱ, ସମ୍ପାଦକ ବିଶ୍ୱନାଥ ପ୍ରଧାନ ଅତିଥି ପରିଚୟ କରିଥିଲେ । ବାର୍ଷିକ ଉତ୍ସବର ମୁଖ୍ୟବିଚାର ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କାର୍ଯ୍ୟ ଯୋଜନାର ବିବରଣୀକୁ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ତ୍ରିପାଠୀ ପାଠ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ କର୍ମଚାରୀ ସହଯୋଗ କରିଥିଲେ ।

## ମହର୍ଷି ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

**ବଇଣ୍ଡା,୨୪ ।୧୨(ସମିସ):** କିଶୋରନଗର ବ୍ଲକ ବଇଣ୍ଡା ମହର୍ଷି ବିଦ୍ୟାମନ୍ଦିରରେ ସୋମବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଅତିଥି ଭାବେ



ଲୁହାମୁଣ୍ଡା ହାଇସ୍କୁଲ ଶିକ୍ଷକ ବିଶ୍ୱରଞ୍ଜନ ସାହୁ, ଗାଁ ବଇଣ୍ଡା ହାଇସ୍କୁଲ ଶିକ୍ଷୟିତ୍ରୀ ସସ୍ମିତା ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଅଧ୍ୟକ୍ଷ ସପ୍ନେଶ୍ୱର ସାହୁ, ସନାତନ ସାହୁ, ଇନ୍ଦ୍ରଜିତ ପ୍ରଧାନ, ସତ୍ୟଭାମା ବେହେରା, ରଶ୍ମିତା ପଣ୍ଡା, ନୀହାରିକା ଦାସ, ରୁପାଲି ସାହୁ, ଦୀପ୍ତିମୟୀ ସାହୁ, ଶ୍ରଦ୍ଧାଞ୍ଜଳି ପ୍ରଧାନ, ଲକ୍ଷ୍ମୀପ୍ରିୟା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଅନିତା ପ୍ରଧାନ, ରୋଜାଲିନ ପ୍ରଧାନ ମେଳା ପରିଚାଳନା କରିଥିଲେ । ଏଥିରେ ୨୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

### ଅତିରିକ୍ତ ସୁରକ୍ଷା ଜମା ଆଦାୟ ଓ ସ୍ମାର୍ଟ ମିଟର ବସାଇବା ବନ୍ଦ ଦାବି

# ଟାଟା ପାୱାର ଅଫିସ୍ ସମ୍ମୁଖରେ ବିକ୍ଷୋଭ

**ଅନୁଗୋଳ,୨୪ ।୧୨(ସମିସ):**




ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ପକ୍ଷରୁ ଉପଭୋକ୍ତାଙ୍କଠାରୁ ଆଦାୟ କରାଯାଉଥିବା ଅତିରିକ୍ତ ସୁରକ୍ଷା ଜମା ତୁରନ୍ତ ବନ୍ଦ କରିବା, ଉପଭୋକ୍ତାଙ୍କୁ ମନଇଚ୍ଛା ଶୋଷଣ ପାଇଁ ଉପଭୋକ୍ତାଙ୍କ ଅଜାଣତରେ ବସାଯାଉଥିବା ସ୍ମାର୍ଟ ମିଟର ବନ୍ଦ କରିବା, ଶିଳ୍ପ ଓ କୋଇଲା ଖଣିର ପ୍ରଦୂଷଣର ବିଷ ବଳୟରେ ଜର୍ଜରିତ ଜିଲ୍ଲାବାସୀଙ୍କୁ ୩୦୦ ୟୁନିଟ୍ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଇଦେବା, ଘନ ଘନ ବିଦ୍ୟୁତ୍ କାଟ୍ ବନ୍ଦ କରିବା, ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ ଦାବିରେ ବୁଧବାର ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ନେତୃତ୍ୱରେ ଜିଲ୍ଲାର ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ଟାଟା ପାୱାର ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଉପଭୋକ୍ତାମାନେ ସ୍ଥାନୀୟ ଥାନାଛକରୁ ଶୋଭାଯାତ୍ରାରେ ଟାଟା ପାୱାର ବିରୋଧୀ ବିଭିନ୍ନ ସ୍ଲୋଗାନ୍ ଦେଇ ଟାଟା ପାୱାର ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଅନୁଗୋଳ ଜିଲ୍ଲା ଜନ ଜୀବନ ସୁରକ୍ଷା କମିଟି ଆବାହକ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ କମିଟିର ଅନ୍ୟତମ ଆବାହକ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ବିଦ୍ୟୁତ୍ ଉପଭୋକ୍ତା ହେମନ୍ତ କୁମାର ଦାସ, ରମେଶ ସାହୁ, ନିରୋଦ ଚନ୍ଦ୍ର ପାଳ, ଆଇନଜୀବୀ ବସନ୍ତ ଦାସ, ସୁବାସ ସାହୁ, ବ୍ରଜବନ୍ଧୁ ସାହୁ, ସ୍ୱେଚ୍ଛାସେବୀ ପର୍ଶୁରାମ ଦାସ, ମାନସ ପାଳ, ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କଞ୍ଜ୍ୟୁମର୍ସ ଆସୋସିଏସନ୍ (ଏଆଇଇସିଏ)ର ରାଜ୍ୟ ଆବାହକ ଜୟସେନ ମେହେର, ଜିଲ୍ଲା ଆବାହକ ତୀର୍ଥବାସୀ ଭୋଇ ପ୍ରମୁଖ ବକ୍ତବ୍ୟ ଦେଇ ଟାଟା ପାୱାର ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ ଓ ମନଇଚ୍ଛା ଶୋଷଣ ପାଇଁ ସ୍ମାର୍ଟ ମିଟର ବସାଇବାକୁ ତୀବ୍ର ବିରୋଧ କରିଥିଲେ । ବିଦ୍ୟୁତ୍ ଉପଭୋକ୍ତାମାନେ ବିଦ୍ୟୁତ୍ ସଂଯୋଗ ନେବାବେଳେ ଦେଇଥିବା ସୁରକ୍ଷା ଜମା ଓ ଏହାର ସୁଧର ପରିମାଣ ପ୍ରତିବର୍ଷ ୧ ଏପ୍ରିଲ୍ ସୁଦ୍ଧା ବିଦ୍ୟୁତ୍ ବିତରଣ କମ୍ପାନୀ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଜଣାଇବା ସହ ଏହି ସୁରକ୍ଷାଜମା ଓ ସୁଧରାଶିର ପରିମାଣକୁ ପ୍ରତିବର୍ଷ ମେ ମାସ ବିଦ୍ୟୁତ୍ ବିଲରେ ଭରଣା କରିବା ବାଧ୍ୟତାମୂଳକ ବୋଲି ସେମାନେ ପ୍ରକାଶ କରିଥିଲେ । କମ୍ପାନୀ ଉପଭୋକ୍ତାମାନଙ୍କଠାରୁ ସୁରକ୍ଷା ଜମା ନାଁରେ ଆଦାୟ କରିଥିବା ହଜାର ହଜାର କୋଟି ଟଙ୍କା ଓ ଏହାର ସୁଧର ପରିମାଣ ଉପଭୋକ୍ତାଙ୍କୁ ଜଣାଇ ବିଦ୍ୟୁତ୍ ବିଲରେ ଭରଣା କରିବା ପରିବର୍ତ୍ତେ ଅତିରିକ୍ତ ବିଦ୍ୟୁତ୍ ବ୍ୟବହାର ନାଁରେ ପିଟୁଣୀ ଟିକସ ଭଳି ଆହୁରି ଅତିରିକ୍ତ ସୁରକ୍ଷା ଜମା ଆଦାୟ ଅତ୍ୟନ୍ତ ଅନ୍ୟାୟ, ଅଗଣତାନ୍ତ୍ରିକ, ଅଯୌକ୍ତିକ ଓ ସମ୍ପୂର୍ଣ୍ଣ ବେଆଇନ୍ ବୋଲି ପ୍ରକାଶ କରିଥିଲେ । ଉପଭୋକ୍ତାଙ୍କ ମିଟର ସଠିକ୍ ଭାବେ ଚାଲୁଥିଲେ ମଧ୍ୟ ମିଟରକୁ ଅଚଳ ଦର୍ଶାଇ ଉପଭୋକ୍ତାଙ୍କ ଅଜାଣତରେ ଓ ଅନେକ କ୍ଷେତ୍ରରେ ବାଧ୍ୟତାମୂଳକ ଭାବରେ ସ୍ମାର୍ଟ ମିଟର ବସାଇ ମନଇଚ୍ଛା ଶୋଷଣ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ । ବିଦ୍ୟୁତ୍ ଉପଭୋକ୍ତାମାନେ ପ୍ରତି ମାସରେ ନିୟମିତ ଭାବେ ବିଦ୍ୟୁତ୍ ବିଲ୍ ପୈଠ କରୁଥିଲେ ମଧ୍ୟ ବିଳମ୍ବିତ ବିଦ୍ୟୁତ୍ ବିଲ୍ ପୈଠ ନାଁରେ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ବିଳମ୍ବିତ ବିଦ୍ୟୁତ୍ ଦେୟ ପୈଠ ଶୁଳ୍କ ଆଦାୟ କରି ଟାଟା ପାୱାର ପକ୍ଷରୁ ସ୍ପଷ୍ଟ ଦିବାଲୋକରେ ଶୋଷଣ କରାଯାଉଥିବା ଗୁରୁତର ଅଭିଯୋଗ କରିଥିଲେ । ରାଜ୍ୟ ସରକାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉନ୍ନତ ମାନର ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବିଦ୍ୟୁତ୍ ସେବାର ଘରୋଇକରଣ କରିଥିଲେ ମଧ୍ୟ ଆଜି ବି ଉପଭୋକ୍ତାମାନେ ଘନ ଘନ ବିଦ୍ୟୁତ୍ କାଟ୍ ଓ ଲୋ-ଭୋଲଟେଜ୍ ସମସ୍ୟାରେ ଜର୍ଜରିତ ହେଉଛନ୍ତି । ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାରେ ପ୍ରତିଷ୍ଠିତ ତାପଜ ବିଦ୍ୟୁତ୍ ଶିଳ୍ପ, କୋଇଲା ଖଣିର ପ୍ରଦୂଷଣ ବିଷ ବଳୟରେ ଜିଲ୍ଲାବାସୀ ହନ୍ତସନ୍ତ ହେଉଥିବାବେଳେ ଜିଲ୍ଲାର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ଯୋଗାଣ ଦାବିକୁ ରାଜ୍ୟ ସରକାର ଉପେକ୍ଷା କରିଚାଲିବା ସରକାରଙ୍କ ଜନବିରୋଧୀ ନୀତି ଓ କମ୍ପାନୀ ପ୍ରୀତିର ପରିଚୟ ବୋଲି ସେମାନେ ପ୍ରକାଶ କରିଥିଲେ । ଅତିରିକ୍ତ ସୁରକ୍ଷା ଜମା ଆଦାୟ ତୁରନ୍ତ ବନ୍ଦ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ୟୁନିଟ୍ ଦେୟମୁକ୍ତ ବିଜୁଳି ଯୋଗାଇଦେବା, ଘନ ଘନ ବିଦ୍ୟୁତ୍ କାଟ୍ ବନ୍ଦ କରିବା, ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ କରିବା ଦାବିରେ ଟାଟା ପାୱାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଡିଭିଜନର ନିର୍ବାହୀ ଯନ୍ତ୍ରୀ ବିକ୍ଷୋଭସ୍ଥଳକୁ ଆସି ସ୍ମାରକପତ୍ର ଗ୍ରହଣ କରିବା ସହ ଦାବି ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟୁତ୍ ଉପଭୋକ୍ତାଙ୍କ ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ବିହିତ ପଦକ୍ଷେପ ନେବା ସହ ଉପଭୋକ୍ତାଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା । ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ବରିଷ୍ଠ ସଭ୍ୟ ପଠାଣୀ ବାରିହା, ଦାମୋଦର ଦାସ, ବସନ୍ତ ଦାସ, ଅଶୋକ କୁମାର ପ୍ରଧାନ, ନବକିଶୋର ପ୍ରଧାନ, ପ୍ରଦୀପ କୁମାର ମାଝୀ, ନିରୁପମା ପ୍ରଧାନ, ବେଣୁଧର ପ୍ରଧାନ, ମୋହନ ଦେହୁରୀଙ୍କ ସମେତ ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ସାମିଲ ହୋଇଥିଲେ ।

### ● ମନରେଗାରୁ ମହାତ୍ମା ଗାନ୍ଧୀଙ୍କ ନାମ କାଟିବା ଘଟଣା

## ବିଜେପି ସମାଜକୁ କି ସନ୍ଦେଶ ଦେବାକୁ ଚାହୁଁଛି: କଂଗ୍ରେସ

**ଅନୁଗୋଳ,୨୪ ।୧୨(ସମିସ):** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନକୁ ରଦ୍ଦ କରି ମହାତ୍ମା ଗାନ୍ଧୀଙ୍କ ନାମକୁ କାଟି ଏକ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ପରିବର୍ତ୍ତନ କରି ଏକ ବିଲ ଲୋକସଭାରେ ପାରିତ କରିଛନ୍ତି କେନ୍ଦ୍ର ବିଜେପି ସରକାର । ଜାତିର ଜନକ ମହାତ୍ମାଗାନ୍ଧୀ ବିଶ୍ୱବନ୍ଦିତ ଥିବାବେଳେ ଭାରତ ସରକାର ତାଙ୍କ ନାମକୁ ହଟାଇ ତାଙ୍କୁ ଅପମାନ କରିଛି । ଏହାର ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗଣଧାରଣା ଅନୁଷ୍ଠିତ ହୋଇଛି । ଏଥିରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ଯୋଗଦେଇ ଧାରଣାରେ ବସିଥିଲେ । ମହାତ୍ମା ଗାନ୍ଧୀଙ୍କ ନାମକୁ ଯେଉଁ ଭଳି ଭାବେ କାଟି ଦିଆଗଲା, ତାହା ତାଙ୍କୁ ହତ୍ୟା କରାଯିବା ସହ ସମାନ । ବିଜେପି ହାତରେ କୌଣସି ପ୍ରକାର ସ୍ୱତନ୍ତ୍ର ଯୋଜନା ବା ବ୍ୟବସ୍ଥା ନ ଥିବାରୁ ସେମାନେ ଆଗରୁ ଲୋକାଦୃତ ହୋଇଆସିଥିବା କାର୍ଯ୍ୟଗୁଡ଼ିକ



ନାଁ ବଦଳାଇ ବାହାବା ନେବା ପାଇଁ ଲାଳାୟିତ ହେଉଛନ୍ତି । ଫଳରେ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ମଧ୍ୟାହ୍ନରେ ସମସ୍ତ ନେତା ଓ କର୍ମୀ ଶୋଭାଯାତ୍ରାରେ ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରତିମଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପସଭାପତି ସସ୍ମିତା ବେହେରା, ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ଆଦିବାସୀ ସେଲ ସାଧାରଣ ସମ୍ପାଦକ ତପନ ପ୍ରଧାନ, କୃଷକ ସେଲ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ଏସସି ସେଲ ସାଧାରଣ ସମ୍ପାଦକ ନୀଳକଣ୍ଠ ନାଏକ, ଦାଶରଥି ସାହୁ, ଏଲ ମାଣିକପ୍ରଭା, ଗୋପାଳ ଚନ୍ଦ୍ର ନାଥ, ବଳବୀର ସିଂହ, ଚିତ୍ତରଞ୍ଜନ ନାଏକ, ରାଜକିଶୋର ସାହୁ, ସନ୍ତୋଷ ପଟ୍ଟନାୟକ, ବିନୋଦ ମାଝି, ଅମୂଲ୍ୟ ବେହେରା, ସଞ୍ଜୀବ ମାଣ୍ଡୋଠିଆ, ସୁଦୀପ ମିଶ୍ର, ରାକେଶ ମିଶ୍ର, କସିଦା ଖାନ, ଭଜନ ଦାସ, ଜ୍ୟୋତି ପ୍ରଧାନ, ଜମ୍ମେଶ୍ୱର ପଟ୍ଟନାୟକ, ଦୁଷ୍ମନ୍ତ ଦଳବେହେରା, ସହଦେବ ବେହେରା, ଜିଲ୍ଲା ଛାତ୍ର ସଭାପତି ପ୍ରଦ୍ୟୁମ୍ନ ସାହୁ, ଅଲେଖ ବେହେରା, ସଂଗ୍ରାମ ବେହେରା, ଅରୁପ ସାମଲ, ପଦ୍ମିନୀ ନାୟକ, ଅଳକା ମହାନ୍ତି, ସୁବାସ ସାହୁ ସଂଗ୍ରାମ କେଶରୀ କଅଁର, ହେମନ୍ତ ମହାଳିକ, ମାନିନୀ ପ୍ରଧାନ, ବିମଳ ପ୍ରଧାନ, କୁଶଧ୍ୱଜ ସାମଲ ଭାସ୍କର ପ୍ରଧାନ, ଛକୁଡ଼ି ଦେହୁରୀ, ଅରୁଣ ଦାସ, ଲକ୍ଷ୍ମୀଧର ପୃଷ୍ଟି, ସୁଶ୍ରୀ ବେହେରା ପ୍ରମୁଖ ସହସ୍ରାଧିକ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ ।

## ଗୋଲଡି ବିଦ୍ୟାଲୋକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ଅନୁଗୋଳ,୨୪ ।୧୨(ସମିସ):** ଅନୁଗୋଳର ଗୋଲଡି ବିଦ୍ୟାଲୋକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ସିଲଭି ଶୀତଲ ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମିତା ଗୋଛାୟତ, ଅମିଶା ଦିବ୍ୟଦର୍ଶିନୀ ସାହୁ, ମୋନାଲିସା ପରିଡ଼ା ସହଯୋଗ କରିଥିଲେ । ମୁଖ୍ୟଅତିଥି ଭାବେ ଜିଏସଟି ଏବଂ ଏସଟି କମିଶନର ସୁରେନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ସମ୍ମାନିତ ଅତିଥି ଭାବେ ସଦର ଥାନା ଆଇଆଇସି ମୃଣାଲ କାରଲୋ, ଡେପୁଟି ମ୍ୟାନେଜେର ଏସଡିଆଇ ରଜନୀ କୁଜୁର, ଆର୍ମି ଆସୋସିଏସନ ସଭାପତି ଅନିଲ ମହାନ୍ତି, ପ୍ରକାଶ କୁମାର ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## ତାଳଚେରରେ ସ୍ମାର୍ଟ ମିଟର୍ କାହା ସ୍ୱାର୍ଥରେ !

### ■ ମୁଣ୍ଡ ଟେକୁଛି ଆନ୍ଦୋଳନ

**ତାଳଚେର,୨୪ ।୧୨(ସମିସ):** ତାଳଚେର ଅଞ୍ଚଳରେ ୩ଟି ତାପଜ କେନ୍ଦ୍ର ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ରହିଥିବା ବେଳେ ଏଠାରେ ଲୋକମାନେ ପ୍ରାୟ ସମୟ ଘନଘନ ବୁଦ୍ୟୁତ୍ କାଟ୍ ଯୋଗୁଁ ଅନ୍ଧାରରେ ରହିବାକୁ ପଡ଼ିଥାଏ । ସରକାର ବିଗତ ଦିନରେ ଶକ୍ତିକେନ୍ଦ୍ର ଠାରୁ ୧୦ମିଟର୍ ଦୂରରେ ରହିଥିବା ବାସୀନ୍ଦାଙ୍କୁ ରିହାତି ମୂଲ୍ୟରେ ବିଜୁଳି ଯୋଗାଇବା ଦେବା ଯୋଜନା ରଖିଥିବା ବେଳେ ଏବେ ?ବଲ ଇଞ୍ଜିନ ସରକାର ମାଗଣା ବିଜୁଳି ଯୋଗାଇ ଦେବାନେଇ କହି ନିର୍ବାଚନୀ ବୈତରଣୀ ପାର ହୋଇଥିଲେ । ମାତ୍ର ପରିତାପର ବିଷୟ ସରକାରକୁ ୧୯ ମାସ ପୁରି ଯାଇଥିଲେ ମଧ୍ୟ ମାଗଣା ବିଜୁଳି ତ ଦୂରର କଥା ଏବେ ଟାଟା କମ୍ପାନୀ ଘରେଘରେ ସ୍ମାର୍ଟ ମିଟର ବସାଇ ଲୋକଙ୍କୁ ଶୋଷଣ କରିବା ଆରମ୍ଭ କରିଦେଇ ସାରିଲାଣି । ଏହାକୁ ନେଇ ଦୈନିକ ଉପଭୋକ୍ତାମାନେ ବାରମ୍ବାର କାର୍ଯ୍ୟାଳୟକୁ ଯାଇ ଅଧିକ ବିଲ କାହିଁକି ଆସୁଛି ବୋଲି କର୍ମଚାରୀଙ୍କୁ ପଚାରିବାରୁ ସେମାନେ ଏହା କମ୍ପାନୀ କରୁଛି ବୋଲି ସଫେଇ ଦେଇ ନିଜ ମୁଣ୍ଡରୁ ଦୋଷ ହଟାଇ ଦେଇଥାନ୍ତି । ଏବେ ବଜାରଘାଟରେ ପନିପରିବା ଠାରୁ ଆରମ୍ଭ କରି ରାସନ ଦର ହୁହୁ ହୋଇ ବଢ଼ି ଚାଲୁଥିବା ବେଳେ ବେଡ଼ି ଉପରେ କୋରଡ଼ାମାଡ଼ ଭଳି ବିଦ୍ୟୁତ୍ ଶୁଳ୍କ ଲୋକଙ୍କୁ ଅତିଷ୍ଠ କରିଲାଣି । ଏହାର ଉଦାହରଣ ତାଳଚେରରେ ଗଣେଶପୂଜା ପୂର୍ବରୁ ପ୍ରାୟ ୧ମାସ ହେବ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟୁତ୍ ତାର ସଜାଡ଼ିବା ନେଇ ପ୍ରତ୍ୟେକ ଦିନ ୬ରୁ ୮ ଘଣ୍ଟା ବିଦ୍ୟୁତ୍ କାଟ୍ କରାଯାଉଥିଲା । କିନ୍ତୁ ଏହାର ପରବର୍ତ୍ତି ମାସରେ ପୂର୍ବରୁ ଯେତିକି ବିଜୁଳ ୟୁନିଟ୍ ଉଠିଥାଏ ସେହି ୬ରୁ ୮ ଘଣ୍ଟା ପାୱାରକଟ୍ ପରେ ମଧ୍ୟ ବିଲ କିପରି ଏତେ ଉଠିଲା ବୋଲି ଉପଭୋକ୍ତାଙ୍କ ମନରେ ସନ୍ଦେହ ପ୍ରକଟ ପାଇବା ସହ ଏଥିରେ ଟାଟା ପାୱାର ପକ୍ଷରୁ ଲୋକଙ୍କୁ ଭୂଆଁ ବୁଲାଇ ଏବେ ପୁଣି ପୁରୁଣା ମିଟରକୁ ନେଇ ନୂଆସ୍ମାର୍ଟ ମିଟର ଲଗାଇ କୋଟି କୋଟିଟଙ୍କା ଲୁଟି ନେଉଥିବା ଘଟଣାକୁ କେନ୍ଦ୍ରକରି ତାଳଚେର ଅଞ୍ଚଳରେ ଏବେ ଆନ୍ଦୋଳନର ଦାନା ବାନ୍ଧିବା ଆରମ୍ଭ କରିଛି ।

## ଆଇଡିଆଲ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ଅନୁଗୋଳ,୨୪ ।୧୨(ସମିସ):** ଅନୁଗୋଳ ଗାନ୍ଧିମାର୍ଗସ୍ଥିତ ଆଇଡିଆଲ୍ ପବ୍ଲିକ ସ୍କୁଲର ୨୦ତମ ବାର୍ଷିକ ଉତ୍ସବ ସୃଜନ୍-୨୦୨୫ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି । ଅଧ୍ୟକ୍ଷ ଆଶିଷ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଏସ୍‌ପି ରାହୁଲ ଜୈନ୍, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନ ସମ୍ମାନିତ ଅତିଥି ଭାବେ ପିଏମଶ୍ରୀ କେଭି-୧ର ଅଧ୍ୟକ୍ଷ



ହିରନମୟ ପ୍ରସାଦ ଚାନ୍ଦ ଯୋଗଦେଇ ଛାତ୍ରଛାତ୍ରୀମାନେ କିପରି ସୁନାଗରିକ ହୋଇପାରିବେ ଓ ସାମାଜିକ ସ୍ରୋତରେ ସାମିଲ ହୋଇପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମିତାଭ ମିଶ୍ର, ସମ୍ପାଦକ ଜପକୃଷ୍ଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷୟିତ୍ରୀ ଅମିତା ଦେହୁରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ନାଟକ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ମୁଖ୍ୟଅତିଥି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବୋମା ଫୁଟି ନାବାଳିକା ଗୁରୁତର

**ଛେଣ୍ଡିପଦା,୨୪ ।୧୨(ସମିସ):** ଛେଣ୍ଡିପଦା ବନାଞ୍ଚଳ ଗୋହିରାପଶିଠାରେ ଜନ୍ତୁ ଶିକାର ପାଇଁ ଖଞ୍ଜାଯାଇଥିବା ବୋମା ଫୁଟି ଜଣେ ନାବାଳିକା ଗୁରୁତର ଆହତ ହୋଇଛନ୍ତି । ଗୁରୁତର ନାବାଳିକା ହେଲେ ବାହାଲସାହି ଗାଁର ମାନସୀ ବେହେରା । ସାଙ୍ଗମାନଙ୍କ ସହ ମାନସୀ ଗୋହିରାପଶି ଗାଁ ନିକଟ ଜଙ୍ଗଲକୁ ଭୋଜି କରିବାକୁ ଯାଇ ଜାଳକାଠ ଯୋଗାଡ଼ କରୁଥିବା ବେଳେ ତାଙ୍କ ହାତରେ ବୋମା ବାଜି ଫୁଟିଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ

**ଅନୁଗୋଳ,୨୪ ।୧୨(ସମିସ):**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଦିନିକିଆ ଅନୁଗୋଳ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପରୁ ଲୋକାର୍ପଣ କରିଛନ୍ତି । ଅନୁଗୋଳ ପିଏମ୍‌ଶ୍ରୀ ଜବହର ନବୋଦୟ ବିଦ୍ୟାଳୟ, ଚମ୍ପତିମୁଣ୍ଡାଠାରେ ୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ବହୁମୁଖୀ ସଭାଗୃହ ଲୋକାର୍ପଣ କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ । ଏହି ଅତ୍ୟାଧୁନିକ ସଭାଗୃହ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ । ବିଦ୍ୟାଳୟ ପରିସରରେ ଥିବା ଲ୍ୟାବ୍, କୃଷି ଲ୍ୟାବ୍ ପରିଦର୍ଶନ କରି ନୂତନ ଅଟଳ ଟିଙ୍କରିଂ ଲ୍ୟାବ



ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ । କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲାପାଳ ଅବଦାଲ ମୁହମ୍ମଦ୍ ଅଖତର, ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଏସ୍‌ପି ରାହୁଲ ଜୈନ, ନବୋଦୟ ବିଦ୍ୟାଳୟ କମିଶନର ରାଜେଶ ଲେଖାନୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ପରେ କେନ୍ଦ୍ରମନ୍ତ୍ରୀ ପୁରୁଣାଗଡ଼ସ୍ଥିତ ମଦନମୋହନ ମନ୍ଦିର ଦର୍ଶନ କରି ଜିଲ୍ଲାବାସୀଙ୍କ ସୁଖସମୃଦ୍ଧି କାମନା କରିଥିଲେ । ମାଣିକଯୋଡ଼ିଠାରେ ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା ପ୍ରାୟ ୨୬ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ୬ଟି ପ୍ରକଳ୍ପର ଭୂମିପୂଜନ କରିଥିଲେ । ଏହି ପ୍ରକଳ୍ପଗୁଡ଼ିକ ହେଲା ବାଲିଜେରେଙ୍ଗଠାରୁ ବେତାର ରାସ୍ତା, ଶରଧାପୁରରୁ ପଥରଗଡ଼ ରାସ୍ତା, ମାଣିକଯୋଡ଼ିରୁ କୃଷ୍ଣଚନ୍ଦ୍ରଗଡ଼ ଭାୟା କୁଳସର ରାସ୍ତା, ଅନ୍ଧୁଲିଆରୁ ତାବଡ଼ା ରାସ୍ତା, ପିଡବ୍ଲ୍ୟୁଡି ରାସ୍ତାଠାରୁ ନୂଆବଡ଼ଦାଣ୍ଡ ସାହି ରାସ୍ତା ଉପରେ କଇଁଆ ସେତୁ, ଶରଧାପୁରଠାରୁ ଗଡେଇମୁଣ୍ଡା ରାସ୍ତା ଉପରେ ମାଟେଲିଆ ସେତୁ । ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଟିକରପଡ଼ା ପରିଦର୍ଶନ କରିଥିଲେ ।

## ବଅଁରପାଳ ଶିଶୁ ବିଦ୍ୟା ମନ୍ଦିର ଗଣିତ ଦିବସ

**ବଅଁରପାଳ,୨୪ ।୧୨(ସମିସ):** ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମ ଜୟନ୍ତୀ ଅବସରରେ ଗଣିତ ଦିବସ ପାଳନ ଓ ଗଣିତ ହାଟ ଆୟୋଜନ



କରାଯାଇଥିଲା । ଏହାକୁ ଦେଖିବାକୁ ଅନ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଆସିଥିଲେ । ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଓ ଗଣିତ ପ୍ରମୁଖ କୃତାର୍ଥ ଗଡ଼ନାୟକ ଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସତ୍ୟବାନ୍ ବରାହ, ସମ୍ପାଦକ ଅଖିଳ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଅକ୍ଷୟ ସେନାପତି, ସଦସ୍ୟା ପଦ୍ମିନୀ ବେହେରା ଓ ପୂର୍ବତନ ପରିଚାଳନା ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ ।

ସକାଳ
THE SAKALA

# ସମ୍ପାଦକୀୟ



ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଓ ମହିଳା ସଶକ୍ତୀକରଣ ଦ୍ୱାରା ଜନସଂଖ୍ୟା ବିସ୍ଫୋରଣକୁ ରୋକାଯାଇପାରିବ।
-ବିଲ୍ ଗେଟ୍‌ସ

## ଗାଜାର ଗଜବ ସ୍ଥିତି

ଇସ୍ରାଏଲ ଓ ଗାଜା ମଧ୍ୟରେ ଗତ ଅକ୍ଟୋବର ୧୦ ରୁ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ତାହା କେତେଦୂର ଯଥାର୍ଥରେ କାର୍ଯ୍ୟକାରୀ ହେଉଛି ସେଥିପ୍ରତି ଦୃଷ୍ଟିଦେବାକୁ ମଧ୍ୟସ୍ଥଙ୍କ ଭୂମିକା ନଗଣ୍ୟ ହୋଇପଡ଼ିଛି। ଇତିମଧ୍ୟରେ ଇସ୍ରାଏଲ ୮୦୦ ଥର ଯୁଦ୍ଧବିରତି ଉଲ୍ଲଙ୍ଘନ କରି ୩୮୬ ଜଣଙ୍କୁ ହତ୍ୟା କରିଛି। ୫ ଦିନ ତଳେ ହମାସର ଜଣେ ସିନିୟର କମାଣ୍ଡର ଇସ୍ରାଏଲ୍ ଆକ୍ରମଣରେ ନିହତ ହୋଇଛନ୍ତି। ଏକଥା ସତ ଯେ ପୂର୍ବଭଳି ଯୁଦ୍ଧ ଘନଘଟାର ତୀବ୍ରତା ନାହିଁ। ପ୍ରବଳ ବର୍ଷାରେ ଗାଜାର ଅସ୍ଥାୟୀ ଶିବିର ଜଳମଗ୍ନ ହୋଇଛି। ସେମାନଙ୍କ ପୁନଃଥଇଥାନ ଓ ରିଲିଫ୍ ଯୋଗାଣ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏମିତିରେ ପୁନଃନିର୍ମାଣ ପ୍ରକଳ୍ପର କୌଣସି ଆଭାସ ଦେଖାଯାଉ ନାହିଁ। ନେତାନ୍ୟାହୁଙ୍କ ପରାମର୍ଶରେ ଡୋନାଲ୍ଡ ଟ୍ରମ୍ପ ହମାସଙ୍କୁ କିଭଳି ନିରସ୍ତ୍ର କରାଯିବ ସେ ନେଇ ବ୍ୟସ୍ତ ବିବ୍ରତ। ଏଥି ସକାଶେ ଆନ୍ତର୍ଜାତିକ ସ୍ଥିରତା ବାହିନୀ (ଆଇଏସଏଫ) ଗଠନରେ ସେ କିଛି ମୁସଲିମ ରାଷ୍ଟ୍ରଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି ବାହିନୀରେ ପାକିସ୍ତାନର ୩୦୦ ସୈନ୍ୟ. ଯୋଗ ଦେଇଥିବାର ଜଣାପଡ଼ିଛି। ପାକ୍ ସେନାବାହିନୀ ମୁଖ୍ୟ ଅସିମ ମୁନୀରଙ୍କ ସହ ଟ୍ରମ୍ପଙ୍କ ପ୍ରତ୍ୟକ୍ଷ ଆଲୋଚନା ସଫଳ ହୋଇଛି। ଏହି ବାହିନୀରେ ସାଉଦୀ ଆରବ, ମିଶର ଓ ଜୋର୍ଡାନର ଯୋଗଦାନ ରହିବାର ସୂଚନା ମିଳିଛି।

ମୁନୀରଙ୍କ ନିଷ୍ପତ୍ତି ପରେ ପାକିସ୍ତାନରେ ପ୍ରବଳ ପ୍ରତିକ୍ରିୟା ମୁଣ୍ଡ ଟେକିଛି। ଇମରାନ ଖାଁ ଓ ତାଙ୍କ ଭଉଣୀଙ୍କ ନେତୃତ୍ୱରେ ପରିଚାଳିତ ଦଳୀୟ କର୍ମୀଙ୍କ ବିକ୍ଷୋଭ ଓ ସମାବେଶକୁ ଆତଙ୍କବାଦ ନିରୋଧ ଆଇନ ବଳରେ ଦମନ କରାଯାଉଥିବା ବେଳେ ଗାଜାରେ ସୈନ୍ୟ ମୁତୟନକୁ ନେଇ ନୂଆ ବିବାଦ ମୁଣ୍ଡ ଟେକିଛି। ଦେଶରେ ସକ୍ରିୟ ଥିବା ଇସ୍ରାଏଲ ବିରୋଧୀ ଗୋଷ୍ଠୀ ବଡ଼ ଧରଣର ମେଳି ଓ ବିଦ୍ରୋହ ପାଇଁ ପ୍ରସ୍ତୁତ ହେଉଥିବାର ଜଣାପଡ଼ିଛି। ଗାଜାରେ ଅସ୍ତ୍ରବିରତି ପରେ ଶାନ୍ତି ଫେରି ଆସି ନ ଥିବା ବେଳେ ଏହି ସ୍ଥିରତା ବାହିନୀ ଗଠନର ଆବଶ୍ୟକତା କ'ଣ? ସୂଚନାଯୋଗ୍ୟକି ଇସ୍ରାଏଲର ସ୍ଥଳବାହିନୀ ପରିସ୍ଥିତି ସମ୍ଭାଳିବାକୁ ଅସାମର୍ଥ୍ୟ ପ୍ରକାଶ କରିଛି। ସ୍ଥଳବାହିନୀ ମୁଖ୍ୟଙ୍କ ସୂଚନା ଅନୁଯାୟୀ ବିପୁଳ ସଂଖ୍ୟାରେ ଯବାନ୍ ଇସ୍ତଫା ଦେଇଛନ୍ତି। କେବଳ ବାୟୁସେନା ମାଧ୍ୟମରେ ଆକାଶ ମାର୍ଗରୁ ଯୁଦ୍ଧର ଚଳଚଞ୍ଚଳତା ଜାରି ରହିଛି। ହମାସଙ୍କୁ ନିରସ୍ତ୍ର କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ। ତେଣୁ କିଛି ମୁସଲମାନ ରାଷ୍ଟ୍ରଙ୍କ ସେନା ମୁତାୟନ କରି ହମାସଙ୍କ ବିରୋଧରେ ସେମାନଙ୍କୁ ଲଢ଼ାଇଦେବାର ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି। ନେତାନ୍ୟାହୁଙ୍କ ଏହି ପ୍ରସ୍ତାବକୁ ଗ୍ରହଣ କରି ଟ୍ରମ୍ପ ମଧ୍ୟପ୍ରାଚ୍ୟର ସହଯୋଗୀ ରାଷ୍ଟ୍ର ଓ ପାକିସ୍ତାନ ଉପରେ ଚାପ ପ୍ରୟୋଗ କରିଛନ୍ତି। ମୁନୀର ଏହାକୁ ମାନି ନେଇ ନିଜ ଦେଶରେ ପ୍ରବଳ ଚାପର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷରେ ଶାନ୍ତି ରାଜିନାମାର ଅନ୍ୟତମ ସହଯୋଗୀ କାତାର ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତରେ ଯାଇ ବୈଦେଶିକ ମନ୍ତ୍ରୀ ରୁବେରିଓଙ୍କ ସହ ଆଲୋଚନା କରିଛନ୍ତି। ଇସ୍ରାଏଲର ଅସ୍ତ୍ରବିରତି ଉଲ୍ଲଙ୍ଘନ ଓ ସ୍ୱତନ୍ତ୍ର ପାଲେଷ୍ଟାଇନ ଗଠନ ଉଦ୍ୟମକୁ ପଣ୍ଡ କରିଦେବା ପାଇଁ ପ୍ରୟାସ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ନେତାନ୍ୟାହୁଙ୍କ ଆଭିମୁଖ୍ୟ ଯାହା, ସେଥିରେ ଗାଜାରେ ଯେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେବ ସେ ଆଶା ଊଣା। ହସମାସଙ୍କୁ ନିରସ୍ତ୍ର କରିବା ନାମରେ ପରସ୍ପର ବିରୋଧରେ ଲଢ଼େଇ ସକାଶେ ଯେଉଁ ଯୋଜନା ହୋଇଛି ତାହାର ପରିଣାମ ଭୟଙ୍କର ହେବ। ●

## ଓମାନ ପରେ ନ୍ୟୁଜିଲାଣ୍ଡ

ନ୍ୟୁଜିଲାଣ୍ଡ ସହ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ ହୋଇଛି। ୨୦୨୧ ପରେ ଭାରତର ଏହା ହେବ ସପ୍ତମ ବାଣିଜ୍ୟ ରାଜିନାମା। ଦୁଇଦେଶ ମଧ୍ୟରେ ୯ ମାସ ଧରି ଏହି ଚୁକ୍ତିନାମା ପାଇଁ ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନାର ଅନ୍ତ ଘଟିଛି। କେବଳ ନ୍ୟୁଜିଲାଣ୍ଡ ସଂସଦର ଅନୁମୋଦନକୁ ଅପେକ୍ଷା। ଭାରତର ଶତପ୍ରତିଶତ ଓ ନ୍ୟୁଜିଲାଣ୍ଡ ୯୫ ପ୍ରତିଶତ ସାମଗ୍ରୀ ରପ୍ତାନି ଶୁଳ୍କ ମୁକ୍ତ ହୋଇଛି। ଦୁଇଦେଶର ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ ଏହି ରାଜିନାମା ଘୋଷଣା କରିଛନ୍ତି। ସପ୍ତାହକ ପୂର୍ବରୁ ଗଲ୍ଫ ରାଷ୍ଟ୍ର ଓମାନ ସହ ମଧ୍ୟ ଭାରତ ଅନୁରୂପ ରାଜିନାମା ସ୍ୱାକ୍ଷର କରିଥିଲା।

ବିଶ୍ୱରେ ବିଭିନ୍ନ ରାଷ୍ଟ୍ର ବ୍ୟବସାୟ କ୍ଷେତ୍ରରେ ରକ୍ଷଣଶୀଳ ନୀତି ଅନୁସରଣ କରୁଥିବାରୁ ନିଜ ନିଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରାଜିନାମାରେ ଉପନୀତ ହେଉଛନ୍ତି। ଯେମିତି ନ୍ୟୁଜିଲାଣ୍ଡ ସହ ହୋଇଥିବା ରାଜିନାମାରୁ କୃଷିଜାତ ଓ ଦୁଗ୍ଧ ଜାତ ଦ୍ରବ୍ୟକୁ ବାଦ ଦିଆଯାଇଛି। ୟୁକେ ସହ ହୋଇଥିବା ମୁକ୍ତ ବାଣିଜ୍ୟ ରାଜିନାମାରେ ମଧ୍ୟ ଭାରତ ଅନୁରୂପ ଆଭିମୁଖ୍ୟ ଗ୍ରହଣ କରିଛି। ଅନ୍ୟ ପକ୍ଷରେ ଭାରତୀୟ ଚାଷୀ ନ୍ୟୁଜିଲାଣ୍ଡର ସଂପ୍ରସାରିତ ବଜାରରେ ସୁଯୋଗ ପାଇବା ସହ ବୈଷୟିକ ସହାୟତା ମଧ୍ୟ ହାସଲ କରିବ। ମୁକ୍ତ ବାଣିଜ୍ୟ ରାଜିନାମାରେ ଦୁଗ୍ଧଜାତ ଦ୍ରବ୍ୟ ଓ କୃଷି ଉତ୍ପାଦକୁ ବାଦ ଦିଆଯାଉଥିବାରୁ ନ୍ୟୁଜିଲାଣ୍ଡ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ତେବେ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲଙ୍କ କହିବା କଥା ହେଲା, ଭରତ ତାହାର ଦୁଗ୍ଧ ବଜାରକୁ ଅନ୍ୟ ଦେଶ ପାଇଁ ମୁକ୍ତ କରିପାରିବ ନାହିଁ। ସେହିଭଳି ଚାଉଳ, ଗହମ, ସୋୟାବିନ ଓ ଅନ୍ୟାନ୍ୟ କୃଷି ଉତ୍ପାଦ କ୍ଷେତ୍ରରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ।

ଏହି ରାଜିନାମାର ବୃହତ୍ତର ଦିଗ ହେଲା, ନ୍ୟୁଜିଲାଣ୍ଡ ଏକାଥରକେ ଭାରତୀୟଙ୍କ ପାଇଁ ୫୦୦୦ ଭିସା ଦେବ। ତାହା ସହ ତିନିବର୍ଷ ରହଣି ପାଇଁ ମଧ୍ୟ ଅନୁମତି ପ୍ରଦାନ କରିବ। ଏହାଦ୍ୱାରା ଭାରତୀୟ ଛାତ୍ରଙ୍କ ପାଇଁ ଉଚ୍ଚତର ଶିକ୍ଷାଲାଭ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି। ସେହିଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉଚ୍ଚ ପେସାଦାରଙ୍କ ସହାୟତାର ଆବଶ୍ୟକତା ମଧ୍ୟ ଅଛି। ତେଣୁ ସାମୟିକ ଭିସା ମାଧ୍ୟମରେ ସେମାନେ ସେଠାରେ ଉପକୃତ ହୋଇପାରିବେ। ଆଗାମୀ ଦିନରେ ନ୍ୟୁଜିଲାଣ୍ଡରେ ବିପୁଳ ନିଯୁକ୍ତି ସୁଯୋଗ ଥିବାରୁ ଏହି ବୁଝାମଣା ଭାରତୀୟ ଶ୍ରମଭିତ୍ତିକ କର୍ମୀଙ୍କ ପାଇଁ ସମ୍ଭାବନାର ପଥ ଉନ୍ମୁକ୍ତ କରିଛି। ୨୦୨୪ ରେ ଦୁଇ ଦେଶ ମଧ୍ୟରେ ସାମଗ୍ରୀ ଓ ସେବା କାରବାର ୨୪୦ କୋଟି ଡଲାର ଥିଲା। ସେଥିମଧ୍ୟରୁ କେବଳ ସେବା ବାବଦ ଅଂଶ ୧୨୪ କୋଟି ଡଲାର। ଆଗାମୀ ଦିନରେ ଭାରତୀୟ କମ୍ପାନୀଗୁଡ଼ିକ ନ୍ୟୁଜିଲାଣ୍ଡରେ ନିଜର ସ୍ଥିତି ସୁଦୃଢ଼ କରିବେ ବୋଲି ଆଶା କରାଯାଉଛି। ସର୍ବୋପରି ଦେଶର ବୟନ, ପୋଷାକ, ଚମଡ଼ା ସାମଗ୍ରୀ ଓ ସାମୁଦ୍ରିକ ଉତ୍ପାଦ ରପ୍ତାନି ପାଇଁ ବିପୁଳ ସୁଯୋଗ ସୃଷ୍ଟି ହୋଇଛି।

ଭାରତ ଭଳି ଦ୍ରୁତ ଗତିଶୀଳ ଅର୍ଥନୀତି ପାଇଁ ବିଭିନ୍ନ ରାଷ୍ଟ୍ରସହ ବାଣିଜ୍ୟ କାରବାରର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ବଜାର ଅର୍ଥନୀତିରେ ବାଣିଜ୍ୟିକ ସ୍ୱାର୍ଥରକ୍ଷା ସହ କୂଟନୈତିକ ସଂପର୍କ ସୁଦୃଢ଼ କରିବା ପ୍ରତି ରାଷ୍ଟ୍ରନାୟକମାନେ ପ୍ରାଧାନ୍ୟ ଦେଇଥିବାରୁ ଦିନକୁ ଦିନ ନୂଆ ବିକଳ୍ପ ମଞ୍ଚ ମୁଣ୍ଡ ଟେକୁଥିବାର ପରିଲକ୍ଷିତ ହେଉଛି। ●

# ପରମାଣୁ ଶକ୍ତି ବିକାଶ ଓ 'ଶାନ୍ତି'

ଇଂ ମାୟାଧର ସ୍ୱାଇଁ

ନିକଟରେ ଶେଷ ହୋଇଥିବା ସଂସଦର ଶୀତ ଅଧିବେଶନରେ ଦେଶରେ ପରମାଣୁ ଶକ୍ତିର ବିକାଶ ପାଇଁ ଏକ ବିଧେୟକ ପାରିତ ହୋଇଛି। ଏହା ହେଉଛି 'ସଷ୍ଟେନେବଲ୍ ହାର୍ସେନିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର ଟ୍ରାନ୍ସଫରମିଙ୍ଗ ଇଣ୍ଡିଆ' ବା ସଂକ୍ଷେପରେ 'ଶାନ୍ତି' ବିଲ୍। ଦେଶରେ ପରମାଣୁ ଶକ୍ତି ସମ୍ବନ୍ଧୀୟ ଦୁଇଟି ଆଇନ୍ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି। ସେଗୁଡ଼ିକ ହେଉଛି 'ପରମାଣୁ ଶକ୍ତି ଆଇନ-୧୯୬୨' ଏବଂ 'ପରମାଣିକ କ୍ଷତି ପାଇଁ ଦାୟିତ୍ୱ ଆଇନ-୨୦୧୦'। ନୂତନ ବିଲ୍ ଏହି ଦୁଇଟି ଆଇନ୍ ପ୍ରତିବଦଳରେ ପ୍ରଚଳିତ ହେବ। ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରମାଣୁ ଶକ୍ତି କ୍ଷେତ୍ରରେ ବେସରକାରୀ କମ୍ପାନୀଗୁଡ଼ିକୁ ଅନୁମତି ଦେବା।

ବର୍ତ୍ତମାନ ଦେଶରେ ପରମାଣୁ ଶକ୍ତି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ସରକାରୀ ସ୍ତରରେ କିମ୍ବା ସରକାରଙ୍କ ଅଧୀନସ୍ଥ ସଂସ୍ଥା 'ଭାରତୀୟ ଆଣବିକ ନିଗମ ଲିମିଟେଡ' ହାତରେ ଅଛି। ତା' ହେଲେ ଏହାକୁ ବେସରକାରୀ କମ୍ପାନୀକୁ ସମର୍ପଣ କରିବାର ଉଦ୍ଦେଶ୍ୟ କ'ଣ? ଭାରତର ମୋଟ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୫୦ ପ୍ରତିଶତ ତାପଜ ବିଦ୍ୟୁତ୍‌ରୁ ଆସୁଛି। ତାହା ହିଁ ହେଉଛି ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ। ତାପଜ ବିଦ୍ୟୁତ୍ ଉତ୍ପାଦନ ହ୍ରାସ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ରାଜିନାମା ହୋଇଛି ଏବଂ ଭାରତ ସେଥିରେ ସ୍ୱାକ୍ଷର କରିଛି। ତାପଜ ବିଦ୍ୟୁତ୍‌ର ଏକ ବିକଳ୍ପ ଭାବରେ ପରମାଣୁ ଶକ୍ତିକୁ ବିଚାର କରାଯାଉଛି। ଏଣୁ ଭାରତ ସରକାର ୨୦୪୭ ମସିହା ସୁଦ୍ଧା ଦେଶରେ ପରମାଣୁ ବିଦ୍ୟୁତ୍ ଉତ୍ପାଦନ କ୍ଷମତାକୁ ୧୦୦ ଗିଗାୱାଟ୍‌କୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସରକାରୀ ସ୍ତରରେ ଏହା ହାସଲ କରିବା ସମ୍ଭବ ନୁହେଁ ମନେ କରି ସରକାର ଏହି ପଦକ୍ଷେପ ନେଇଛନ୍ତି।

ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ମହାରାଷ୍ଟ୍ରର ତାରାପୁରଠାରେ ୧୯୬୯ ମସିହାରେ ସ୍ଥାପିତ ହୋଇଥିଲା ଏବଂ ୨୦୨୫ ମସିହା ଡିସେମ୍ବର ମାସ ସୁଦ୍ଧା ଦେଶରେ ପରମାଣୁ ବିଦ୍ୟୁତ୍ ପ୍ରତିଷ୍ଠିତ କ୍ଷମତା ହେଉଛି ୮୭୮୦ ମେଗାୱାଟ୍ (୮.୭୮ ଜିଗାୱାଟ୍)। ଏହା ହେଉଛି ଦେଶର ମୋଟ ବିଦ୍ୟୁତ୍ ଉତ୍ପାଦନର ମାତ୍ର ତିନି ପ୍ରତିଶତ। ପରମାଣୁ ଶକ୍ତି ପ୍ରତିଷ୍ଠାର ଏହି କଚ୍ଛପ ଗତିକୁ ଦେଖିଲେ ଆଉ ୨୨ ବର୍ଷ ମଧ୍ୟରେ ଏହା ଆଠଗୁଣ ବୃଦ୍ଧି ପାଇବା ଆଶା କରିବା ବୃଥା। ସରକାରୀ ସ୍ତରରେ ଅର୍ଥାଭାବ ସାଙ୍ଗକୁ ଶାସନଗତ ଓ ଅମଲାତାନ୍ତ୍ରିକ ଅସୁବିଧା ଅଛି, ଯାହା ବେସରକାରୀ କମ୍ପାନୀ ପାଖରେ ନାହିଁ।

ପନ୍ଦର ବର୍ଷ ପୂର୍ବେ କ୍ଷୁଦ୍ର ପରମାଣୁ ରିଆକଟର ଓ ଭାରତ କ୍ଷୁଦ୍ର ରିଆକ୍ଟର ବିଷୟରେ ଜଣା ନଥିଲା କିମ୍ବା କେହି ଏହାର କଳ୍ପନା ମଧ୍ୟ କରି ନ ଥିଲେ। ୫ ମେଗାୱାଟ୍, ୫୫ ମେଗାୱାଟ୍ ଓ ୨୦୦ ମେଗାୱାଟ କ୍ଷମତାର ପରମାଣୁ ରିଆକ୍ଟରଗୁଡ଼ିକ ହେଉଛି ଦକ୍ଷ ଓ ନିରାପଦ ଏବଂ ଏହାର ନିର୍ମାଣ ସମୟ ବହୁତ କମ୍। ଏଗୁଡ଼ିକୁ ବେସରକାରୀ କମ୍ପାନୀଗୁଡ଼ିକ ନିର୍ଦ୍ଧାରିତ ସମୟରେ ସମ୍ପାଦନ କରିପାରିବେ ବୋଲି ଆଶା କରାଯାଉଛି। ଅନେକଙ୍କର ଧାରଣା ଯେ ପରମାଣୁ ଶକ୍ତି କେବଳ ବିଦ୍ୟୁତ୍ ଉତ୍ପାଦନ ଓ ଅସ୍ତ୍ର (ବୋମା) ନିର୍ମାଣ ପାଇଁ ବ୍ୟବହୃତ ହେଉଛି। କିନ୍ତୁ ଶାନ୍ତି କ୍ଷେତ୍ରରେ ଏହାର ଅନେକ ଉପଯୋଗ ହେଉଛି। ଏଣୁ ବେସରକାରୀ ସ୍ତରରେ ପରମାଣୁ ଶକ୍ତି ଉତ୍ପାଦିତ ହେଲେ ଏହି ସବୁ କ୍ଷେତ୍ର ପାଇଁ ସହଜରେ ଉପଲବ୍ଧ ହୋଇପାରିବ।

ବିଲ୍ ଅନୁଯାୟୀ କେନ୍ଦ୍ର ସରକାରଙ୍କ କୌଣସି ବିଭାଗ, ସରକାରୀ କମ୍ପାନୀ, ବେସରକାରୀ କମ୍ପାନୀ କିମ୍ବା ଯୌଥ କମ୍ପାନୀ ପରମାଣୁ ଶକ୍ତି କାର୍ଯ୍ୟକ୍ରମ ପାଇଁ ସରକାରଙ୍କଠାରୁ ଲାଇସେନ୍ସ ନେବାକୁ ପଡ଼ିବ। ଏହାପରେ ସେମାନେ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ, ପ୍ରଚଳନ କିମ୍ବା ଭାଙ୍ଗି ପାରିବେ। ସେମାନଙ୍କ କାର୍ଯ୍ୟ ମଧ୍ୟରେ ପରମାଣୁ ଇନ୍ଧନ ନିର୍ମାଣ, ପରମାଣୁ ଇନ୍ଧନ କିମ୍ବା ବ୍ୟବହୃତ ଇନ୍ଧନର ପରିବହନ ଓ ସଞ୍ଚୟ ଏବଂ ପରମାଣୁ ପଦାର୍ଥ, ଉପକରଣ, ପ୍ରଯୁକ୍ତିବିଦ୍ୟା କିମ୍ବା ସଫ୍ଟୱୟାର ରପ୍ତାନି ଓ ଆମଦାନୀ ଅନ୍ତର୍ଭୁକ୍ତ।

ପରମାଣୁ ଶକ୍ତି କାର୍ଯ୍ୟକ୍ରମର ଦୁଇଟି ବଡ଼ ବିପତ୍ତି ଅଛି। ଗୋଟିଏ ହେଉଛି ପରମାଣୁ ବିକିରଣ ଜନିତ ନିରାପତ୍ତା ଏବଂ ଅନ୍ୟଟି ହେଉଛି ପରମାଣୁ ଅସ୍ତ୍ର ନିର୍ମାଣ ପାଇଁ ଏହାର ଦୁରୁପଯୋଗ। ପରମାଣୁ କେନ୍ଦ୍ରରେ ଦୁର୍ଘଟଣା ଘଟିଲେ ବିକିରଣ ଯୋଗୁଁ ଅନେକ କ୍ଷତି ହୋଇପାରେ ଏବଂ ପରମାଣୁ ବୋମାର ଭୟାବହତା ସମସ୍ତଙ୍କୁ ଜଣା। ଏଥିପାଇଁ ଭାରତ ସମେତ ଅନେକ ଦେଶରେ ପରମାଣୁ କାର୍ଯ୍ୟକ୍ରମ ସରକାରଙ୍କର ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି। ନୂତନ ବିଲ୍‌ରେ ସରକାର ବେସରକାରୀ ସ୍ତରକୁ ଏହାକୁ ପ୍ରସାରଣ କରିଥିବାରୁ ଏହି ଉଭୟ ବିପତ୍ତିକୁ ଲକ୍ଷ୍ୟ କରି ଏଥିରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇଛି। ସରକାର ପରମାଣୁ ପଦାର୍ଥ ଓ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ରଖିବେ। ପରମାଣୁ ଶକ୍ତିର ଇନ୍ଧନ ହେଉଛି ୟୁରାନିୟମ ଓ ଅନ୍ୟ କେତେକ ବିଖଣ୍ଡନୀୟ ପଦାର୍ଥ। ସରକାର ଏହାର ନିରୀକ୍ଷଣ କରିବେ। ବ୍ୟବହୃତ ପରମାଣୁ ଇନ୍ଧନକୁ ନିର୍ଦ୍ଦିଷ୍ଟ ଶୀତଳନ ଅବଧି ପର୍ଯ୍ୟନ୍ତ ନିରାପଦରେ ରଖିବାକୁ ହେବ ଏବଂ ଏହା ପରେ ଏହାକୁ ସରକାରଙ୍କୁ ହସ୍ତାନ୍ତର କରିବାକୁ ପଡ଼ିବ। ପରମାଣୁ କେନ୍ଦ୍ରରେ ମନ୍ଦକ ଭାବେ ଭାରୀଜଳ ବ୍ୟବହୃତ ହୁଏ ଏବଂ ବିଲ୍ ଅନୁଯାୟୀ ବ୍ୟବହାର ପରେ ଏହାକୁ ମଧ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ।

ପରମାଣୁ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଅନ୍ୟାନ୍ୟ କ୍ରିୟାକଳାପଗୁଡ଼ିକ ସରକାରଙ୍କର ଅଧୀନରେ ଅଛି। ଏହିସବୁ ମଧ୍ୟରେ ୟୁରାନିୟମ୍ ସମୃଦ୍ଧିକରଣ, ବ୍ୟବହୃତ ପରମାଣୁ ଇନ୍ଧନର ପୁନଃପ୍ରକ୍ରିୟାକରଣ, ପରମାଣୁ ଅବଶେଷର ପରିଚାଳନା ଏବଂ ଭାରୀଜଳ ଉତ୍ପାଦନ ଅନ୍ତର୍ଭୁକ୍ତ। ପୁନଶ୍ଚ ଖଣିରୁ ୟୁରାନିୟମ୍ ଓ ଥୋରିୟମ୍ ନିଷ୍କାସନ ମଧ୍ୟ କେବଳ ହେଉଛି ସରକାରଙ୍କର ଅଧିକାର। ଏହାର ଉତ୍ତୋଳନ କେବଳ ସରକାରଙ୍କ ନିୟନ୍ତ୍ରିତ କମ୍ପାନୀ କରିପାରିବେ ଏବଂ ସରକାରଙ୍କର ବିନା ଅନୁମତିରେ ଏଗୁଡ଼ିକର ବିକ୍ରି କିମ୍ବା ପରିବହନ ହୋଇ ପାରିବ ନାହିଁ।

'ଶାନ୍ତି' ବିଲ୍‌ରେ ଏକ ଉଲ୍ଲେଖନୀୟ ଧାରା ହେଉଛି ପରମାଣୁ ଶକ୍ତିଜନିତ ଦୁର୍ଘଟଣାର କ୍ଷୟକ୍ଷତି ପୂରଣ। ଯଦି କୌଣସି ପରମାଣୁ ଦୁର୍ଘଟଣା ହୁଏ, ତା' ହେଲେ ଏହାକୁ ଚଳାଉଥିବା କମ୍ପାନୀ ଏଥିପାଇଁ ଦାୟୀ ହେବ ଏବଂ ପୀଡ଼ିତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦେବ। ଏଥିମଧ୍ୟରେ ବିଦ୍ୟୁତ୍ କେନ୍ଦ୍ରରେ ଦୁର୍ଘଟଣା ଏବଂ ପରିବହନ ସମୟରେ ଦୁର୍ଘଟଣା ଅନ୍ତର୍ଭୁକ୍ତ। ଅବଶ୍ୟ ଯଦି ଜଣେ ବ୍ୟକ୍ତିର ନିଜର ଅବହେଳା ଯୋଗୁଁ ସେ କ୍ଷତିଗ୍ରସ୍ତ ହୋଇଥାଏ, ତା' ହେଲେ ସେ କ୍ଷତିପୂରଣ ପାଇବ ନାହିଁ। ପ୍ରତ୍ୟେକ ଦୁର୍ଘଟଣା ପାଇଁ କ୍ଷତିପୂରଣର ଏକ ସର୍ବୋଚ୍ଚ ସୀମା ବିଲ୍‌ରେ ନିର୍ଦ୍ଧାରଣ କରାଯାଇଛି। ଏହା ବିଦ୍ୟୁତ୍ କେନ୍ଦ୍ରର ଉତ୍ପାଦନ କ୍ଷମତା ଉପରେ ନିର୍ଭର କରେ। ୩୬୦୦ ମେଗାୱାଟ୍‌ରୁ ଅଧିକ ବିଦ୍ୟୁତ୍ କେନ୍ଦ୍ର ପାଇଁ ଏହା ୩୦୦୦ କୋଟି ଟଙ୍କା ଥିବା ବେଳେ ୧୫୦୦ରୁ ୩୬୦୦ ମେଗାୱାଟ ମଧ୍ୟରେ କ୍ଷମତା ପାଇଁ ୧୫୦୦ କୋଟି ଟଙ୍କା, ୭୫୦ ରୁ ୧୫୦୦ ମେଗାୱାଟର ରିଆକ୍ଟର ପାଇଁ ୭୫୦ କୋଟି ଟଙ୍କା, ୧୫୦ ରୁ ୭୫୦ ମେଗାୱାଟ କ୍ଷମତା ପାଇଁ ୩୦୦ କୋଟି ଟଙ୍କା ଏବଂ ଛୋଟ ରିଆକ୍ଟର, ଇନ୍ଧନ ଚକ୍ର ଉପକରଣ ଓ ପରମାଣୁ ପଦାର୍ଥର ପରିବହନ କ୍ଷେତ୍ରରେ ଏହା ୧୦୦ କୋଟି ଟଙ୍କା ରଖାଯାଇଛି। ସେହିପରି ପରମାଣୁ ନିୟମ ଉଲଙ୍ଘନକାରୀଙ୍କୁ ମଧ୍ୟ ବିଦ୍ୟୁତ୍ କେନ୍ଦ୍ରର କ୍ଷମତା ଅନୁଯାୟୀ ୫୦ ହଜାର ଟଙ୍କାରୁ ୧କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ଅଛି।

ଦେଶରେ ପରମାଣୁ ଶକ୍ତି କାର୍ଯ୍ୟକ୍ରମର ନିୟନ୍ତ୍ରଣ ପାଇଁ 'ପରମାଣୁ ଶକ୍ତି ନିୟାମକ ପରିଷଦ' ଅଛି। ନୂତନ ବିଲ୍‌ରେ ଏହାକୁ ଅଧିକ କ୍ଷମତା ଦିଆଯାଇଛି ଏବଂ ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ କରାଯାଇଛି। ଏହି ବିଲ୍‌କୁ ଅନେକ ସ୍ୱାଗତ କରିଥିବା ବେଳେ କେତେକ ବିରୋଧ ମଧ୍ୟ କରୁଛନ୍ତି। ଏହାଦ୍ୱାରା ନିଶ୍ଚିତ ଭାବେ ଦେଶରେ ସ୍ୱଚ୍ଛ ଓ ପରିଷ୍କାର ବିଦ୍ୟୁତ୍‌ର ବିକାଶ ହେବ। କିନ୍ତୁ ସମ୍ବେଦନଶୀଳ ପରମାଣୁ ଶକ୍ତିକୁ ସରକାରୀ କଳ ବାହାରକୁ ଦେବାର ନିରାପତ୍ତାଜନିତ ଚିନ୍ତା ମଧ୍ୟ ରହିଛି। ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ଇଂଲଣ୍ଡ, ଫିନଲାଣ୍ଡ ଓ କାନାଡ଼ାରେ ପରମାଣୁ ବିଦ୍ୟୁତ୍ ଉତ୍ପାଦନ ବେସରକାରୀ ଭାବେ ହେଉଛି ଏବଂ କୌଣସି ସମସ୍ୟା ସୃଷ୍ଟି ହୋଇନାହିଁ। ଏଣୁ ଆମ ଦେଶରେ ଏହା ମଧ୍ୟ ଠିକ୍ ଭାବରେ କାର୍ଯ୍ୟ କରିବ ବୋଲି ଆଶା କରିବା। କେବଳ ସରକାରଙ୍କ ଆୟୁକ୍ତ ନିରୀକ୍ଷଣ ଓ ସତର୍କତା ଆବଶ୍ୟକ। ●

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୬୨୪

# ସଂସଦରେ ଚା' ଭୋଜି: ଭାରତୀୟ ଗଣତନ୍ତ୍ରର ସଭ୍ୟ ପରମ୍ପରା

ରାଜେଶ କୁମାର ତ୍ରିପାଠୀ

ତୀବ୍ର ବାଦ-ବିବାଦ, ପ୍ରତିବାଦ, ବିରୋଧ, ଆରୋପ-ପ୍ରତ୍ୟାରୋପ ଓ ରାଜନୈତିକ ଉତ୍ତେଜନା ମଧ୍ୟରେ ସଂସଦର ଶୀତକାଳୀନ ଅଧିବେଶନ ସମାପ୍ତ ହୋଇଛି। ଅଧିବେଶନ ସମୟର ଏହିଭଳି ଦୃଶ୍ୟ ଆମ ସମସ୍ତଙ୍କ ପାଇଁ ସାଧାରଣ। ଭିନ୍ନ ମତ ଓ ତୀବ୍ର ତର୍କ ଛଡ଼ା ଗଣତନ୍ତ୍ର ଚାଲେ ନାହିଁ। କିନ୍ତୁ ଗଣତନ୍ତ୍ରର ଶକ୍ତି କେବଳ ତର୍କରେ ନୁହେଁ, ତର୍କରେ ସଂଯମ ଓ ସମ୍ମାନକୁ ଧରି ରଖିବାରେ ରହିଛି। ସେଇଠି ଆସେ ସଂସଦର 'ଚା' ଭୋଜି'ର ମହତ୍ତ୍ୱ।

ଲୋକସଭା ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରତ୍ୟେକ ଅଧିବେଶନ ପରେ ଆୟୋଜିତ ଏହି ଚା' ଭୋଜି କେବଳ ଏକ ସାମାଜିକ ଔପଚାରିକତା ନୁହେଁ। ଏହା ଭାରତର ସଭ୍ୟତାମୟ ଗଣତାନ୍ତ୍ରିକ ପରମ୍ପରାର ନିଦର୍ଶନ, ଯେଉଁଠି ଚା' କପର ଉଷ୍ମତା ଭିତରେ ବାଦ-ବିବାଦ ଜନିତ ଉତ୍ତେଜନା ପ୍ରଶମିତ ହୁଏ। ବିରୋଧୀ ଦଳର ପ୍ରତିନିଧି ମଧ୍ୟ ସରକାରଙ୍କର 'ଶତ୍ରୁ' ନୁହନ୍ତି, ବରଂ 'ସହଯାତ୍ରୀ', ଏହାକୁ ଅନୁଭବ କରାଇବାର ସୌଜନ୍ୟଭରା ଅବକାଶ ତିଆରି କରନ୍ତି ଲୋକସଭା ଅଧ୍ୟକ୍ଷ। ଚଳିତ ଥର ଶାସକ ଓ ବିରୋଧୀ ଉଭୟ ପକ୍ଷର ସୁସ୍ଥ ଉପସ୍ଥିତି ଏହି ପରମ୍ପରାକୁ ଆଉ ଗୋଟିଏ ସକାରାତ୍ମକ ବାର୍ତ୍ତା ଦେଇଛି, ଯାହା କେବଳ ଶବ୍ଦରେ ନୁହେଁ, ମନୋଭାବରେ ମଧ୍ୟ ପ୍ରକାଶ ପାଇଥିଲା। ଅଧିବେଶନ ଶେଷରେ ଏହି ଆସରରେ ଗମ୍ଭୀର ଅଭିଯୋଗ-ପ୍ରତ୍ୟାଭିଯୋଗର ପରିବେଶକୁ ସାମାଜିକ ସୌଜନ୍ୟ, ଗଣତାନ୍ତ୍ରିକ ଆବଶ୍ୟକତା ଭିତରେ ସମସ୍ତେ ହସ-ମଜାର ହାଲୁକା ରଙ୍ଗରେ ଖୁବ ସୁଖଦ ଭାବରେ ନିଜକୁ ଯୋଡ଼ି ନେଇଥିଲେ।

ବିରୋଧୀ ପକ୍ଷର ପ୍ରତିନିଧି ବସିଥିବା ଆସନରେ ମଧ୍ୟ ଶାସକ ଶିବିରର କଠୋର ମୁଖମଣ୍ଡଳ ନୁହେଁ, ସହଜ ହସ, ଧୈର୍ଯ୍ୟ ଓ ଶୁଣିବାର ଶ୍ରଦ୍ଧାପୂର୍ଣ୍ଣ ମନୋଭାବ ଦେଖାଗଲା। ବିରୋଧୀ ପକ୍ଷର ପ୍ରତିନିଧି ଯେତେବେଳେ ନିଜ ନିର୍ବାଚନ ମଣ୍ଡଳୀର ଏକ ଔଷଧୀୟ ଉଦ୍ଭିଦ ବିଷୟରେ କଥା ଉଠାଇ 'ଆଲର୍ଜିରୁ ରକ୍ଷା ପାଇଁ ସେ ଏହା ସେବନ କରନ୍ତି' ବୋଲି କହିଥିଲେ, ପ୍ରଧାନମନ୍ତ୍ରୀ ଓ ପ୍ରମୁଖ ଶାସକ ନେତାଙ୍କ ମୁହଁରେ ହସ ଫୁଟି ଉଠିଥିଲା। ଏହା ଗଣତନ୍ତ୍ରର 'ଭିନ୍ନ ମତ, କିନ୍ତୁ ମାନବିକ ସମ୍ପର୍କ' ଧାରଣାକୁ ସ୍ପଷ୍ଟ କରିଦେଇଥିଲା। ଏହି ଆସରରେ ବିରୋଧୀ ପକ୍ଷ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସମ୍ପ୍ରତିକ ବିଦେଶ ଯାତ୍ରା ପ୍ରସଙ୍ଗ ଉଠାଇ ସହଜ ପ୍ରଶ୍ନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ମଧ୍ୟ ତାହାର ସହଜ ଭାବରେ ଉତ୍ତର ଦେଇଥିଲେ। ଏହି ଛୋଟ ଆଦାନ-ପ୍ରଦାନରେ ଗୋଟିଏ ଗଭୀର ସୂଚନା ଥିଲା- 'ଆମେ ତର୍କ କରିପାରୁ, କିନ୍ତୁ କଥା ହେବା ବନ୍ଦ କରିବା ଉଚିତ୍ ନୁହେଁ, ପରସ୍ପରକୁ ସୌଜନ୍ୟ ଦେଖାଇବାରେ କାର୍ପଣ୍ୟତା ଦେଖାଇବା ଉଚିତ ନୁହେଁ।'

ଅନ୍ୟପଟେ ଉଚ୍ଚସ୍ୱର ଯୁକ୍ତିତର୍କ ନେଇ ଗୃହରେ ଚର୍ଚ୍ଚିତ ଥିବା ଜଣେ ବିରୋଧୀ ସଦସ୍ୟଙ୍କୁ ନେଇ ପ୍ରଧାନମନ୍ତ୍ରୀ ହାଲୁକା ମଜା କରିଥିଲେ- 'ସେଇଥିପାଇଁ ସେସନ୍ ଛୋଟ ରଖାଗଲା, ନହେଲେ ମୋ ଗଳା ଅଧିକ କଷ୍ଟ ପାଇ ଥା'ନ୍ତା।' - ଏପରି ହାସ୍ୟରେ ମନ ହାଲୁକା ହୁଏ, ରାଗ-ରୁଷା କାମ ହୁଏ। ତା' ସହିତ, ପ୍ରଧାନମନ୍ତ୍ରୀ କିଛି ବିରୋଧୀ ସଦସ୍ୟଙ୍କୁ 'ଭଲ ପ୍ରସ୍ତୁତି' ସହ ଗୃହକୁ ଆସିଥିବାରୁ ପ୍ରଶଂସା କରିଥିଲେ। ଭଲ ତର୍କକୁ ସ୍ୱୀକାର କରିବା, ବିରୋଧାଭାଷ ଉପରୁ ଉଠି ଗୁଣକୁ ସମ୍ମାନ ଦେବା ମଧ୍ୟ ଗଣତନ୍ତ୍ରର ଏକ ଭଲ ପରମ୍ପରା।

ବିରୋଧୀ ସଦସ୍ୟମାନେ ନୂଆ ସଂସଦ ଭବନରେ ଏକ 'କେନ୍ଦ୍ରୀୟ ହଲ୍' ଭଳି 'ସାଧାରଣ ମିଳନ ଆଲୋଚନା ସ୍ଥାନ' ରଖିବା ପ୍ରସଙ୍ଗ ଉଠାଇଥିଲେ। ଏଥିରେ ପ୍ରଧାନମନ୍ତ୍ରୀଙ୍କ ସ୍ମିତହାସ୍ୟ ଭରା ଉତ୍ତର ଥିଲା - 'ସେଟା ତ ପୋଷ୍ଟ-ରିଟାୟରମେଣ୍ଟ ପାଇଁ; ସେ ସମୟ ପାଇଁ ଆପଣଙ୍କର ତ ଆଉ ଅନେକ ଦିନ ବାକି ଅଛି।' ଏହି ମୃଦୁ ଉତ୍ତର ପରିବେଶକୁ ଆହୁରି ମଜାଦାର କରିଥିଲା। ଏହିସବୁ ଆଚରଣମାନ କେଉଁଠି ନିୟମ ଭାବେ ଲିଖିତ ନାହିଁ। ଏହା ହେଉଛି ଗଣତନ୍ତ୍ର ପାଇଁ ଆବଶ୍ୟକ ଥିବା ସଭ୍ୟ ଆଚରଣର ଅଲିଖିତ ସଂବିଧାନ।

ଭାରତୀୟ ସଂସଦର ଇତିହାସରେ ଏପରି ଉଦାହରଣରେ ରହିଛି, ଯେଉଁଠି ତୀବ୍ର ବିରୋଧ ସତ୍ତ୍ୱେ ପରସ୍ପର ସମ୍ମାନ ଅତୁଟ ରହିଛି। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଅଟଳ ବିହାରୀ ବାଜପେୟୀଙ୍କ ମଧ୍ୟରେ ଥିବା ବାଦବିବାଦ ଆଜି ମଧ୍ୟ ସଂସଦୀୟ ଆଦର୍ଶ ଭାବେ ଉଦ୍ଧୃତ ହୁଏ। ବାଜପେୟୀ ଯେତେବେଳେ ନେହେରୁଙ୍କୁ କଠୋର ଭାଷାରେ ସମାଲୋଚନା କରୁଥିଲେ ନେହେରୁ ତାଙ୍କୁ 'ଭବିଷ୍ୟତର ପ୍ରଧାନମନ୍ତ୍ରୀ' ବୋଲି କହି ସଂସଦରେ ସମ୍ମାନ ଦେଇଥିଲେ। ଏହା ହେଉଛି ଗଣତନ୍ତ୍ରର ଶ୍ରେଷ୍ଠ ଶିକ୍ଷା- ବିରୋଧ ମଧ୍ୟରେ ମଧ୍ୟ ସମ୍ମାନ। ସେହିପରି ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ବିରୋଧୀ ନେତା ମନମୋହନ ସିଂହଙ୍କୁ ସଂସଦରେ ସମ୍ମାନ ଦେଉଥିଲେ। ମନମୋହନ ସିଂହ ପ୍ରଧାନମନ୍ତ୍ରୀ ହେବା ପରେ ବାଜପେୟୀଙ୍କୁ 'ଭାରତୀୟ ରାଜନୀତିର ଶ୍ରେଷ୍ଠ ସଂସଦବିଦ୍' ବୋଲି ସ୍ମରଣ କରିଥିଲେ। ଏହି ପରମ୍ପରା ଦର୍ଶାଏ ଯେ ସତ୍ତା ବଦଳିଥାଏ, କିନ୍ତୁ ସଭ୍ୟତା ଅତୁଟ ରୁହେ।

ଭାରତୀୟ ସଂସଦର ଆଉ ଗୋଟିଏ ଶକ୍ତିଶାଳୀ ପରମ୍ପରା ହେଉଛି 'ପ୍ରଶ୍ନୋତ୍ତର କାଳ'। ଏଠି ବିରୋଧୀ ଦଳ ସରକାରକୁ କଠୋର ପ୍ରଶ୍ନ ପଚାରନ୍ତି ଏବଂ ସରକାର ଉତ୍ତର ଦେବାକୁ ବାଧ୍ୟ ହୁଅନ୍ତି। ଏହି ପ୍ରଣାଳୀ ଗଣତନ୍ତ୍ରକୁ ଜବାବଦେହୀ କରିଥାଏ। ଏହା ମଧ୍ୟ ଦର୍ଶାଏ ଯେ ବିରୋଧମାନେ ଅବରୋଧ ନୁହେଁ, ବରଂ ନିରୀକ୍ଷଣ। ଆଜି ଯେତେବେଳେ ଗାଁ ଓ ସହରରେ ରାଜନୀତି ଦ୍ୱେଷର ରୂପ ନେଉଛି ଏବଂ ଦ୍ୱେଷ ସଂଘର୍ଷ ତଥା ରକ୍ତପାତ ସ୍ତରକୁ ଯାଉଛି ସଂସଦର ଏହି ପରମ୍ପରାମାନ ଆମକୁ ଏକ ଆଇନା ଦେଖାଉଛି। ଗାଁ ହେଉକି ସହର; ଚା' ଦୋକାନରେ ମତଭେଦ ସହ ହସ-ଖୁସିର ଆସର ରହିବା ଦରକାର। ସଂସଦର ଚା' ପାର୍ଟି ଏହି ସତ୍ୟକୁ ସ୍ମରଣ କରାଏ। ଗଣଙ୍କ ସାମୂହିକ ଉନ୍ନତି ପାଇଁ ତର୍କ ହେଉ, ବିରୋଧ ରହୁ; ଶେଷରେ ସାଙ୍ଗ ହୋଇ ସେ ବିକାଶକୁ ଭୋଗ କରିବାକୁ, ସେ ପ୍ରଗତି ପାଇଁ ଖୁସି ହେବାକୁ ସମସ୍ତେ ସାଥିରେ ରହିବାର ଆବଶ୍ୟକତାକୁ ଆମକୁ ବୁଝିବାକୁ ହେବ। ଗୋଟେ କପ୍ ଚା' ଗଣତାନ୍ତ୍ରିକ ସୌନ୍ଦର୍ଯ୍ୟ ଉପରେ ଗୋଟେ ସହଜ କଥା କୁହେ- 'ରାଜନୈତିକ ବିରୋଧ ଭିତରେ ଯଦି ଆମେ ସାଙ୍ଗରେ ବସି କଥା ହେଇ ପାରିବା, ଏକାଠି ଚା' ଆସରରେ ଖୁବ ହସି ପାରିବା ଆଉ ପରସ୍ପରର ପରିପୂରକ ହେବାର ଇଚ୍ଛା ରଖି ପାରିବା ତେବେ ଭାରତର ଗଣତନ୍ତ୍ର ସୁସ୍ଥ ରହିବ।'

ଶେଷରେ ଏହା ଅନୁଭବ ହୁଏ ଯେ ଯଦି ବିରୋଧ ପରେ ଏମିତି ସମ୍ବାଦ ରହିବ ଏବଂ ସଂସଦରୁ ଆରମ୍ଭ ହୋଇ ଏକାଠି ଆସର କରିବାର ଏହି ସଂସ୍କୃତି ଗାଁର ଚା' ଦୋକାନ ପର୍ଯ୍ୟନ୍ତ ଆଦୃତ ହେବ, ତେବେ ଆମେ ସମସ୍ତେ ନିଜକୁ ଗଣତାନ୍ତ୍ରିକ ବ୍ୟବସ୍ଥାର ପୂଜାରୀ ବୋଲି କହିପାରିବା ଏବଂ ଦେଶର ଗତି ଠିକଣା ଦିଗରେ ଆଗକୁ ବଢ଼ି ପାରିବ। ●

ଭୁବନେଶ୍ୱର, ମୋ: ୯୬୯୨୩୩୩୦୩୧

# ଶତାବ୍ଦୀ-ସାଧକ: ନିରାସକ୍ତ ନିତ୍ୟାନନ୍ଦ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ରାଜନୀତି ଆଉ ସାହିତ୍ୟ ମଧ୍ୟରେ ଅବସ୍ଥାନ କରି ଉଭୟ ଭାବ-ପରିଧିର ଊର୍ଦ୍ଧ୍ୱ ସୋପାନକୁ ଯିଏ ସମୁତ୍ତୀର୍ଣ୍ଣ ହୋଇ ଯାଇପାରନ୍ତି ତାଙ୍କ ବ୍ୟକ୍ତିତ୍ୱକୁ ଆକଳନ କରିବା କ'ଣ ସହଜସାଧ୍ୟ! ସେ କ୍ଷମତା ବିସ୍ତାର ସକାଶେ ରାଜନୀତିକୁ ଆସି ନ ଥିଲେ କିମ୍ବା ଯଶସ୍ୱୀ ହେବା ପାଇଁ ସାହିତ୍ୟକୁ ଆୟୁଧ କରି ନଥିଲେ। ପ୍ରାଚୀନ ଯୁଗର ଅସାମାନ୍ୟ ଋଷି-ଚେତନା ଧାରଣ କରି କାନ୍ତକବିଙ୍କ ବୈକୁଣ୍ଠରେ ସେ ଭୂମି ହେବାର ରହସ୍ୟ ଭେଦ କରିବାର ଶକ୍ତି ଆମର କାହିଁ? ଯେଉଁ ଅପଶକ୍ତି ଅଶିଷ୍ଟ ଆଚରଣରେ ଲକ୍ଷ୍ମୀକାନ୍ତଙ୍କ ତନୁଶ୍ରୀ କରିଦେଇଥିଲା ବିବର୍ଣ୍ଣ, ସେହି ଅଶାଳୀନତାକୁ ଚୂର୍ଣ୍ଣିଭୂତ କରିଦେବା ନିମିତ୍ତ ଦେବ-ପ୍ରେରିତ ପ୍ରତିଭା ଆଉ ସାଧୁତାର କାନ୍ତିମୟ ନମନୀୟତା ନେଇ ଆବିର୍ଭୂତ ହୋଇଥିଲେ ନିତ୍ୟାନନ୍ଦ ମହାପାତ୍ର। ଲକ୍ଷ୍ମୀକାନ୍ତଙ୍କ ସାରସ୍ୱତ ଉତ୍ତରାଧିକାରୀ ଭାବରେ ଲାଭ କରିଥିଲେ ସେ ଏପରି ଏକ ପରିଚ୍ଛନ୍ନ, ସମ୍ବେଦନଶୀଳ ସମ୍ପ୍ରସାରିତ ହୃଦୟ, ଯେଉଁଠୁ ନିରନ୍ତର ନିଃସୃତ ହେଉଥିଲା କେବଳ ସ୍ନେହ, ଶ୍ରଦ୍ଧା, ସଂପ୍ରୀତିର ଅମୃତ ନିର୍ଝର। ଏହି କାରଣରୁ ସେ ନିର୍ମାଣ କରି ପାରିଥିଲେ 'ହିଡ଼ମାଟି'। ଅର୍ଜନ କରିଥିଲେ 'ଘରଡିହ'। 'ହିଡ଼ମାଟି'ରେ ସେ ଲେଖିଛନ୍ତି ତାଙ୍କ ଭାଷାରେ- 'ଏଇ ଗାଁ -ଏଇ ଗାଁ -କେଡ଼େ ସୁନ୍ଦର, କେଡ଼େ ମିଠା। ସତେ ଏଇ ଗାଁର ଧୂଳି ବାଲିରେ କେତେ ପାଠ ଲେଖା ହୋଇଛି।' ନିତ୍ୟାନନ୍ଦଙ୍କ ପ୍ରତିଟି ବାକ୍ୟ ଏହିପରି ଆବେଗସିକ୍ତ। ସାଧାରଣ ମଣିଷ ପ୍ରତି କି ସୁଗଭୀର ମମତ୍ୱବୋଧ!

ସେ କବିତା, ଗଳ୍ପ, ଉପନ୍ୟାସ, ନାଟକ, ଏକାଙ୍କିକା, ରମ୍ୟରଚନା- ଯାହା ଲେଖନ୍ତୁ ନା କାହିଁକି ସବୁ ହେଉଛି ଏକ ଏକ ମହୁଫେଣା। କି ସୁଲଳିତ ଭାଷା! କି କୋମଳ ବର୍ଣ୍ଣନା! ଆଉ କି ଗଭୀର ସମ୍ବେଦନା! ତାଙ୍କ ଗଳ୍ପ 'ମାଉସୀ' ବ୍ରିଟିଶ ଶାସକ ଦ୍ୱାରା ବାଜ୍ୟାପ୍ତ ହୋଇଥିଲା। ସେଥିପାଇଁ ତାଙ୍କ କଲମ ଅଟକିଗଲା ନାହିଁ। 'କ୍ଷଣିକା', 'ରାଜକନ୍ୟା' ପରି ଗଳ୍ପ ପୁସ୍ତକ, 'ଜୀବନର ଲକ୍ଷ୍ୟ', 'ସୁଖର ସନ୍ଧାନେ', 'ଭଙ୍ଗାହାଡ଼' ପରି ଉପନ୍ୟାସ, 'ପତ୍ର ଓ ପ୍ରତିମା' ପରି ରମ୍ୟ ରଚନା କିମ୍ବା 'ଭାରତ ଭାଗ୍ୟ ବିଧାତା' ଭଳି ଜୀବନୀ ଗ୍ରନ୍ଥ- ସବୁ କିଛି ଆନ୍ତରିକ ଅନୁରାଗରେ ଭାବାପ୍ଲୁତ, ରସାପ୍ଲୁତ, ମର୍ମଭେଦୀ ହୋଇ ଉଠିଛି ସେଇଥିଲାଗି।

ଲେଖାରେ ତାଙ୍କର କେଉଁଠି ସାମାନ୍ୟ ଚାତୁର୍ଯ୍ୟ ନଥାଏ, ଥାଏ କେବଳ ମାଧୁର୍ଯ୍ୟ। ପାଣ୍ଡିତ୍ୟ ନଥାଏ, ରହିଥାଏ ସାରଲ୍ୟର ଦ୍ୟୁତି। କବିତ୍ୱ ପ୍ରଦର୍ଶନ ନୁହେଁ, ସବୁଠି ପ୍ରେମର ନିଦର୍ଶନ। ସେ ସାହିତ୍ୟ ଲେଖନ୍ତି ନାହିଁ। ରକ୍ତ ନିଗାଡ଼ି ଦିଅନ୍ତି। ଅଶ୍ରୁ ତର୍ପଣ କରନ୍ତି। ହୋମାଗ୍ନି ପ୍ରଜ୍ୱଳିତ କରି ରଖନ୍ତି ହୃଦୟବେଦୀରେ। ସେଇଥିପାଇଁ ସେ ଏତେ ଆପଣାର। 'ଅଶ୍ରୁ' ଶୀର୍ଷକ ପ୍ରବନ୍ଧରେ ଲେଖକ କହୁଛନ୍ତି- 'ତୀର୍ଥଜଳ କଳୁଷିତ ହୋଇପାରେ। ମାତ୍ର ଆଖିପାଣି କେବେ କଳୁଷିତ ହୋଇପାରେ ନାହିଁ।' ସେ ପୂଜା କରିବା ପାଇଁ ଠାକୁର ଘରକୁ ଯାଆନ୍ତି। ଫଳ, ଫୁଲ, ଧୂପକାଠି କିଛି ନଥାଏ ତାଙ୍କ ପାଖରେ। ଅଶ୍ରୁର ନୈବେଦ୍ୟ ନିବେଦନ କରନ୍ତି ଭଗବାନଙ୍କୁ।

ନିତ୍ୟାନନ୍ଦ ମହାପାତ୍ରଙ୍କ ହୃଦୟପାତ୍ରରେ କେଉଁ ଭାବର ସାଙ୍ଗୀତିକ ସ୍ରୋତ ପ୍ରବାହିତ ହେଉନଥିଲା! ଓଡ଼ିଆରୁ ହିନ୍ଦୀକୁ ସେ ଅନୁବାଦ କରିଛନ୍ତି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ'। ରାଜଗୋପାଳଚାରୀଙ୍କ ଇଂରାଜୀରେ ଲିଖିତ 'କମ୍ବନ ରାମାୟଣ'କୁ ଓଡ଼ିଆରେ ଅନୁବାଦ କରି ପ୍ରଦାନ କଲେ ଅନନ୍ୟ ଉପହାର। 'ନ୍ୟାସନାଲ ବୁକ ଟ୍ରଷ୍ଟ' ଦ୍ୱାରା ପ୍ରକାଶିତ ରମଣ ମହର୍ଷିଙ୍କ ଜୀବନୀ ମଧ୍ୟ ଓଡ଼ିଆରେ ଅନୁବାଦ କରିଛନ୍ତି। ଆଉ ସାହିତ୍ୟ ପତ୍ରିକା 'ଡଗର'? ତାହାରି ମାଧ୍ୟମରେ ତ ସେ ଘରେ ଘରେ ହୋଇଯାଇଥିଲେ ପରିଚିତ। ସେ ସଂସ୍କୃତି ବିଭାଗର ମନ୍ତ୍ରୀ ଥିବା ବେଳେ ହିଁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମଗୃହ ଓଡ଼ିଶା ସରକାରଙ୍କ ଦ୍ୱାରା ଜାତୀୟକରଣ ହୋଇଥିଲା। ସେଥିପାଇଁ ସେ ନିଜେ ଯାଇ ବୁଲି ଆସିଥଲେ କବିଗୃହ। ସାକ୍ଷାତ ଆଲୋଚନା କରିଥିଲେ କବିପୁତ୍ର ଭଗବାନ ମେହେରଙ୍କ ସହ।

ସେ ଶହେଟି ଶରତ ଅତିକ୍ରମ କରିଯାଇପାରିଲେ କେଡ଼େ ଧୀର ଗତିରେ ସତେ! ଶତବର୍ଷରେ ଉପନୀତ ହେବା ପରେ ତାଙ୍କ ଭିତରେ ବିଦ୍ୟମାନ ଥିଲା ବିରଳ ଓ ସଦା ଦେଦୀପ୍ୟମାନ ଚୈତ୍ୟସତ୍ତା, ଯାହା ଦେଖିପାରିବାର ଆଖି ଆମର ନାହିଁ। ସମଗ୍ର ଜୀବନବ୍ୟାପୀ ସେ ଏପରି ଏକ ଉଚ୍ଚତର ଚେତନା ଦ୍ୱାରା ପରିଚାଳିତ ହୋଇଛନ୍ତି, ଯେଉଁ କାରଣରୁ ସଂସାର ମଧ୍ୟରେ ରହି ମଧ୍ୟ ସେ ଥିଲେ ସନ୍ନ୍ୟାସୀ। ନିରାସକ୍ତ ମଣିଷ। ନିରାସକ୍ତ ସାଧକ। ତାଙ୍କ ରଚନାବଳୀ ଯେଉଁମାନେ ଧ୍ୟାନସ୍ଥ ଚିତ୍ତରେ ପାଠ କରିବେ ସେମାନଙ୍କ ଯେ ଅନ୍ତଃ ପରିବର୍ତ୍ତନ ସୁନିଶ୍ଚିତ, ଏଥିରେ ସନ୍ଦେହ ନାହିଁ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କଳିଙ୍ଗ ମହିଳା ଶକ୍ତିର ସହାୟତା
# ଅସହାୟ ଭିନ୍ନକ୍ଷମଙ୍କୁ ହୁଇଲଚେୟାର ବଣ୍ଟନ



ପାରାଦୀପ, ୨୪।୧୨ (ସମିସ): ପାରାଦୀପ ଅଞ୍ଚଳର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ଜଣେ ଅସହାୟ ଭିନ୍ନକ୍ଷମଙ୍କୁ ଏକ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ପାରାଦୀପ ପୌରାଞ୍ଚଳ ଅଧୀନ ୧୮ ନମ୍ବର ୱାର୍ଡ ଷଣ୍ଢକୁଦ ବସ୍ତିରେ ରହୁଥିବା ଶିବ ସିଂଙ୍କ ପୁଅ ସଞ୍ଜୟ ସିଂ ଗତ ୩ ମାସ ତଳେ କୌଣସି କାରଣରୁ ଇଲେକ୍ଟ୍ରି ସଂସ୍ପର୍ଶରେ ଆସିଯାଇ ପ୍ରାୟ ଶରୀରର ୭୦ ଭାଗ ପୋଡି ଯାଇଥିଲା। ଯାହା ଫଳରେ ସେ ଚାଲି ବୁଲି ପାରୁ ନଥିଲେ। ଚିକିତ୍ସା କରିବା ପାଇଁ ତାଙ୍କ ପରିବାର ପାଖରେ ଟଙ୍କା ନଥିଲା। ଯେହେତୁ ବାପା ତାର ଜଣେ ଦିନ ମଜୁରିଆ। ସେହି ମଜୁରୀ ପଇସାରେ ଖାଇ ପିଇ ବଞ୍ଚିବା ଛଡ଼ା ଆଉ କିଛି ଉପାୟ ନଥିଲା। ପୁଅର ଚିକିତ୍ସା କରିବା ତାଙ୍କ ପାଇଁ ସମ୍ଭବ ନଥିଲା। ଖବର ପାଇ କଳିଙ୍ଗ ମହିଳା ଶକ୍ତିର ସଦସ୍ୟମାନେ ଉକ୍ତ ପରିବାରକୁ ଭେଟିଥିଲେ ଏବଂ ସହାୟତାର ହାତ ବଢ଼ାଇବା ନେଇ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଆଜି ହୁଇଲ୍ ଚେୟାର ପ୍ରଦାନ କରିବା ପରେ ଭଲ ମେଡିକାଲ ନେଇ ଚିକିତ୍ସିତ କରାଇବେ ବୋଲି ସଙ୍ଗଠନର ସଭାପତି ମନୋରମା ଖଟୁଆ ପ୍ରତିଶ୍ରୁତି ଦେଇଛନ୍ତି।

# ମୋନାଲିସା ସାହିତ୍ୟ ସଂସଦର ଶୀତ ଆସର

ପାରାଦୀପ, ୨୪।୧୨(ସମିସ): ସାହିତ୍ୟ ହେଉଛି ସମାଜର ହୃତପିଣ୍ଡ। ଏହାକୁ ବାଦଦେଇ ସୁନ୍ଦର ସମାଜର ପରିକଳ୍ପନା କରାଯାଇପାରିବନାହିଁ। ଏଥିପ୍ରତି ସାହିତ୍ୟିକ ମାନେ ଦୃଷ୍ଟି ଦେଇ



ସାହିତ୍ୟ ସର୍ଜନା କରିବାର ଆବଶ୍ୟକତା ଅଛି ବୋଲି ମୋନାଲିସା ସାହିତ୍ୟ ସଂସଦର ଶୀତ ଆସରରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ପାରାଦୀପର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୋନାଲିସା ସାହିତ୍ୟ ସଂସଦର ଶୀତ ଆସର ସ୍ତମ୍ଭକାର ଅକ୍ଷୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ବନ୍ଦର ଶ୍ରମିକ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଶ୍ରମିକ ନେତା ଅନନ୍ତ କୁମାର ଦାସ ଓ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ରାଉତ ଯୋଗଦେଇ କାବ୍ୟ କବିତାରେ ଶୀତ ଋତୁର ବର୍ଣ୍ଣନା ବହୁ ପ୍ରାଚୀନ ବୋଲି କହିଥିଲେ। ବିଜୟ ନାୟକଙ୍କ ସଂଯୋଜନାରେ ପ୍ରେମଲତା ବାରିକ, ଧରିତ୍ରୀ ସାମଲ, ପୁଷ୍ପା ଦାସ, ଭାଗ୍ୟଶ୍ରୀ ପ୍ରଧାନ, ନଳିନୀପ୍ରଭା ସାହୁ, ଟୁନି ଖୋଜି, ନିମାଁଇ ମହାପାତ୍ର, ବାବାଜୀ ନାୟକ ପ୍ରମୁଖ ଶୀତ ଶୀର୍ଷକ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସମ୍ପାଦିକା ସଂଘମିତ୍ରା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ତୁଳସୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇଲୋରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



କୁଜଙ୍ଗ, ୨୪।୧୨(ସମିସ): କୁଜଙ୍ଗ ବ୍ଲକ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ ସାଇଲୋର ୬୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଏହି ଉତ୍ସବ ରେ ମୁଖ୍ୟ ଅତିଥି ରୂପେ କୁଜଙ୍ଗ ବ୍ଲକ ଦୁଇ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷାବିତ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ସମୀର କୁମାର ଗିରି, ସାଇଲୋର ନାଏବ ସରପଞ୍ଚ ଝରଣା ଦାସ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଓ ନିର୍ଲିପ୍ତ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅତିଥି ଶିକ୍ଷକ ଜ୍ଞାନରଞ୍ଜନ ଦାସ, ସୁବାସ ସାମନ୍ତରାୟ ପ୍ରମୁଖଙ୍କ ଉପସ୍ଥିତିରେ କ୍ରୀଡା ଶିକ୍ଷକ ସୁଦୀପ୍ତ କୁମାର ମହାନ୍ତି, ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ମହାପାତ୍ର, ରାଜେନ୍ଦ୍ର ବାରିକ, ଜୁନେସ ଗମାଙ୍ଗ, ଗାୟତ୍ରୀ ବେହେରା, ଲିପ୍ସା ସାହୁ, ନିରୁପମା ପ୍ରଧାନ ଓ ଅନିରୁଦ୍ଧ ଦାସ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ। ଦୀପିକା ମୁଦୁଲି ଓ ସାରଳା ସେଠୀ ସହଯୋଗରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଦୀପ୍ତ କିଶୋର ବେହେରା, ନିରୁପମା ବାରିକ ସହଯୋଗ କରିଥିଲେ। ଏହି ବାର୍ଷିକ କ୍ରୀଡ଼ାରେ ଉପ କନିଷ୍ଠ ବର୍ଗରେ ଅଞ୍ଜନା ପ୍ରଧାନ, ଶ୍ରୀୟା ଦାସ, କନିଷ୍ଠରେ ସୁଶ୍ରୀ ବେବି ଲେସଲି ଓ ଜ୍ଞାନ ରଞ୍ଜନ ଦାସ, ବରିଷ୍ଠରେ ରୁଦ୍ରନାରାୟଣ ମହାନ୍ତି ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ଚାମ୍ପିଅନ ହୋଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବାପି ସର୍ଖେଲ
# ପାରାଦୀପକୁ ଅନ୍ତର୍ଜାତୀୟ ସ୍ତରର ପର୍ଯ୍ୟଟନ ମାନ୍ୟତା ଦାବି

ପାରାଦୀପ, ୨୪।୧୨(ସମିସ)

ବନ୍ଦରନଗରୀ ପାରାଦୀପକୁ ଅନ୍ତର୍ଜାତୀୟ ସ୍ତରର ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ପାରାଦୀପ ଏରସମା ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିୟନର ସଭାପତି ବାପି ସର୍ଖେଲ। ପାରାଦୀପ ବନ୍ଦରକୁ ଭିତ୍ତିକରି ପାରାଦୀପରେ ଗଢିଉଠିଛି ଜାତୀୟ ଅନ୍ତର୍ଜାତୀୟ ସ୍ତରର ଶିଳ୍ପସଂସ୍ଥା। ଯାହାକୁ ନେଇ ଆଜି ପାରାଦୀପ ବନ୍ଦର ପୂର୍ବ ଭାରତ ପ୍ରଗତିର ମୁଖଶାଳା ପାଲଟିଛି। ପ୍ରାକୃତିକ ରୀତିରାଜି, ମହାନଦୀ ବଙ୍ଗୋପସାଗରର ମିଳନସ୍ଥଳୀ ସହିତ ବଙ୍ଗୋପସାଗରର ନୀଳ ଜଳରାଶି ପାଲଟିଛି ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପ୍ରମୁଖ ଆକର୍ଷଣ। ଗୋଆ ଭଳି ପାରାଦୀପରେ ଭରପୁର ପ୍ରାକୃତିକ ସୌନ୍ଦର୍ଯ୍ୟ ରହିଥିବା ବେଳେ ଯଦି ସରକାରଙ୍କ ତରଫରୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବା ସହିତ ରାଜ୍ୟ ସରକାର, ପାରାଦୀପ ବନ୍ଦରର ସହଯୋଗ ମିଳନ୍ତା ତେବେ ପାରାଦୀପର ପର୍ଯ୍ୟଟନସ୍ଥଳୀ ଦେଶ ବିଦେଶରେ ସୁନାମ ଅର୍ଜନ କରିପାରନ୍ତା। ବିଦେଶରୁ ଶ୍ରୀକ୍ଷେତ୍ର ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ପାରାଦୀପର ସୌନ୍ଦର୍ଯ୍ୟକୁ ଭରପୁର ମନୋରଞ୍ଜନ କରିପାରନ୍ତେ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବାପି ସର୍ଖେଲ। ଯେଉଁଭଳି ଭାବରେ ପାରାଦୀପରେ ଶିଳ୍ପସଂସ୍ଥା ବୃଦ୍ଧି ପାଉଛି ପାରାଦୀପ କର୍ପୋରେଟ ସେକ୍ଟରର ପ୍ରମୁଖ ସ୍ଥାନ ପାଲଟିଛି। ପାର୍ଟି ହେଉ କିମ୍ବା ବିବାହ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ବାହାର ଦେଶ ହେଉ କିମ୍ବା ଭାରତବର୍ଷର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମାନଙ୍କୁ ଧାଡି ଛୁଟୁଛି। ଯଦି ପାରାଦୀପରେ ଏହିଭଳି ସୁଯୋଗ୍ ସୃଷ୍ଟିହୁଏ, ପାରାଦୀପ ସବୁଠୁ ପସନ୍ଦର ସ୍ଥାନ ପାଲଟିବ ବୋଲି କହିବା ସହିତ ଯଦି ଅନ୍ତର୍ଜାତୀୟ ସ୍ତରର ପର୍ଯ୍ୟଟନର ମାନ୍ୟତା ପାଏ ତେବେ ପାରାଦୀପ ସହିତ ନିକଟରେ ରହିଥିବା କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଅଞ୍ଚଳ ବାସିନ୍ଦା ପ୍ରତ୍ୟେକ୍ଷ, ପରୋକ୍ଷରେ ଆତ୍ମନିର୍ଭରଶିଳ ହୋଇପାରିବେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି କରାଯାଇଥିବା ବେଳେ ସ୍ଥାନୀୟ ପ୍ରଶାସନ, ପାରାଦୀପ ବନ୍ଦର ଓ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି ବାପି ସର୍ଖେଲ।

## ପ୍ରକୃତିର ଗନ୍ଧାଘର
# ମନ ମୋହୁଛି ଏରସମାର ହାୱାଖାନା



ଏରସମା, ୨୪।୧୨(ସମିସ): ଆରମ୍ଭ ହୋଇଯାଇଛି ପର୍ଯ୍ୟଟନ ଋତୁ। ଏହି ପର୍ଯ୍ୟଟନ ଋତୁରେ ନୂଆ ନୂଆ ସ୍ଥାନ ବୁଲିଯିବାକୁ ବେଶି ଭଲ ପାଉଛନ୍ତି ବର୍ତ୍ତମାନର ଯୁବପିଢ଼ି। ତେଣୁ ଏରସମା ବ୍ଲକର ହାୱାଖାନା ଏବେ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଛି। ଘଞ୍ଚ ଜଙ୍ଗଲପୂର୍ଣ୍ଣ ଅଞ୍ଚଳ ସମୁଦ୍ର ମୁହାଣ ନିକଟରେ ଗଡ଼ହରିଶପୁର ରାଜାଙ୍କ ବିଶ୍ରାମ ନେବାକୁ ଏଠାରେ ବଙ୍ଗଳା ଥିଲା। ଜଙ୍ଗଲର ମନୋରମ ଶୋଭା ସହ ପ୍ରକୃତିର ସୁନ୍ଦର ପବନର ମଜା ନେବାକୁ ରାଜା ଏଠାକୁ ଆସିଥା'ନ୍ତି। ସୈନ୍ୟ ସାମନ୍ତ ଧରି ରାଜା ଏଠାରେ ଶିକାର ମଧ୍ୟ କରୁଥିଲେ। ସେତେବେଳର ସମୟରେ ହରିଣ, ବାର୍‌ହା ଶିକାର କରୁଥିଲେ। ଏବେ ମଧ୍ୟ ଏହି ଜଙ୍ଗଲରେ ହରିଣଠାରୁ ଆରମ୍ଭ କରି ଅନେକ ପଶୁ ରହିଛନ୍ତି। ନଦୀ ଓ ସମୁଦ୍ରର ମିଳନର ସହ ସୂର୍ଯ୍ୟ ଅସ୍ତ ସମୟରେ ପ୍ରକୃତିର ସୁନ୍ଦର ଦୃଶ୍ୟମାନ ହୋଇଥାଏ। ଡଙ୍ଗାରେ ଟାପୁକୁ ଯାଇ ବଣ ଭୋଜି କରିବା ପାଇଁ ଏହି ହାୱାଖାନା ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ପାଲଟିଛି। ପର୍ଯ୍ୟଟକ ବଣ ଭୋଜି କରିବା ସହିତ ବୋଇତ କୁଳିଆ ନଦୀରେ ଡଙ୍ଗା ସାହାଯ୍ୟରେ ବୁଲିବା ବେଶ୍ ଆନନ୍ଦଦାୟକ ହୋଇଥାଏ। ଏଥିସହିତ ପାଖରେ ଥିବା ସରବନ୍ତ ଜଗନ୍ନାଥ ମନ୍ଦିର ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହାର ରକ୍ଷଣାବେକ୍ଷଣ ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ଏହି ସ୍ଥାନକୁ ଯିବା ପାଇଁ ମୁଖ୍ୟ ରାସ୍ତା ପିଚୁ ହୋଇପାରୁନାହିଁ। ରାସ୍ତା ସାରା ଖାଲ ସହିତ ମେଣ୍ଟାଲ ଉଠିଯିବାରୁ ଦୁଇବର୍ଷ ଧରି ପଡ଼ି ରହିଛି। ପର୍ଯ୍ୟଟକ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୀତଦିନେ ଏଠାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ପର୍ଯ୍ୟଟକ ଆସି ମୁହାଣ ସେପଟେ ବଣଭୋଜି କରିଥା'ନ୍ତି। ସେମାନଙ୍କ ଗାଡି ଆସିପାରୁନାହି। ଏଥିସହିତ ଏହି ରାସ୍ତା ନିକଟରେ ସୁନାମି କେନ୍ଦ୍ର ମଧ୍ୟ ରହିଛି। ମାତ୍ର ଭଲ ରାସ୍ତା ନ ଥିବାରୁ ପର୍ଯ୍ୟଟକ ନାହିଁ ନ ଥିବା ହଇରାଣ ହେଉଛନ୍ତି। ତୁରନ୍ତ ରାସ୍ତା ମରାମତି ସହ ପିଇବା ପାଣିର ମଧ୍ୟ ବ୍ୟବସ୍ଥା କରିବା ପାଇଁ ପର୍ଯ୍ୟଟକ ଦାବି କରିଛନ୍ତି।



# ବନ୍ଦର ନିଷିଦ୍ଧାଞ୍ଚଳ ଜେଟିରୁ ହରିଣ ଉଦ୍ଧାର



ପାରାଦୀପ, ୨୪।୧୨(ସମିସ): ପାରାଦୀପ ବନ୍ଦରର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ଜେଟି ନିକଟରୁ ଦୁଇଟି ହରିଣ ପହଁରୁଥିବା ବେଳେ ଉଦ୍ଧାର କରାଯାଇଛି। ଉଦ୍ଧାର ଦୁଇ ହରିଣକୁ ଉଦ୍ଧାର କରାଯାଇ କୁଜଙ୍ଗ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ସୂଚନା ମୁତାବକ ସକାଳୁ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ମେରାଇନ୍ ଡକ୍‌ରେ ଦୁଇଟି ହରିଣ ପହଁରୁଥିବାର କିଛି ମେରାଇନ ବିଭାଗର କର୍ମଚାରୀ ଦେଖିବାକୁ ପାଇଥିଲେ। ଖବରପାଇ ପାରାଦୀପ ବନ୍ଦର ସିଆଇଏସ୍ଏଫ୍‌ର ଅଗ୍ନିଶମ ବିଭାଗ ଗୋଟିଏ ହରିଣକୁ ଉଦ୍ଧାର କରିଥିବା ବେଳେ ଅନ୍ୟ ହରିଣଟିକୁ ପାରାଦୀପ ମେରାଇନ୍ ବିଭାଗ ତାରିଣୀ ବୋଟ୍ କର୍ମଚାରୀ ମାନଙ୍କ ଦ୍ୱାରା ଉଦ୍ଧାର କରି ସିଆଇଏସଏଫକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଟଗବୋଟ୍‌ର ମାଷ୍ଟର ଓ ସାରଙ୍ଗ ସହାୟତାରେ ପ୍ଲାଷ୍ଟିକ ଦଉଡି ସାହାଯ୍ୟରେ କର୍ମଚାରୀମାନେ ବହୁ ପରିଶ୍ରମ କରି ହରିଣଟିକୁ କୂଳକୁ ଆଣିବା ପରେ କୁଜଙ୍ଗ ବନବିଭାଗକୁ ଦୁଇ ହରିଣ କୁ ହସ୍ତାନ୍ତର କରିଛନ୍ତି। ତେବେ ନିକଟସ୍ଥ କୌଣସି ଜଙ୍ଗଲ ରୁ ହରିଣ ଟି ପଳାଇ ଆସିଥାଇ ପାରେ ବୋଲି ଅନୁମାନ କରାଯାଉଛି। ଏହିପରି ପୂର୍ବରୁ ମଧ୍ୟ ଦୁଇଦୁଇଥର ସମୁଦ୍ରରୁ ହରିଣ ଉଦ୍ଧାର କରାଯାଇଥିଲା। ତେବେ ଉଦ୍ଧାର ହୋଇଥିବା ଦୁଇ ହରିଣ କୁ କୁଜଙ୍ଗ ବନବିଭାଗ ପ୍ରଥମେ ଚିକିତ୍ସା କରିବା ପରେ ତଣ୍ଡା ଜଙ୍ଗଲରେ ଛାଡି ଦିଆଯିବ ବୋଲି ବନବିଭାଗ ତରଫରୁ ସୂଚନା ମିଳିଛି।


**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated: 23/12/2025, I, SAUBHAGYA RANJAN ROUT, resident of At: Sanabarchikayan, Ramachandrapur, Bonth, Bhadrak-756114, Odisha declare that I have changed the name of my daughter from SANGYA SIYALAXMI ROUT to **KHARADHIKA ROUT.** Henceforth, she shall be known as **KHARADHIKA ROUT** for all purposes.

SAUBHAGYA RANJAN ROUT

**AFFIDAVIT**

I, Rajendra Kumar Agrawalla, aged about 47 years, S/o- Gopiram Agrawal, resident of Mahalaxmi Nagar, Station Road, Po- Balangir, Ps-Town Bolangir, Dist- Balangir, Odisha, Pin- 767001 declare by this affidavit No. 2585, dtd- 24/12/2025, that now onwards I shall be known as **RAJENDRA KUMAR AGRAWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh dtd. 23/12/2025, I Jayanti Sahu, W/o- Jagamohan Sahu, R/o- Patharla, Po.- Govindpur, Ps.- Bargarh, Dist.- Bargarh state that, I have changed my name from **Damayanti Sahu** to **Jayanti Sahu**. Henceforth I shall be known as **Jayanti Sahu** for all future purposes.

**OFFICE OF THE MEDICAL OFFICER IN-CHARGE,CHC, DAVA**
BLOCK PROGRAMME MANAGEMENT UNIT (NHM)
At- CHC, Dava, Po-Dava, Block- Jharbandh Dist-Bargarh(Odisha)
Email : bpmudava3@gmail.com

Notice No.374 / Date 24.12.2025

**SHORT TENDER CALL NOTICE FOR HIRING OF VEHICLE**

Sealed proposals as per the prescribed RFP document are invited from interested eligible bidders (Private individuals/Tour operators / Travel Agency / Society / Firm) for hiring & empanelment of vehicle for BPMU Office at CHC DAVA on a monthly basis for BPMU Office. The eligibility criteria, the terms of reference and the formats for submission of bid are set forth in the RFP document, which can be received from the BPMU office Jharbandh. Interested bidders fulfilling the eligibility criteria may submit their proposals with EMD & documents as per RFP. The details of the Vehicle are mentioned in the RFP document. The bidders have to submit their proposals with all required documents and should reach to the office of the undersigned on or before Dt. 10/01/2026 up to 4.00 P.M. Technical & financial bid shall be opened in presence of the bidders on dt. 15/01/2026 at 3 PM . at the Meeting Hall PHC Jharbandha , Bargarh. The undersigned reserves the right to reject any or all the proposal without assigning any reason thereof.

Sd/-
Medical Officer I/c CHC Dava , Bargarh

**AFFIDAVIT**

I, Kadam Shaik, resident of Maltira, Po- Padhanpara, Ps-Bonth, Dist-Bhadrak, Odisha-756114, declare by this affidavit No.2893, dated: 23/12/2025, that now onwards I shall be known as **Sk Kadam** for all future purposes.

**Affidavit (For Minor)**

By virtue of an affidavit sworn before Executive Magistrate, Banpur, vide No- 4574, dated- 20/12/2025, I, **Manas Bariki,** aged about 44 years, Address: S/o- Golakh Bariki, At- Bhimpur Nua Patana Sahi, Po- Bhimpur, Ps- Banpur, Dist-Khordha, Odisha, Pin-752031, declare that I have changed the name of my minor son's name from **Rajesh Kumar Barik** to **Rakesh Kumar Bariki.** Henceforth, he shall be known as **Rakesh Kumar Bariki** for all purposes.

**Rakesh Kumar Bariki**

**AFFIDAVIT**

I, Namita Kumari Mahapatra, aged about 56 years, W/o- Rabindra Kumar Das, resident of At- Flat No. 405, Rosan Elegant, Haridaspur, Naharakanta, PS- Pahal, Bhubaneswar, Dist- Khordha, PIN- 752101, Odisha declared by this affidavit No. 2582, dtd- 23/12/2025 that now onwards I shall be known as **NAMITA DASH** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 17.12.2025, I Bulu Nahak S/o- Kasinath Nahak, resident At-Kaudia,Po-Lenkakhali, Ganjam, Dist- Ganjam, Odisha, PIN- 761144, declare that I have changed my Daughter name from Ankita Nahak to Sriya Nahak. Henceforth, She shall be known as **SRIYA NAHAK** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 30/11/2025. I, **Susila Putel** (new name), formerly called as **Jemamani Putel** (old name), W/o- Sadhuram Putel, permanent & current resident of AT- Sirol, PO- Sirol, PS- Titilagarh, Dist- Balangir, (Odisha), PIN- 767033 declare that I have changed my name from **Jemamani Putel to Susila Putel.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Susila Putel** (new name) for all future purposes.

**Susila Putel**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 23/12/2025. I, **Trushnarani Dandsena** (new name), formerly called as **Trusnarani Mohapatra** (old name), aged about 35 years, W/o- Girish Chandra Mohapatra, permanent & current resident of AT- Badapari, PO/PS- Tangi, Dist- Khordha, (Odisha), PIN- 752023 declare that I have changed my name from **Trusnarani Mohapatra to Trushnarani Dandsena.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Trushnarani Dandsena** (new name) for all future purposes.

**Trushnarani Dandsena**

**NAME CHANGE**

By virtue of an affidavit sworn before Notary Public, Bhubaneswar on 22/09/2025, it is declared and informed that my name has been changed from **'SANJAY KUMAR MOHAPATRA'**, Son of Late Nabaghana Mohapatra to **'SWAMI DEVETANANDA'** as I voluntarily renounced to the mundane world to join Ramakrishna Mission Sevashrama as a brahmachari. After rigorous test and training ordained as sanyasi (monk) I have been christened as 'Swami Devetananda', son of Swami Gahanananda and henceforth known as **"SWAMI DEVETANANDA"** Furthermore, it declared that Sri Sanajy Kumar Mohapatra and Swami Devetananda is one and same person.

**LOST**

I, **Kuni Behera,** W/o- Trilochan Behera, resident of At: Pandara, Po: GGP Colony, Ps: Mancheswar, Bhubaneswar-25, Dist- Khordha, Odisha declare that I have lost my Original Sale Deed bearing No-11831700062 at Mancheswar Market area at 11 am on dated- 22/12/2025. If anybody found it please contact: Debabrata Padhy (Advocate): 9861454766.

**AFFIDAVIT**

By virtue of an affidavit sworn before Executive Magistrate, Sambalpur, CF No- 3712 dated 18/12/2025, I Satyanarayana sahoo, S/o- Abaduta sahoo, resident of Ganesh Nagar Rairakhol, Po- Rairakhol, Ps.- Rairakhol, Dist.- Sambalpur, Odisha, Pin- 768106 declare that, I have changed the name of my minor daughter from Jagasmita sahoo to Yogasmita sahoo. Henceforth, she shall be known as **Yogasmita Sahoo** for all purposes.

**Sd/- Satyanarayana sahoo**

**AFFIDAVIT**

By virtue of an affidavit sworn before the Executive Magistrate, Rairakhol ,vide CF No.973 dtd. 20.12.2025 , I Priyabrata Bhurubhuri, S/o- Prasanta Bhurubhuri, resident of village- Kuteswar, Po.- Nagaon, Ps.- Athamallik ,Dist.-Angul ,Odisha, Pin- 759125 state that, I have changed the my name from Priyabrat Bhurubhuri (old name) and have assumed the name Priyabrata Bhurubhuri (new name) from the date hereof. Henceforth, I shall be known, called and identified by the name Priyabrata Bhurubhuri for all purposes. This change is made for Gazette Notification & Aadhaar Card correction only.

**Sd/- Priyabrata Bhurubhuri**

**OFFICE OF THE NOTIFIED AREA COUNCIL, KAMAKHYANAGAR.** C-1874
At/Po-Kamakhyanagar, Ward No-06, District-Dhenkanal, pin-759018
kamakhyanagarnac@gmail.com, kamakhyanagarn.hud@nic.in

**"e" Procurement Notice**

Notice No. 2906/N.A.C. (K) Dt. 22.12.2025

**Tender Reference No.KNR-NAC-04/2025-26**

The Notified Area Council, Kamakhyanagar invites online Bid in single cover system through "e" Procurement.

| | |
|---|---|
| Total Nos. of works;- | 23(Twenty three) |
| Value of works;- | 2.11 Lakh to 4.23 lakh |
| Date of availability of tender for online Bidding;- | From dt.24.12.2025 at 11.00 A.M. up to dt.03.01.2026 at 5.00 P.M. |
| Date of opening of Bid:- | dt.05.01.2026 at 11.00 A.M. |
| Further details can be seen from the website;- | www. tendersodisha.gov.in |

Executive Officer
N.A.C. Kamakhyanagar

OIPR-13128/11/0016/2526

A-1177 E-mail :- eemidivision_deogarh@yahoo.in

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DEOGARH.**
**No. 1588, Date. 20.12.2025**
**e-PROCUREMENT NOTICE**
**BID REF No: SE,MID,DGR /05/ 2025-26**

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works :- | Civil Construction works. |
| 2 | No of Works :- | 03(Three) No. |
| 3 | Estimated Cost :- | Approximately From **10.20 lakh and Rs. 22.33 lakh.** |
| 4 | Period of completion :- | 4 (Four) Calendar months & 2 (Two) Calendar months |
| 5 | Date and Time of availability of bid documents in the portal:- | From **Dt.26.12.2025** at 10.00 AM to **Dt. 05.01.2026** up to 5.00 PM. |
| 6 | Last Date / Time of receipt of bids in the portal :- | **Dt.05.01.2026** up to 5.00 PM |
| 7 | Date of opening of Bid :- | **Dt.06.01.2026** at 11.00 AM onwards |
| 8 | Name and address of the OIT :- | Superintending Engineer, Minor Irrigation Division, Deogarh. |
| 9 | Mode of Payment of Bid Cost & Bid Security :- | Online |

** Further details can be seen from the e-Procurement market place http://tendersodisha.gov.in

Superintending Engineer
M.I. Division, Deogarh

OIPR-32289/11/0017/2526

**AFFIDAVIT**

By virtue of an affidavit before the Notary Public, Titilagarh, on dated: 23/12/2025. I, **Jagannath Bhue,** aged about 65 years, S/o- Buda Bhue, permanent & current resident of AT- Piprut, P.O- Belgaon, PS- Saintala, Dist- Bolangir, (Odisha), PIN- 767032 declare that I have changed my minor daughter's name from **Rajyabanti Bhue** (old name) to **Rajbanti Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Rajbanti Bhoi** (new name) for all future purposes.

**Jagannath Bhue**

**AFFIDAVIT**

By virtue of an affidavit (CF No. 01, dtd- 24/12/2025) sworn before the Executive Magistrate, Padampur. I, **Nisha Bhoi,** D/o- Prashanna Bhoi, permanent & current resident of AT- Palsada, PO- Palsada, PS- Paikmal, Dist- Bargarh, PIN- 768039, Odisha declare that I have changed my name from **Lisa Bhoi to Nisha Bhoi.** Henceforth, I shall be known as **Nisha Bhoi** (new name) for all purposes.

**Nisha Bhoi**

**AFFIDAVIT**

I, Domti Abinash Dora, S/o - Alekh Chandra Dora, Resident of Police Camp, Sunabeda, Ps- Sunabeda, Dist- Koraput, Pin-763003, Odisha declare by this affidavit No.2275, dated- 27/11/2025 that now onwards I shall be known as **D ABINASH DORA** for all future purposes.

**AFFIDAVIT**

By virtue of an affidavit (CF No. 447) sworn before The Executive Magistrate, Begunia dated- 03/04/2025. I, **Alok Kumar Sahoo,** S/o- Raja Kishore Sahoo, Address: Village- Balarampur, PO/PS- Begunia, Dist- Khordha, PIN- 752062, Odisha declare that I have changed my minor son's name from **Ayush Kumar Sahoo** to **Aditya Sahoo.** Henceforth, he shall be known **Aditya Sahoo** (new name) for all purposes.

**Alok Kumar Sahoo**

**AFFIDAVIT**

By virtue of an affidavit sworn before EXECUTIVE MAGISTRATE, BHUBANESWAR, Dated 23.12.2025, I, NRUSINGHA PRASAD DASH, At–Lingipur, P.O. Sisupalgarh, P.S. Dhauli, Bhubaneswar–751002, Dist. Khordha, State – Odisha declare that I have changed my name fromNRUSINGHA PRASAD NAYAK to NRUSINGHA PRASAD DASH. Henceforth, I shall be known as **NRUSINGHA PRASAD DASH.**


# ବାଂଲାଦେଶରେ ହିନ୍ଦୁ ଶ୍ରମିକଙ୍କୁ ହତ୍ୟା ଘଟଣାର ପ୍ରତିବାଦ



କେନ୍ଦ୍ରାପଡ଼ା,୨୪।୧୨(ସମିସ): ବାଂଲାଦେଶରେ ହିନ୍ଦୁ ଶ୍ରମିକଙ୍କ ଉପରେ ଘଟୁଥିବା ନିର୍ଯାତନା ଓ ହତ୍ୟା ଘଟଣାକୁ ନିନ୍ଦା କରି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବୁଧବାର ଅପରାହ୍ନରେ କେନ୍ଦ୍ରାପଡ଼ା ନୂଆ ବସ୍‌ଷ୍ଟାଣ୍ଡଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ୧୮ ତାରିଖ ବାଂଲାଦେଶରେ ଶ୍ରମିକ ଭାବେ କାମ କରୁଥିବା ଦିପୁଚନ୍ଦ୍ର ଦାସଙ୍କୁ ଦୁର୍ବୃତ୍ତମାନେ ନିସ୍ଥୁକ ମାଡ଼ମାରି ଗଛରେ ବାନ୍ଧି ଜୀବନ୍ତ ଜାଳି ଦେଇଥିଲେ। ଏହି ଅମାନବୀୟ ଘଟଣା ଜଣାପଡ଼ିବା ପରେ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମରେ ବାଂଲାଦେଶର ଦାୟିତ୍ୱଶୀଳ ନେତୃତ୍ୱଙ୍କ କୁଶପୁତଳିକା ଦାହ କରାଯାଇ ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ବିକ୍ଷୋଭକାରୀମାନେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ସୁରକ୍ଷା ନେଇ ଗଭୀର ଚିନ୍ତା ବ୍ୟକ୍ତ କରିଥିଲେ।

ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସରକାରଙ୍କ ନିକଟରେ ତିନିଟି ମୁଖ୍ୟ ଦାବି ରଖାଯାଇଛି। ସେଗୁଡ଼ିକ ହେଲା ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ପାଇଁ ଭାରତ ସରକାର ସିଧାସଳଖ ହସ୍ତକ୍ଷେପ କରନ୍ତୁ, ହତ୍ୟା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି କଠୋର ଦଣ୍ଡ ଦିଆଯାଉ ଓ ଅତ୍ୟାଚାରିତ ବାଂଲାଦେଶୀ ହିନ୍ଦୁଙ୍କୁ ସସମ୍ମାନେ ଭାରତକୁ ଆଣି ସ୍ଥାୟୀ ବାସିନ୍ଦା ମାନ୍ୟତା ଦିଆଯାଉ। ବିକ୍ଷୋଭ କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ପୂର୍ବପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ ଯୋଗଦେଇ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ହିନ୍ଦୁ ସମାଜକୁ ଏକତ୍ରିତ ରହିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗ ସମ୍ପାଦକ ବୀରେନ୍ଦ୍ର ସାମଲ, ଜିଲ୍ଲା ସଭାପତି ଅଦ୍ୱୈତ ସ୍ୱାଇଁ, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ଖୁଣ୍ଟିଆ, ସହ ସମ୍ପାଦକ ସନ୍ତୋଷ ସାହୁ, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ ଶେଖର ରାଉତ, ଦୁର୍ଗାବାହିନୀ ସଂଯୋଜିକା ଆଶାଲତା ମଲ୍ଲିକ, ସହ ସଂଯୋଜକ ଯଶପାଲ ସୁତାର, ନୀଳକଣ୍ଠ ସ୍ୱାଇଁ, ଉପସଭାପତି ପ୍ରଦୀପ କିଶୋର ନାୟକଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ



ମାର୍ଶାଘାଇ,୨୪।୧୨(ସମିସ): ମାର୍ଶାଘାଇ ବ୍ଲକ ହଳଦିଆଗଡ଼ା ନିକଟ ଗରଜଙ୍ଗା ତାରିଣୀ ଗ୍ରୁପ୍ ଅଫ ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ତାରିଣୀ ଗ୍ରୁପ୍ ଅଫ ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ ଅଧ୍ୟକ୍ଷ ଜ୍ଞାନରଞ୍ଜନ କୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ଡ. ସୁରେନ୍ଦ୍ର ମୋହନ ମିଶ୍ର, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର ଡ. ଗିରୀଶ ଚନ୍ଦ୍ର ସାହୁ, ତାରିଣୀ ଶିକ୍ଷା ପ୍ରତିଷ୍ଠା ଚେୟାରମ୍ୟାନ ଶ୍ରୀବତ୍ସ କୁମାର ପଣ୍ଡା, ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଉମାକାନ୍ତ ଦାସ ଯୋଗଦେଇଥିଲେ। ଏହି ଅବସରେ ତରିଣୀ ବିଜ୍ଞାନ ଆବସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଟପ୍ପର ଦିବ୍ୟଜ୍ୟୋତି ମହାପାତ୍ର, ସତ୍ୟଜିତ୍ ଦାସ, ଶ୍ରୀତମ ଜେନା, ପ୍ରିୟଙ୍କା ବେହେରା, ଅଶୋକ ସାହୁ, ପ୍ରଜ୍ଞାପରମିତା ପଣ୍ଡା, ସୁଜାତା ନାୟକ, କବିତା ଦଳାଇ, ଉମେଶ ବାହାଲିଆ, ରୁବିନାରାଣୀ ମହାପାତ୍ର, ରୁବିରାଣୀ ଲେଙ୍କା, ମେଘନାଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଡା. ବୈଲୋଚନ ଛାଟୋଇ, ନବୀନ ବେହେରା, ପ୍ରଫୁଲ୍ଲ ପ୍ରଧାନ, ତପନ ଦାସ, ଧନେଶ୍ୱର ଜତି, ପଞ୍ଚାନନ ଧଳ, ଧର୍ମପ୍ରକାଶ ଆଚାର୍ଯ୍ୟ, ପ୍ରତିଭାରାଣୀ ମହାପାତ୍ରଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଅଶୋକ ଦାସ, ଅର୍ଜୁନ ନାୟକ, ଜ୍ଞାନରଞ୍ଜନ ନାୟକ, ଗୌତମ ରାଉତ, ସିପ୍ରା ସ୍ୱାଇଁ, ତୁଷାର ସାହୁ, ସୋନାଲି ନାୟକ, ସରୋଜକାନ୍ତ ପଣ୍ଡା ସହଯୋଗ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଭେଙ୍କଟେଶ୍ୱର ସ୍କୁଲର ବାର୍ଷିକ କ୍ରୀଡ଼ା

ପଟ୍ଟାମୁଣ୍ଡାଇ,୨୪।୧୨(ସମିସ): ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ୨ ଦିନ ଧରି ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଜ୍ୟୋତ୍ସ୍ନାରାଣୀ ନାୟକ ଓ ନମିତା ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ। ରିଙ୍କେଶ୍ୱରୀ ଦାସ ବିବରଣୀ ପାଠ କରିଥିଲେ। ଅମିତ ପାତ୍ର ଧନ୍ୟବାଦ ଦେଇଥିଲେ।

ଶିକ୍ଷୟିତ୍ରୀ ମୋନାଲିସା ରାୟ, ସୁମନ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀ ବିକାଶ ପାଇଁ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ପ୍ରକାଶ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସୌମ୍ୟରଞ୍ଜନ ପଣ୍ଡା ସ୍ୱାଗତ



ଓ ବୀରସେନ ଜେନାଙ୍କ ତତ୍ତ୍ୱାବଧାନରେ ପତିତପାବନ ମନ୍ଦିରଠାରୁ ଛାତ୍ରଛାତ୍ରୀମାନେ କ୍ରୀଡ଼ା ମଶାଲ ଧରି ପଡ଼ିଆରେ ପହଞ୍ଚିଥିଲେ। ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସ୍କୁଲର ନିର୍ଦ୍ଦେଶକ ଆଇନଜୀବୀ ସଞ୍ଜୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସୁପ୍ରିୟା ନନ୍ଦୀ ସ୍ୱାଗତ ଭାଷଣ ଶ୍ରୀୟା ନାୟକ, ସୌମ୍ୟାସ୍ୱାତୀ ଲେଙ୍କା, ବନିମୟୀ ଜେନା, ପ୍ରିୟଙ୍କା ସୁତାର, ମଧୁସ୍ମିତା ଗିରି, ସନାଲିଶା ପରିଡ଼ା, କାମିନୀ ମହାନ୍ତି, ଅପର୍ଣ୍ଣା ବେହେରା, ଇତିଶ୍ରୀ ପଣ୍ଡା, ଅମରେଶ ରାଉତ, ଆଶୁତୋଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ ଉତ୍ସବରେ କାନାଡ଼ା ବ୍ୟାଙ୍କ ଶାଖା ପରିଚାଳକ ଅନୁପ କୁମାର ଦାସ ମୁଖ୍ୟଅତିଥି ଓ ଏବିଇଓ ସୁନୀତୀ ଦାଶ ମୁଖ୍ୟବକ୍ତା ଭାବେ ଭାଷଣ ଓ ସୁଭସ୍ମିତା ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କଳ୍ପନା ଜେନା ଧନ୍ୟବାଦ ଦେଇଥିଲେ। ଗୌରବ ବେହୁରା, ଭକ୍ତରଞ୍ଜନ ମହାନ୍ତି, ଅଭିଲିପ୍ସା ଜେନା, ଆଶାଲତା ମଲିକ, ବିଷ୍ଣୁପ୍ରିୟା ମହାରଣା ସରିତା ସାହୁ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରିୟଦର୍ଶିନୀ ବାରିକ, ବିଶ୍ୱଜିତ୍ ପରିଡ଼ା, ଅରୁନ୍ଧତୀ ଦାସ, ପାର୍ବତୀ ବାରିକ ଓ ଚମ୍ପକଲତା ନାୟକ ସହଯୋଗ କରିଥିଲେ।

## ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ଶୋକସଭା

ପଟ୍ଟାମୁଣ୍ଡାଇ,୨୪।୧୨(ସମିସ): ପଟ୍ଟାମୁଣ୍ଡାଇ ବଣିକ ସଂଘର ସର୍ବପୁରାତନ କର୍ମଚାରୀ ନୂଆଗାଁର ରଘୁନାଥ ଚୌଧୁରୀଙ୍କ ବିୟୋଗରେ ସଂଘ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମନ୍ଦିରରେ ଶୋକସଭା ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଗୋପୀନାଥ କରଙ୍କ ପୌରୋହିତ୍ୟରେ ଆୟୋଜିତ ଶୋକସଭାରେ ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ ଭୂୟାଁ, ସୁଦର୍ଶନ ଦାସ, ରବୀନ୍ଦ୍ର ସାହୁ, କିଶୋର ଜେନା, ହରେକୃଷ୍ଣ ସାହୁ, ଅଚ୍ୟୁତ ଜେନା, ସଞ୍ଜୟ ବର୍ମା, ଅଜୟ ପାଢ଼ୀ, ସମ୍ବିତ ଦାସ ଯୋଗଦେଇ ରଘୁନାଥଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଂଘ ଉପସଭାପତି ମୋହନ ଦାସ ଧନ୍ୟବାଦ ଦେଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ଡେରାବିଶ,୨୪।୧୨(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଦୋହଲୀସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୧୯୮୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଅଜୟ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ତତ୍କାଳୀନ ଶିକ୍ଷକ ଅଲେଖ ଚନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କେଶବ ଚରଣ ନାୟକ, ଦାମୋଦର ବେଦାନ୍ତ, ଦ୍ୱିଜନାଥ ଚାଟାର୍ଜୀ, ବେଣୁଧର ପ୍ରଧାନ, ଦୋଳଗୋବିନ୍ଦ କର, ସରସିମୋହନ ଦାସ, ଅଦ୍ୱୈତାନନ୍ଦ ବରାଳ, ରତ୍ନାକର ସ୍ୱାଇଁ, ଶିକ୍ଷୟିତ୍ରୀ ତାରିଣୀ ଶତପଥୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀମାନେ ଚାରାରୋପଣ କରିଥିଲେ। ନରୋତ୍ତମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୬ରୁ ୧୪୦ତମ ବାଦିପାଲା ମହୋତ୍ସବ

ଡେରାବିଶ,୨୪।୧୨(ସମିସ): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ଆସନ୍ତା ୨୬ ତାରିଖରୁ ୧୪୦ତମ ବାଦିପାଲା ମହୋତ୍ସବ ଆରମ୍ଭ ହେବ। ଏହି ମହୋତ୍ସବ ୯ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଶିଷ୍ଟ ଗାୟକ ଅଭିରାମ ଶତପଥୀ, ଶତ୍ରୁଘ୍ନ ରଣା, ଦୁର୍ଯ୍ୟୋଧନ ନାୟକ, ସତ୍ୟନାରାୟଣ ଜେନା, ସନାତନ ଦାଶ ଓ ବିଶ୍ୱନାଥ ସ୍ୱାଇଁ ପାଲା ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ଡେରାଡିଅ ଓ କେଉଟକଣ୍ଡିଆ ଗ୍ରାମବାସୀଙ୍କ ସହଯୋଗରେ ହେବାକୁ ଥିବା ଏହି ପାଲା ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି।

## ସାବିତ୍ରୀଦେବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ରାଜନଗର,୨୪।୧୨(ସମିସ): ରାଜନଗର ବ୍ଲକ ଜରିମୂଳସ୍ଥିତ ସାବିତ୍ରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ୩୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। କ୍ରୀଡ଼ା ଶିକ୍ଷୟିତ୍ରୀ ଲିଲି ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ସମୀରଣ ମଣ୍ଡଳ ଓ ପ୍ରତିଷ୍ଠାତା ସୀତାକାନ୍ତ ରାଉଳ ଉପସ୍ଥିତ ଥିଲେ।

## ବୃତ୍ତି ପରୀକ୍ଷାରେ ଇଶା ଟପ୍ପର



ପଟ୍ଟାମୁଣ୍ଡାଇ,୨୪।୧୨(ସମିସ): ଚଳିତ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପଟ୍ଟାମୁଣ୍ଡାଇ ବ୍ଲକ ବାଛରା ଗ୍ରାମର ଡା. ଇନ୍ଦ୍ରଭାନୁ ପ୍ରଧାନଙ୍କ ଝିଅ ଇଶା ପ୍ରଧାନ ବ୍ଲକ ଟପ୍ପର ହୋଇଛନ୍ତି। ଇଶା ବାଛରା ମଣ୍ଡପଡ଼ା ଉଚ୍ଚ ପ୍ରାଥମିକ ନୋଡାଲ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ଚଳିତ ବର୍ଷ ପ୍ରାଥମିକ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବ୍ଲକରେ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଛନ୍ତି।

## ନେତାଜୀ କ୍ଲବ୍ ଆନୁକୂଲ୍ୟରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ରାଜକନିକା,୨୪।୧୨(ସମିସ): ନେତାଜୀ କ୍ଲବ୍ ତରଫରୁ ରାଜକନିକା ବ୍ଲକ ତରାସଠାରେ ଜିଲ୍ଲାସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଯୁବନେତା କୃଷ୍ଣଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ରାଜକନିକା



ବିଡିଓ କୈଳାସ ଚନ୍ଦ୍ର ମଲ୍ଲିକ ଓ ତହସିଲଦାର ଭାନୁମତୀ ମାଝୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ୮ ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ମ୍ୟାଚ ଭଦ୍ରକ ଚାନ୍ଦବାଲି ଏବଂ କେନ୍ଦ୍ରାପଡ଼ା ଆଳି ବ୍ଲକ କଳଦିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାନ୍ଦବାଲି ଦଳ ୩-୨ ସେଟ୍‌ରେ ବିଜୟୀ ହୋଇଛି। ଗ୍ରାମାଞ୍ଚଳ କ୍ରୀଡ଼ାର ବିକାଶ ପାଇଁ ନେତାଜୀ କ୍ଲବର ଏହି ପ୍ରୟସକୁ ଅଞ୍ଚଳବାସୀ ସାଧୁବାଦ୍ ଜଣାଇଛନ୍ତି।

## ସଞ୍ଜୀବନୀ ଶିକ୍ଷା ଭବନରେ ବିଜ୍ଞାନ ମେଳା

# 'ବିଜ୍ଞାନ ଦେଶ ବିକାଶର ଚାବିକାଠି'



ପଟ୍ଟାମୁଣ୍ଡାଇ,୨୪।୧୨(ସମିସ): ବିଜ୍ଞାନ ହେଉଛି ଦେଶ ବିକାଶର ଚାବି କାଠି। ଯେଉଁ ଦେଶ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଆଗୁଆ ସେହି ଦେଶ ସେତେ ସଶକ୍ତ ଓ ସମୃଦ୍ଧ। ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତ ବୋଧଗାଁ ସଞ୍ଜୀବନୀ ଶିକ୍ଷା ଭବନ ଆନୁକୂଲ୍ୟରେ ଆୟୋଜିତ ବିଜ୍ଞାନ ମେଳାରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ଶିକ୍ଷାବିତ ଫକୀର ଚରଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ଏସପି ଅଫିସ ଆରଆଇ ପ୍ରଶାନ୍ତ କୁମାର ରଣସିଂହ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ବଳରାମ ପଲାଇ ମୁଖ୍ୟବକ୍ତା, ଜରିଆ ବଳଦେବ ହାଇସ୍କୁଲ ଶିକ୍ଷକ ପ୍ରଭାସ ରାଉତ, ଗଣ୍ଡାକିଆ ଗୋବରୀ ହାଇସ୍କୁଲ ଶିକ୍ଷକ ରାଜେନ୍ଦ୍ର ମିଶ୍ର, ଦେପୁର ସରସ୍ୱତୀ ହାଇସ୍କୁଲ ଶିକ୍ଷକ ସନ୍ତୋଷ ନାୟକ, ଶିକ୍ଷାବିତ ଅନିଲ ଥାଟୋଇ, ନିଗିନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅରବିନ୍ଦ ସ୍ୱାଇଁ, ଗଙ୍ଗାରମପୁର ହାଇସ୍କୁଲ ଶିକ୍ଷକ ସନ୍ତୋଷ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ନେତା ଚିତ୍ତରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଓ ପ୍ରଶାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ରଞ୍ଜନ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୯୨ ଜଣ କୁନି ବୈଜ୍ଞାନିକଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଆଶାରାଣୀ ଜେନା ଓ ଶିକ୍ଷକ ହୃଷୀକେଶ ରାଉତଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଧନେଶ୍ୱର ସ୍ୱାଇଁ, ଅତୁଲ୍ୟ ପ୍ରଧାନ, ସୁରେଶ ରାଉତ ଓ ମାନିନୀ ପାତ୍ର, ସୁନିତୀ ଦାଶ, ମନୋଜ ସାହୁ, ସୁରେଶ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କବି ପ୍ରମୋଦ ସେଠୀଙ୍କ ଶ୍ରଦ୍ଧାଞ୍ଜଳି ସଭା



ରାଜନଗର,୨୪।୧୨(ସମିସ): ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ବନ୍ଦପାଟଣା ଗ୍ରାମର ଶିକ୍ଷାବିତ, ସାହିତ୍ୟିକ ତଥା କବି ସ୍ୱର୍ଗତ ପ୍ରମୋଦ ସେଠୀଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ପ୍ରମୋଦ ସେଠୀ ସ୍ମୃତି କମିଟି ଓ ପଞ୍ଚସଖା ଶିକ୍ଷାସେତୁ ସଭାପତି ବୈବ୍ରତ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ପ୍ରମୋଦ ଏକାଧାରରେ ଜଣେ କବି, ସୁସାହିତ୍ୟିକ, ସଂଗଠକ, ଛାତ୍ରବତ୍ସଳ ଶିକ୍ଷକ, ପରିବେଶପ୍ରେମୀ ଭାବେ ପରିଚିତ ଥିଲେ ବୋଲି କହିଥିଲେ। 'ସ୍ମୃତିରେ ପ୍ରମୋଦ' ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧୀରେନ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରାଧାକାନ୍ତ ରାଉତରାୟ, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ରାଉତ, ଶିକ୍ଷାବିତ ହେମନ୍ତ ବାରିକ, ଅବସରପ୍ରାପ୍ତ ବିଓ ନଳିନୀ ରାଉତରାୟ, ଶିକ୍ଷାବିତ ସୁକାନ୍ତ ତ୍ରିପାଠୀ, ଶତ୍ରୁଘ୍ନ ତରାଇ, ବଳରାମ ତ୍ରିପାଠୀ, ସମୀରନ ମଣ୍ଡଳ, ଶୁଭ୍ରଜ ବରାଳ, ଗାଳ୍ପିକ ପ୍ରଦୀପ ନାୟକ, ଭବାନୀ ମହାପାତ୍ର, ଚନ୍ଦ୍ରକାନ୍ତ ରାଉତ, ପ୍ରଶାନ୍ତ ଜେନା, ଭାଗବତ ପ୍ରଧାନ, ସିଆରସିସି ନିରାକାର ସେଠୀ, ସର୍ବେଶ୍ୱର ବଳ, ବଳରାମ ପାତ୍ର, କିଶୋର ବରାଳ, ଧରଣୀ ସେଠୀ, ସୁରେଶ ପାତ୍ର, ପ୍ରଭାତ ଜେନା, ରବୀନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

## ତ୍ରିବେଣୀ ମେଳା ପାଇଁ ପ୍ରସ୍ତୁତି ବୈଠକ

ଡେରାବିଶ,୨୪।୧୨(ସମିସ): ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁରସ୍ଥିତ ଆର୍ତ୍ତେଶ୍ୱର ଶୈବପୀଠରେ ଜାନୁଆରୀ ୧୮ ପବିତ୍ର ତ୍ରିବେଣୀ ଅମାବାସ୍ୟାରୁ ଆରମ୍ଭ ହେବ ତ୍ରିବେଣୀ ମେଳା। ମନ୍ଦିର ବେଢ଼ାରେ ମହାରୁଦ୍ର ମହାଯଜ୍ଞ ମଧ୍ୟ ଅନୁଷ୍ଠିତ ହେବ। ୫ଦିନ ଧରି ହେବାକୁ ଥିବା ଏହି ମେଳା ଉପଲକ୍ଷେ ଯଜ୍ଞ କମିଟି ସଭାପତି ଅକ୍ଷୟ ମହାନ୍ତିଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟି ସମ୍ପାଦକ ନାରାୟଣ ଲେଙ୍କା ମେଳା ଓ ଯଜ୍ଞର ରୂପରେଖ ବିଷୟରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। କମିଟି ଉପସଭାପତି ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ମେଳା ଓ ଯଜ୍ଞ ପ୍ରସିଦ୍ଧି ଲାଭ କରିଥିବାରୁ ଶ୍ରଦ୍ଧାଳୁ ଓ ଦର୍ଶକ ସଂଖ୍ୟା ବୃଦ୍ଧି ପାଇବ ବୋଲି କହିଥିଲେ। ପ୍ରଶାସନିକ ସହଯୋଗ ପାଇଁ ଜିଲ୍ଲାପାଳଙ୍କୁ କମିଟି କର୍ମକର୍ତ୍ତା ଭେଟି ଆଲୋଚନା କରିବାକୁ ସ୍ଥିର ହୋଇଛି। ବୈଠକରେ କମିଟି ସହ ସମ୍ପାଦକ ପ୍ରଦୀପ କୁମାର ନାୟକ, ଅଧ୍ୟାପକ ପ୍ରଭାକର ସାମଲ, କୈଳାସ ଚନ୍ଦ୍ର ଲେଙ୍କା, ଅଭିମନ୍ୟୁ ରାଉତ, ତାରାକାନ୍ତ ଚାଟାର୍ଜୀ, ସନ୍ତୋଷ କୁମାର ରାଉତ, ଦିଗମ୍ବର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ରାଜ୍ୟସ୍ତରୀୟ ଯୁବ ଉତ୍ସବ | କେନ୍ଦ୍ରାପଡ଼ାର ୩୧ ପ୍ରତିଯୋଗୀଙ୍କ ଭୁବନେଶ୍ୱର ଯାତ୍ରା




କେନ୍ଦ୍ରାପଡ଼ା,୨୪।୧୨(ସମିସ): ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବରେ ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା କେନ୍ଦ୍ରାପଡ଼ା ଜିଲ୍ଲାର ୩୧ ଜଣ ଶ୍ରେଷ୍ଠ ଯୁବ ପ୍ରତିଯୋଗୀ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଅଂଶଗ୍ରହଣ ପାଇଁ ଆଜି ଭୁବନେଶ୍ୱର ଯାତ୍ରା କରିଛନ୍ତି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଯାତ୍ରା କରିଥିବା ବେଳେ, ଆଜି ସକାଳେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର ପ୍ରତିଯୋଗୀମାନଙ୍କୁ ଯାତ୍ରା ପୂର୍ବରୁ ଉତ୍ସାହିତ କରିବା ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ ଆୟର ପତାକା ଦେଖାଇ ପ୍ରତିଯୋଗୀମାନଙ୍କ ଯାତ୍ରାର ଶୁଭାରମ୍ଭ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୪ ଡିସେମ୍ବରରୁ ୨୬ ଡିସେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୁଥିବା ପ୍ରତିଭାଶାଳୀ ଯୁବକମାନେ ନିଜ ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିବେ। କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତିଯୋଗୀମାନଙ୍କ ଉପରେ ସମସ୍ତଙ୍କର ଆଶା ଓ ଭରସା ରହିଛି ଯେ, ସେମାନେ ରାଜ୍ୟସ୍ତରରେ ଜିଲ୍ଲାର ଗୌରବ ବୃଦ୍ଧି କରିବେ।

## ଶିଶୁକୁ ଖାଲି ସିରିଞ୍ଜ ଫୋଡ଼ିବା ଘଟଣା | ଏଏନଏମ୍‌ଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି

ମହାକାଳପଡ଼ା,୨୪/୧୨(ସମିସ): ଜଣେ ତିନିମାସର ଶିଶୁ କନ୍ୟାକୁ ଟିକା ଦେବା ବଦଳରେ ଖାଲି ସିରିଞ୍ଜ ଫୋଡ଼ିବା ଘଟଣାରେ ସମ୍ପୃକ୍ତ ଏଏନଏମ୍ ଦିଦି ପ୍ରଭାତୀ ପରିଡ଼ାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ବଦଳି କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ସେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବଡ଼କୁଳ ପଞ୍ଚାୟତ ରାଉତ ସାହି ଗ୍ରାମର ସୁବାସ ସ୍ୱାଇଁ ଗତ ୩ ତାରିଖ ତାଙ୍କ ତିନିମାସର କନ୍ୟାକୁ ଟିକାକରଣ ନିମନ୍ତେ ଗାଁ ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇଥିଲେ। ସେଠାରେ ଟିକାକରଣ କାର୍ଯ୍ୟରେ ନିୟୋଜିତ ବଡ଼କୂଳ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଏଏନଏମ୍ ପ୍ରଭାତୀ ପରିଡ଼ା ସିରିଞ୍ଜରେ ଟିକା ନ ଭରି ଖାଲି ସିରିଞ୍ଜ ଶିଶୁକୁ ଫୋଡ଼ିଥିବା ସୁବାସ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ତେବେ ତାଙ୍କ ଆଖିକୁ ଭଲ ଭାବରେ ଦିଶୁ ନ ଥିବାରୁ ଏମିତି ହୋଇଥାଇପାରେ ବୋଲି ଏଏନଏମ୍ ପରିଡ଼ା ଗଣମାଧ୍ୟମକୁ କହିଥିଲେ। ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ସିଡିଏମଓ ମନୋରଞ୍ଜନ ରାଉତ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗତ ୧୦ ତାରିଖ ବଡ଼କୂଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ର ଅନ୍ତର୍ଗତ ଦହିମାଛ ଗ୍ରାମରେ ଟିକାକରଣ ଅଧିବେଶନର ସୁଗମ ଆୟୋଜନ ପାଇଁ ଏଏନ୍‌ଏମ୍ ପରିଡ଼ାଙ୍କ ବଦଳରେ ମଧୁସ୍ମିତା ସେଠୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବୁଧବାର ତାଙ୍କୁ ବଦଳି କରାଯାଇଛି।

# ନୂଆ ମଦଦୋକାନ ଖୋଲିବାକୁ ବିରୋଧ



କେନ୍ଦ୍ରାପଡ଼ା,୨୪।୧୨(ସମିସ): ଜିଲ୍ଲାର ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ସରକାର ୧୫ଟି ନୂଆ ମଦ ଦୋକାନ ଖୋଲିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଆଜି ଏହା ବିରୋଧରେ ଆପତ୍ତି ଅଭିଯୋଗ ଦାଖଲର ଶେଷ ତାରିଖ ଥିବା ବେଳେ ନିଶା ନିବାରଣ ଅଭିଯାନ ପକ୍ଷରୁ ପ୍ରତିବାଦ ଦରଖାସ୍ତ ଦାଖଲ କରାଯାଇଛି। ସଂଗଠନର ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଭାଗୀରଥି ଜେନା, ଆଳି ବ୍ଲକ ସଭାପତି ଲକ୍ଷ୍ମୀଧର ଦୀକ୍ଷିତ, ସମ୍ପାଦକ ଗୋବିନ୍ଦ ନନ୍ଦ, ସହ ସମ୍ପାଦକ ସୋହାନା ବେଗମ୍, ଅମରେନ୍ଦ୍ର ଦାସ, ଧନେଶ୍ୱର ରାଉତ ପ୍ରମୁଖ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିବା ବେଳେ ଏହାର ନକଲ ବିଭାଗୀୟ ମନ୍ତ୍ରୀ, ଅବକାରୀ କମିଶନର ଓ ଅବକାରୀ ଅଧୀକ୍ଷକଙ୍କ ନିକଟକୁ ପଠାଇଛନ୍ତି। ଏଥିରେ ସରକାରଙ୍କୁ ତାଙ୍କ ନିର୍ବାଚନ କାଳୀନ ପ୍ରତିଶ୍ରୁତିକୁ ସ୍ମରଣ କରାଇ ସରକାର ରାଜସ୍ୱ ବୃଦ୍ଧି ପାଇଁ ଆପଣାଉଥିବା ଏପରି ଜନବିରୋଧୀ କାର୍ଯ୍ୟକ୍ରମରୁ ବିରତ ରହିବାକୁ ଅନୁରୋଧ କରାଯାଇଛି। ଜିଲ୍ଲାପାଳଙ୍କ ସହ ଆଲୋଚନା କାଳରେ ଏହି ଘଟଣାକୁ ନେଇ ଆଳି କନିକା ଅଞ୍ଚଳରେ ଏବେ ସୃଷ୍ଟି ହୋଇଥିବା ଜନଅସନ୍ତୋଷ ସମ୍ପର୍କରେ ସୂଚାଇ ଦିଆଯାଇଛି।

ପାଣି ପାଇଁ ଚାଷୀ ଶିବ ସାହୁଙ୍କ ସଂଘର୍ଷ

# ଉଜୁଡ଼ିଗଲାଣି ଫସଲ, ସହିଲେଣି ଦୁଇ ଲକ୍ଷ ଟଙ୍କାର କ୍ଷତି

କୁଜଙ୍ଗ,୨୪।୧୨(ସମିସ)



କେତେକ ବ୍ୟକ୍ତି ସକଳ ବାଧା ଓ ପ୍ରତିବନ୍ଧକ ସତ୍ତ୍ୱେ ନିଜ ଉଦ୍ୟମରେ ଅବହେଳା ନକରି ଅନ୍ୟମାନଙ୍କ ପାଇଁ ଆଦର୍ଶ ସାଜନ୍ତି। ସେହିପରି ଜଣେ ଚାଷୀ ହେଉଛନ୍ତି କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତ ଢିଅସାହି ଗ୍ରାମର ଯୁବ ଚାଷୀ ଶିବ ସାହୁ। ପିତା ବୃନ୍ଦାବନ ସାହୁଙ୍କ ପ୍ରେରଣାରେ ଯୁବାବସ୍ଥାରୁ ଚାଷ ପ୍ରତି ଆକୃଷ୍ଟ ହୋଇ ପ୍ରଥମେ ଧାନ ଚାଷ, ପରେ ତରଭୁଜ ଚାଷ କରନ୍ତି ଶିବ ସାହୁ। ମାତ୍ର ଏଥିରେ କ୍ଷତି ହେବାରୁ ସେ ପଙ୍କପାଳ ମହାନଦୀ ପଠାକୁ ନିଜର ପ୍ରୟୋଗ ଶାଳା ବନାନ୍ତି। ଗୋଟାଏ ପଟେ ମହାନଦୀ ଅନ୍ୟ ପଟରେ ତାଳଦଣ୍ଡା କେନାଲ। ମାତ୍ର ଶିବଙ୍କ ପରି ଶହ ଶହ ଚାଷୀ ଏବେ ପାଣି ସମସ୍ୟା ଯୋଗୁଁ ଚାଷ ଛାଡ଼ି ଦାଦନ ଖଟିବାକୁ ଚିନ୍ତା କରୁଛନ୍ତି। ଗତ ବର୍ଷ ବନ୍ୟା ଯୋଗୁ ଧାନ ଚାଷ କ୍ଷତି ହୋଇଥିବା ବେଳେ ଚଳିତ ବର୍ଷ ସେ ଦୁଇ ଏକର ଟମାଟୋ, ତିନି ଏକର କଖାରୁ, ଏକ ଏକର ବାଇଗଣ, ଏକ ଏକର ପୋଟଳ, ଲଙ୍କା, ଦୁଇ ଏକର ଫୁଲ କୋବି, ଦୁଇ ଏକର ବନ୍ଧା କୋବି ଚାଷ କରିଛନ୍ତି। ଏହା ସହ ଲିଜ୍ ସୂତ୍ରରେ ଜମି ଆଣି ଚଳିତ ବର୍ଷ ଥାଇଲାଣ୍ଡ ବରକୋଳି, ବାରମାସୀ ଲେମ୍ବୁ, ଶଙ୍କର କିସମ ପିଜୁଳି ଚାଷ କରିଛନ୍ତି। ଗତ ବର୍ଷ ପାଣି ଅଭାବ ଯୋଗୁ ସେ ପ୍ରଶାସନ ଓ ନେତାଙ୍କ ଦୃଷ୍ଟି ଆକର୍ଷଣ କରି ଥିଲେ। ଏପରିକି ତତକାଳୀନ ବିଧାୟକଙ୍କୁ ଜଣାଇବା ପରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ପଦକ୍ଷେପ ନେବା ପାଇଁ କହିଥିଲେ। ଏହା ପରେ କେବଳ ଶିବ ନୁହେଁ; ଏହି ପରି ଶହ ଶହ ଚାଷୀଙ୍କ ହିତ ଦୃଷ୍ଟିରୁ ଏଠାରେ ବିଦ୍ୟୁତ୍ ଯୋଗାଣ ଶହ ଶିବ ଖୋଲିଥିବା ବୋର୍‌ୱେଲ ଯୋଗେ ପାଣି ଉଠାଣ କରାଗଲେ ଚାଷୀଙ୍କ ଉପକାର ହୋଇପାରନ୍ତା।

ପାଣି ଅଭାବ ଯୋଗୁଁ ଶିବଙ୍କ ବାଇଗଣ କୋବି ମରିବାକୁ ବସିଥିବା ବେଳେ ପିଜୁଳି ଓ ବିଦେଶୀ ଆମ୍ବ ଚାଷ ଉଜୁଡ଼ିବା ଉପରେ। ଫସଲ ବଞ୍ଚାଇବାକୁ ଯାଇ ଶିବ ନିଜ ପ୍ରଚେଷ୍ଟାରେ ୧୨୦୦ ଟଙ୍କା ଖର୍ଚ୍ଚ କରି କିରୋସିନ ପମ୍ପ ଯୋଗେ ପ୍ରତିଦିନ ପାଣି ମଡ଼ାଉଚନ୍ତି। ଏବେ କିରୋସିନ ଲିଟର ୧୩୦ ଟଙ୍କାରେ କିଣି ନୟାନ୍ତ ହେଲାଣି ଏହି ଯୁବ ଚାଷୀ। ଉଚ୍ଚା ଦରରେ ସାର, ମଞ୍ଜି, ଟ୍ରାକ୍ଟର ଓ ମଜୁରିଆ ଦେଇ ଜଣେ ଚାଷୀ ନିଜ ଉଦ୍ୟମରେ ଚାଷ କରିବାକୁ ଆଗ୍ରହୀ ହୋଇଥିବା ବେଳେ ପାଣି ସମସ୍ୟା ତାଙ୍କ ମନୋବଳକୁ ଭାଙ୍ଗି ଦେଉଛି। କେବଳ ଶିବ ନୁହଁନ୍ତି; ଏହି ଅଞ୍ଚଳର କୁଞ୍ଜ ମଲ୍ଲ, ପ୍ରଭା ସାହୁ, ସୁଦାମ ମଲ୍ଲ ପରି ବହୁ ଚାଷୀ ନିଜ ଉଦ୍ୟମରେ ଚାଷ କରୁଥିଲେ ମଧ୍ୟ ପାଣି ସମସ୍ୟା ଓ ଅଭାବୀ ବିକ୍ରିରେ ପଡ଼ି ହନ୍ତସନ୍ତ ହେଉଛନ୍ତି।

● ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେମି ଫାଇନାଲରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ



ଜଗତସିଂହପୁର,୨୪।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ନବାପାଟଣା ଠାରେ ଚାଲିଥିବା ୩୫ତମ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ ହିନ୍ଦୁସ୍ଥାନ ସ୍ପୋର୍ଟିଂ କ୍ରିକେଟ୍ କ୍ଲବ ଜଗତସିଂହପୁର ଏବଂ ସୋଲାର କ୍ରିକେଟ୍ କ୍ଲବ କଟକ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଟସ୍ ଜିତି ହିନ୍ଦୁସ୍ଥାନ ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ୱିକେଟ୍ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସର୍ବାଧିକ ପୁରୁଷୋତ୍ତମ ପ୍ରଧାନ ୭୫ ରନ ଏବଂ ଅରୋବିନ୍ଦ ସିଂହ ୪୫ ରନ ସଂଗ୍ରହ କରିଥିଲେ। ସୋଲାର କ୍ରିକେଟ୍ କ୍ଲବ ତରଫରୁ ପ୍ରଦୀପ୍ତ ଦାସ ୫ଟି ୱିକେଟ ଏବଂ ଜୋସେଫ ବେହେରା ୧ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୮୨ ରନର ପିଛା କରି ସୋଲାର କ୍ରିକେଟ୍ କ୍ଲବ ସମସ୍ତ ୱିକେଟ ହରାଇ ୨୩.୪ ଓଭରରେ ୧୫୪ ରନ୍ କରିବାକୁ ସାମର୍ଥ୍ୟ ହୋଇଥିଲା। ଫଳରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ମ୍ୟାଚରେ ବିଜୟ ଲାଭ କରିବା ସହିତ ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ସୋଲାର ଦଳ ତରଫରୁ ଓଁକାର ଥୋରଟ ୫୨ ରନ ଏବଂ ସୱନ୍ ପହରିୟ ୨୪ ରନ ସଂଗ୍ରହ କରିଥିଲେ। ହିନ୍ଦୁସ୍ଥାନ ସୋର୍ଟିଂ କ୍ରିକେଟ୍ କ୍ଲବ ତରଫରୁ ଜାମେଲା ମହାପାତ୍ର ୪ଟି ୱିକେଟ ଏବଂ ସୁପ୍ରଭାତ ପଟ୍ଟନାୟକ ୩ ଟି ୱିକେଟ ହାସଲ କରିଥିଲେ। ଏହି ମ୍ୟାଚଟି ଦୁଇ ଅମ୍ପାୟର ମନୋଜ ବେହେର ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ଖେଳ ପରେ ଅତିଥି ଭାବେ ୟୁକୋ ବ୍ୟାଙ୍କ୍ ମ୍ୟାନେଜର ସାରଦା ପ୍ରସନ୍ନ ସାହୁ ଏବଂ ଇଞ୍ଜିନିୟର କିଶୋର ଚନ୍ଦ୍ର ସାହୁ, ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ପୁରୁଷୋତ୍ତମ ପ୍ରଧାନ ଙ୍କୁ ପ୍ରଦାନ କରିଥିଲେ। ଏହି ମ୍ୟାଚରେ କରନ ଖାନ୍ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରିଂ ଆଶୁତୋଷ ବେହେରା ଏବଂ ପ୍ରିତମ ପ୍ରିୟଦର୍ଶନ ସାହୁଙ୍କ ଦ୍ୱାରା ପରିଚାଳନା ହୋଇଥିଲା।

## ବିଜେଡିର ପ୍ରତିଷ୍ଠା ଦିବସ ପାଇଁ ବ୍ୟାପକ ପ୍ରସ୍ତୁତି

କୁଜଙ୍ଗ,୨୪।୧୨(ସମିସ): ପାରାଦ୍ୱୀପ ନିର୍ବାଚନମଣ୍ଡଳୀ କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ୨୬ ତାରିଖ ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ ପାଳନ କରାଯିବା ନେଇ କୋଠୀଆସାହି ସ୍ଥିତ ମୁକ୍ତେଶ୍ୱର ମଣ୍ଡପ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଜୁ ଜନତା ଦଳର ବ୍ଲକ ସଭାପତି ନରେନ୍ଦ୍ର କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ସୁଢ଼ଳ କୁମାର ସ୍ୱାଇଁ, ବରିଷ୍ଠ ବିଜେଡି ନେତା ନୃସିଂହ ଜେନା, ପ୍ରଫୁଲ୍ଲ ପରିଡ଼ା, ଡ. ରଘୁନାଥ ସାହୁ, ଅରୁଣ ବେହେରା,ପ୍ରକାଶ ଚନ୍ଦ୍ର ବେହେରା, କୈଳାସ ଷଡ଼ଙ୍ଗୀ, ବିକ୍ରମ କେଶରୀ ରାଉତରାୟ, ମନୀନ୍ଦ୍ର ଗୁରୁ, କୈଳାସ ବେହେରା, ସରପଞ୍ଚ ବ୍ରଜ କିଶୋର ମହାରାଜ, ସମିତି ସଭ୍ୟ ସତ୍ୟବାନ ମୁଦୁଲି, ବିବେକାନନ୍ଦ ଦାସ, ଶିଶିର ନାୟକ, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ ସ୍ୱାଇଁ, ସୋସିଆଲ ମିଡିଆ ଜିଲ୍ଲା ସଂଯୋଜକ ରଞ୍ଜିତ କୁମାର ପଣ୍ଡା, ସଞ୍ଜୟ ବେହେରା, ନିରଞ୍ଜନ ପ୍ରଧାନ, ସୁରେଶ ଖଟେଇ, କାର୍ତ୍ତିକ ଦାସ, ପବିତ୍ର ପ୍ରଧାନ,କବି ରଞ୍ଜନ ବେହେରା, ବିଶ୍ୱନାଥ ପରିଡ଼ା, ମାନସ ପରିଡ଼ା, ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ମତ ରଖିଥିଲେ। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଗୁରୁକୁଳ ବିଦ୍ୟାଳୟର କ୍ରୀଡ଼ା ଉଦ୍‌ଯାପିତ




ବାଲିକୁଦା,୨୪।୧୨(ସମିସ): ବାଲିକୁଦା ବ୍ଲକ ଥାଇଲ ପଞ୍ଚାୟତ ଯଏଗାଁ ସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳ ପରିସରରେ ବିଦ୍ୟାଳୟର ଷଷ୍ଠ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ରୁଷେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଜେପି ନେତା ସତ୍ୟସାରଥୀ ମହାନ୍ତି, ସମ୍ମାନିତ ଅତିଥିଭାବେ ମୁଖ୍ୟ ଉପଦେଷ୍ଟା ଧର୍ମାନନ୍ଦ ଦାସ, ସମ୍ପାଦକ ଡ. କୃଷ୍ଣଚନ୍ଦ୍ର ଶତପଥୀ, ଅଧକ୍ଷ ପ୍ରଶାନ୍ତ କୁମାର ଜେନା, ସହ ସମ୍ପାଦିକା ରିତା ପରିଡା, ଉପାଧ୍ୟକ୍ଷ ବିଜୟ କୁମାର ପରିଡା, ଆଇନଜୀବୀ ପ୍ରଶାନ୍ତ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ଶାରୀରିକ ସୁସ୍ଥତା ପାଇଁ କ୍ରୀଡ଼ାର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅମରେଶ୍ୱର ନାୟକ, ସନ୍ତୋଷ କୁମାର ଦାଶ, ପ୍ରସନ୍ନଜିତ ମିଶ୍ର, ବିଜନ ରାଉତ, କାଦମ୍ବରୀ ଜେନା, ଗାୟତ୍ରୀ ସାହୁ, ମେନକା ମୁଦୁଲି, ଶୁଚିସ୍ମିତା ଶତପଥୀ,ସୋନାଲି ଦାସ, ମଧୁସ୍ମିତା ଶତପଥୀ, ଶୁଚିସ୍ମିତା ବାରିକ, ଡଲି ମଲ୍ଲିକ,ସୋନାଲି ସଂଘମିତ୍ରା ଦାସ, ସୁଶ୍ରୀ ପ୍ରିୟଦର୍ଶିନୀ ସେଠୀ, ରାଜନନ୍ଦିନୀ ସ୍ୱାଇଁ, ବିଷ୍ଣୁପ୍ରିୟା ପରିଡା, ରାଜଶ୍ରୀ ପରିଡା, ନୀଳିମା ପରିଡା, ରଞ୍ଜୁଲତା ବାରିକ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

● ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

## ‘ଭଲମଣିଷ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ’




ଜଗତସିଂହପୁର,୨୪।୧୨(ସମିସ): ଜଗତସିଂହପୁର ସହରର ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ଡ. ବିଭୂପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଟକ କାର୍ଯ୍ୟବାହ ଶରତ ଚନ୍ଦ୍ର ସେନ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରମୁଖ ରଶ୍ମୀକାନ୍ତ ସାହୁ ଯୋଗଦେଇ ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ ବୋଲି ପ୍ରକାଶ କରିଥିଲେ। ତେଣୁ ଛାତ୍ରଛାତ୍ରୀ ମାନେ ଶିକ୍ଷା ଗ୍ରହଣ କରିବା ସହିତ ନିଜକୁ ଜଣେ ଜଣେ ଭଲମଣିଷ ଭାବରେ ଗଢ଼ି ତୋଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପ ସଭାପତି ଡ. ଜ୍ୟୋତିର୍ମୟୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ଡ.ନିରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ଏବଂ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ବିଦ୍ୟାଳୟର ୪ ଜଣ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ବିଦ୍ୟାମନ୍ଦିର ତଥା ପୂର୍ବ ଛାତ୍ର ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବରିଷ୍ଠ ଆଚାର୍ଯ୍ୟ ଶ୍ରୀକାନ୍ତ ରାଉତରାୟ ଏବଂ ବରିଷ୍ଠ ଗୁରୁମା ରୀତା କାନୁନଗୋଙ୍କୁ ପୂର୍ବ ଛାତ୍ର ପରିଷଦର ମୁଖ୍ୟ ଜ୍ଞାନରଞ୍ଜନ ଆଚାର୍ଯ୍ୟ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଦ୍ୟାଳୟର ୭୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଶେଷରେ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ବିଜୟ କୁମାର ରଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଭା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଏବଂ ନାଟକ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗୁରୁଜୀ ଗୁରୁମା ଏବଂ ସେବକ ସେବିକା ସହଯୋଗ କରିଥିଲେ।

## ନ୍ୟାସନାଲ ସ୍କୁଲର କ୍ରୀଡ଼ା ଉତ୍ସବ



କୁଜଙ୍ଗ,୨୪।୧୨(ସମିସ): କୁଜଙ୍ଗ ସ୍ଥିତ ନ୍ୟାସନାଲ ସ୍କୁଲ ଓ ସେଣ୍ଟ୍ ଜାଭିଅର ଇଣ୍ଟରନ୍ୟାସନାଲ ସ୍କୁଲର ମିଳିତ ଚାରିଦିନିଆ ୧୮ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲ ପ୍ରିନସିପାଲ ପ୍ରମିଳା ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କୁଜଙ୍ଗ ଓକିଲ ସଂଘ ସମ୍ପାଦକ ବ୍ରଜକିଶୋର ରାଉତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର କୋର୍ଟର ବରିଷ୍ଠ ଓକିଲ ସନ୍ତୋଷ ଦାସ, ସ୍କୁଲ ପରିଚାଳନା ସମିତି ମୁଖ୍ୟ ଡ. ଗଙ୍ଗାଧର ସାମନ୍ତରାୟ ଓ ଚେୟାରମ୍ୟାନ ଡ. ରଘୁନାଥ ସାହୁ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ଆରମ୍ଭରେ ଅତିଥିମାନେ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଶିକ୍ଷକ ପବିତ୍ର ନାୟକ, ମୁଗ୍ଧାମୟୀ ରାଉତ, ସରୋଜିନୀ ସାହୁ, ରତିକାନ୍ତ ମହାନ୍ତିଙ୍କ ସମେତ ସମସ୍ତ ସ୍କୁଲ ଶିକ୍ଷକ ଉତ୍ସବ ପରିଚାଳନା କରୁଥିଲେ। ସ୍କୁଲ ଉପାଧ୍ୟକ୍ଷ ସଞ୍ଜୟ ଓଝା ଧନ୍ୟବାଦ ପ୍ରଦାନ କରିଥିଲେ।

## ୨ ବାଇକ ମୁହାଁମୁହିଁ; ଜଣେ ମୃତ

ବାଲିକୁଦା,୨୪।୧୨(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବାଲିକୁଦାରୁ ନାଉଗାଁ ଥାନା ଡାବରକୁ ସଂଯୋଗ କରୁଥିବା ମଙ୍ଗରାଜପୁର ଠାରେ ୨ଟି ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଉଭୟଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟରେ ଭର୍ତ୍ତି କରିଥିବା ବେଳେ ଡାବର ଗ୍ରାମର ବିଭୁତି ଭୂଷଣ ପରିଡା ୪୫କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିକୁଦା ପୁଲିସ ଶବକୁ ଜବତ କରିବା ସହ ତୁରନ୍ତ ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମୁଖ୍ୟ ମେଡିକାଲକୁ ପଠାଇଥିବା ଜଣାପଡିଛି।ଅନ୍ୟ ଜଣେ ଆହତଙ୍କୁ ମଧ୍ୟ ଡାକ୍ତର ଜଗତସିଂହପୁର ମେଡିକାଲ ଅଧିକ ଚିକିତ୍ସା ପାଇଁ ପଠାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ନାଉଗାଁ ଥାନା ଅଧୀନ ଡାବର ଗ୍ରାମର ବିଭୁତି ବାଲିକୁଦା ଥାନା ଅନ୍ତର୍ଗତ ଶୋଭା ବିଦ୍ୟୁତ ସେକ୍ସନରେ ବିଲ ଆଦାୟକାରୀ ଭାବେ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଦିନ ଭଳି ଅପରାହ୍ନ ପ୍ରାୟ ୫ଟା ସମୟରେ ବିଦ୍ୟୁତ ଆଦାୟ ପାଇଁ ନିଜର ହୋଣ୍ଡା ୟୁନିକନ ଗାଡି ନେଇ ବାଲିକୁଦାରୁ ଡାବର ଅଭିମୁଖେ ଯାଉଥିବା ବେଳେ କେନାଲ ବନ୍ଧ ମଙ୍ଗରାଜପୁର ଠାରେ ଅପର ପକ୍ଷରୁ ଆସୁଥିବା ଏକ ବାଇକ୍ ତାଙ୍କୁ ସିଧାସଳଖ ଧକ୍କା ଦେଇଥିଲା। ଫଳରେ ମୁହଁରେ ଗଭୀର ଆଘାତ ଲାଗିବା ସହ ନାଳା ବନ୍ଧ କଡ଼କୁ ଛିଟିକି ପଡ଼ିଥିଲେ ବିଭୁତି। ପରେ ସ୍ଥାନୀୟ ଲୋକେ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପର ପକ୍ଷରେ ଧକ୍କା ଦେଇଥିବା ଯୁବକଙ୍କ ଘର ଜୈନାବାଦ ହୋଇଥିବା ଜଣାପଡିଥିବା ବେଳେ ପରିଚୟ ମିଳି ପାରି ନାହିଁ। ଏପଟେ ବିଭୁତିଙ୍କ ଏକମାତ୍ର ଷଷ୍ଠ ଶ୍ରେଣୀର ପଢୁଥିବା ପୁତ୍ର ବାପ ଛେଉଣ୍ଡ ହୋଇଥିବା ବେଳେ ଡ୍ୟୁଟିରେ ଥାଇ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅନ୍ୟ ସମସ୍ତ କାର୍ଯ୍ୟରତ ସହଯୋଗୀ ବିଦ୍ୟୁତ ବିଲ୍ ଆଦାୟକାରୀ ବିଭୁତିଙ୍କ ପରିବାରକୁ ସରକାର ୧୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଆକାଶବାଣୀ ପକ୍ଷରୁ ଏସ୍‌ଭିଏମ କଲେଜରେ ଯୁବ ସଂଯୋଗ କାର୍ଯ୍ୟକ୍ରମ




ଜଗତସିଂହପୁର,୨୪।୧୨(ସମିସ): ଆକାଶବାଣୀ କଟକ ତରଫରୁ ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯୁବ ସଂଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ଓତ୍ତା ସ୍ୱାଗତ ଭାଷଣ ସହିତ ଶିକ୍ଷାନୁଷ୍ଠାନର ସର୍ବବିଧ ଉନ୍ନତି ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା ମହାବିଦ୍ୟାଳୟର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାସ୍ୱତୀ ସୌମ୍ୟା ସ୍ୱାଇଁ ପ୍ରଥମ, ଆଶୁତୋଷ ପରିଡ଼ା ଦ୍ୱିତୀୟ ଏବଂ ଅନିଶା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ମାନପତ୍ର ଗ୍ରହଣ କରିଥିଲେ। ଏଥିରେ ଆକାଶବାଣୀ କଟକର ପ୍ରସାରଣ ନିଷ୍ପାଦକ ବିନୟକୁମାର ସାମନ୍ତରାୟ, ସାହିତ୍ୟିକ ତ୍ରିଲୋଚନ ଦାଶ, ଯୁବବାଣୀ ଉପସ୍ଥାପକ ମୃତ୍ୟୁଞ୍ଜୟ ବିଶ୍ୱାଳ ଏବଂ ଶମ୍ଭୁନାଥ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶୁଭେନ୍ଦୁ ମୌଳି ନନ୍ଦ, ପ୍ରାଧ୍ୟାପକ ସତ୍ୟଜିତ ସାହୁ, ପ୍ରାଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ, ଅନ୍ୱେଷା ସାଂସ୍କୃତିକ ପରିଷଦର ସଭ୍ୟ ଅଧ୍ୟାପକ ଡ.ଶରତ ଚନ୍ଦ୍ର ମହାରଣା, ରାକେଶ କୁମାର ନାୟକ, ଅଧ୍ୟାପିକା ବିଦ୍ୟୁତପ୍ରଭା ଦାଶ ଏବଂ ଲିପ୍‌ସିତା ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ

ଜଗତସିଂହପୁର,୨୪।୧୨(ସମିସ): ଜିଲ୍ଲାସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ-ଜିଲ୍ଲା ପ୍ରଶାସନ, ଜଗତସିଂହପୁର (ବୈଧମାପ ବିଜ୍ଞାନ) ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ, ଉପଭୋକ୍ତା ସୁରକ୍ଷା ଅଭିଯାନ ଓଡ଼ିଶା ଓ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ସହଯୋଗରେ ସ୍ୱାମୀ ବିବେକାନନ୍ଦ ସ୍ମାରକି ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ଅଭିଯାନର ସମ୍ପାଦକ ଗୋବିନ୍ଦ ଓଝା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ଜ୍ୟୋତିଶଙ୍କର ରାୟ ବୈଦ୍ୟୁତିକ ମାଧ୍ୟମରେ ପ୍ରଭାବଶାଳୀ ତ୍ୱରିତ ନ୍ୟାୟ କିପରି ଉପଭୋକ୍ତାମାନେ ପାଇପାରିବେ ସେ ସମ୍ପର୍କରେ ଉଦାହରଣ ଦେଇ ବୁଝାଇଥିଲେ। ମୁଖ୍ୟବକ୍ତା ଭାବରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ସଭାପତି ପ୍ରଭାତ କୁମାର ପାଢୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ଓତା, ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦର ସଦସ୍ୟା ବିଜୟଲକ୍ଷ୍ମୀ ମହାପାତ୍ର, ଅନ୍ୟତମ ସମ୍ମାନିତ ଅତିଥି ଜିଲ୍ଲା ବୈଧମାପ ବିଜ୍ଞାନ ଅଧିକାରୀ (ଯୁଗ୍ମ ନିୟନ୍ତ୍ରକ) ଗୌରାଙ୍ଗ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ସର୍ବୋଦୟ ଏକାଡେମୀର ସମ୍ପାଦକ ରବି ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଏବଂ ବୈଧମାପ ବିଜ୍ଞାନ ନିରୀକ୍ଷକ ବିବେକାନନ୍ଦ ରାଉତ, ନୟନ କୁମାର ଦାସ, ତୁଷାରକାନ୍ତ ମହାନ୍ତି, ସୁଧିର ଦାସ ଓ ସହକର୍ମୀମାନେ ସହଯୋଗ କରିଥିଲେ। ରାଜ୍ୟ ଅଭିଭାବକ ମହାସଂଘର ଉପ-ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଅଧିକାରୀଙ୍କ ପରଲୋକ

ତିର୍ତ୍ତୋଲ,୨୪।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ତେନ୍ତୁଳିପଦା (ବନ୍ଧମୁଣ୍ଡା) ଗ୍ରାମର ଅବସରପ୍ରାପ୍ତ କେନ୍ଦ୍ର ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ଦ୍ୱାରିକା ନାଥ ପରିଜା (୭୦)ଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ପତ୍ନୀ ବିଜୟ ଲକ୍ଷ୍ମୀ, ସାନ ଭାଇ ଚିତ୍ତରଞ୍ଜନ ପରିଜା, ପରିବାର ବର୍ଗ, ଅତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ



ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କର ଏକମାତ୍ର ପୁତ୍ର ରୋନକ ମୁଖାଗ୍ନି ଦେଇଥିଲେ।

ଜିଲ୍ଲା ଆପଦକାଳୀନ ବୈଠକ

# ରାସାୟନିକ ଦୁର୍ଘଟଣା ମୁକାବିଲା ଉପରେ ଗୁରୁତ୍ୱ ପ୍ରଦାନ ପାଇଁ ନିଷ୍ପତ୍ତି

ଜଗତସିଂହପୁର,୨୪।୧୨(ସମିସ)




ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ବାର୍ଷିକ ଜିଲ୍ଲା ଅପାତ୍ତକାଳୀନ ବୈଠକ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, କାରଖାନା ଓ ବାଷ୍ପିତ୍ର ବିଭାଗ ମିଳିତ ଆନକୂଲ୍ୟରେ ଆୟୋଜିତ ଏହି ବୈଠକରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ସମ୍ପର୍କରେ ବିଶେଷ ଆଲୋଚନା କରଯାଇଥିଲା।

ବୈଠକରେ ଜିଲ୍ଲାପାଳ, ରାସାୟନିକ କାରଖାନାଗୁଡିକରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ସହିତ ଆପଦକାଳୀନ ସମୟରେ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ବିଭାଗ, ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଓ କାରଖାନା ପ୍ରବନ୍ଧନ ମଧ୍ୟରେ ସମନ୍ୱୟର ଅତ୍ୟନ୍ତ ଆବଶ୍ୟକ ଉପରେ ଗୁରୁତ୍ୱ ଦେଇଥିଲେ। ଦୁର୍ଘଟଣା ସମୟରେ ସାଧାରଣ ଲୋକଙ୍କୁ କିପରି ସୁରକ୍ଷିତ ରଖାଯିବ ଓ ଆପଦକାଳୀନ ଯୋଜନାକୁ କାର୍ଯ୍ୟକାରୀ କରାଯିବା ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଫ୍ୟାକ୍ଟରି ଓ ବୟଲର ବିଭାଗ ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ଶିଳ୍ପାନୁଗୁଡିକ ସହ ସମ୍ଭାବ୍ୟ ବିପଦ ତଥା ସେମାନଙ୍କ ପକ୍ଷରୁ ନିଆଯାଇଥିବା ଉପାୟ ଗୁଡିକ ଉପରେ ଆଲୋଚନା କରିଥିଲେ। କାରଖାନା ଏବଂ ବଏଲର୍ସର ସହକାରୀ ନିର୍ଦ୍ଦେଶକ ଶିଳ୍ପାନୁଷ୍ଠାନର ସଂକ୍ଷିପ୍ତ ଦୃଶ୍ୟକ୍ରମ ଓ ଜିଲ୍ଲା କ୍ରାଏସିସ ଗ୍ରୁପର କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରବର୍ତ୍ତୀ ସମୟରେ, ସମସ୍ତ ବିପଦପୂର୍ଣ୍ଣ ଶିଳ୍ପାନୁଷ୍ଠାନ ପ୍ରତିନିଧିମାନେ ସେମାନଙ୍କର ପ୍ରକ୍ରିୟା, ବିପଦ ପରିସ୍ଥିତି ଏବଂ ପ୍ରତିରୋଧକ ଏବଂ ପ୍ରଶମନକାରୀ ସୁରକ୍ଷା ପଦକ୍ଷେପ ବୈଠକରେ ଉପସ୍ଥାପନ କରିଥିଲେ। ଆଲୋଚନା ଉପରେ ଆଧାର କରି, ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଧିକ ସୁରକ୍ଷା ଉନ୍ନତି ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇ ଚୂଡ଼ାନ୍ତ କରାଯାଇଥିଲା। ଏହା ସହିତ, ନିୟମିତ ଅନ୍-ସାଇଟ୍ ଏବଂ ଅଫ୍-ସାଇଟ୍ ମକ୍ ଡ୍ରିଲ୍ କରାଯିବାର ଗୁରୁତ୍ୱକୁ ପୁନରୁଚ୍ଚାରଣ କରଯାଇଥିଲା।

ଏହି ବୈଠକରେ ଜଗତସିଂପୁରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅନିଶା ଦାସ, କଟକ ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ପାରାଦୀପର କାରଖାନା ଏବଂ ବଏଲର୍ସର ସହକାରୀ ନିର୍ଦ୍ଦେଶକ ଏବଂ ଡିସିଜିର ସଦସ୍ୟ ସଚିବ ଯନ୍ତ୍ରୀ ଚନ୍ଦ୍ରଶେଖରା ବେହେରା, ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଡିସିଜି, ଅଗ୍ନିଶମ ସେବା ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଡିଆଇପିଆରଓ, କୃଷି ବିଭାଗ, ସିଆଇଏସଏଫର ସଦସ୍ୟ, ଜଗତସିଂପୁରର ପୋଲିସ ଅଧିକ୍ଷକ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପ୍ରତିନିଧି, ଡିଜିଏଫଏଏସଏଲଆଇର ଡକ୍ ସୁରକ୍ଷା ନିରୀକ୍ଷକ ଏବଂ ସମସ୍ତ ମୁଖ୍ୟ ଦୁର୍ଘଟଣା ପ୍ରବଣ ବିପଦପୂର୍ଣ୍ଣ ଶିଳ୍ପାନୁଷ୍ଠାନ ଏବଂ ଅନ୍ୟାନ୍ୟ ବିପଦପୂର୍ଣ୍ଣ କାରଖାନାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ପୂର୍ବ ବୈଠକର ବିବରଣୀ ସମୀକ୍ଷା କରାଯାଇଥିଲା। ଏହା ପରେ ନୂତନ କାର୍ଯ୍ୟସୂଚୀ ବିନ୍ଦୁଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ଧନ୍ୟବାଦ ପ୍ରଦାନ କରିଥିଲେ।

ସକାଳ
THE SAKALA



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୋକସଭା ସାଂସଦଙ୍କୁ...

ବୋଲି ଆଶଙ୍କା କରାଯାଇଛି । ସତର୍କତା ଅବଲମ୍ବନ କରି ସଚିବାଳୟ ସାଂସଦମାନଙ୍କୁ ସଂସଦର ଗାରିମା ରକ୍ଷା କରିବା ସହ ସମ୍ବେଦନଶୀଳ ସୂଚନା ଓ ଅନଧିକୃତ ଭାବେ ରେକର୍ଡ କିମ୍ବା ସାର୍ବଜନୀନ ହେବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଛି । ଏହାଦ୍ୱାରା ସଂସଦୀୟ ସ୍ୱାଧିକାରର ଉଲ୍ଲଂଘନ ମଧ୍ୟ ହୋଇପାରେ । ତେଣୁ ସଂସଦ ପରିସରରେ ଏଭଳି ଡିଜିଟାଲ ସାମଗ୍ରୀ ବ୍ୟବହାରରୁ ବିରତ ରହିବା ଲାଗି ବୁଲେଟିନରେ ସାଂସଦମାନଙ୍କୁ ଅନୁରୋଧ କରାଯାଇଛି ।

### ମହାକାଶକୁ ଇସ୍ରୋ...

ଓଜନ ୬୪୦ ଟନ ୬ଲକ୍ଷ ୪୦ ହଜାର କେଜି ଓଜନ ବିଶିଷ୍ଟ ଥିଲା । ଏହାକୁ ମଧ୍ୟ ଜିଓସିଙ୍କ୍ରୋନସ ଟ୍ରାନ୍ସଫର ଅର୍ବିଟ (ଜିଟିଓ)ରେ ସ୍ଥାପିତ କରିଥିଲା ।

ବ୍ଲୁବାର୍ଡ ବ୍ଲକ-୨ ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ଉପଗ୍ରହ ବିବେଚିତ ହେଉଛି । ଏହି ଉପଗ୍ରହ ଦ୍ୱାରା ସାଧାରଣ ସ୍ମାର୍ଟଫୋନ୍‌ରେ ସିଧାସଳଖ ହାଇ-ସ୍ପିଡ୍ ସେଲ୍ୟୁଲାର ବ୍ରଡବ୍ୟାଣ୍ଡ ସଂଯୋଗ ଆଣିହେବ ଓ ଏଥିପାଇଁ ସ୍ୱତନ୍ତ୍ର ଡିଜାଇନ୍ ମଧ୍ୟ କରାଯାଇଛି । ସବୁଠାରୁ ବଡ଼ କଥା ହେଉଛି ପୃଥିବୀର ଯେକୌଣସି ସ୍ଥାନରୁ ଟାୱାର ମୁକ୍ତ ୪ଜି ଏବଂ ୫ଜି ଭଏସ୍ କଲ, ଭିଡିଓ କଲ୍, ମେସେଜିଂ, ଷ୍ଟ୍ରିମିଂ ଓ ଡାଟା ସେବା ପ୍ରଦାନ କରିହେବ । ଏହି ମିସନ ନ୍ୟୁସ୍ପେଶ୍ ଇଣ୍ଡିଆ ଲିମିଟେଡ (ଏନ୍ଏସ୍ଆଇଏଲ୍) ଓ ଆମେରିକା ଭିତ୍ତିକ ଏଏସ୍‌ଟି ସ୍ପେସ୍ ମୋବାଇଲ ଟେକ୍ନୋଲୋଜ (ଏଏସ୍‌ଟି ଆଣ୍ଡ ସାଇନ୍ସ, ଏଲ୍ଏଲ୍‌ସି) ମଧ୍ୟରେ ଏକ ବାଣିଜ୍ୟିକ ଚୁକ୍ତିର ଅଂଶ ବଶେଷ । ନ୍ୟୁସ୍ପେସ ହେଉଛି ଇସ୍ରୋର ବାଣିଜ୍ୟିକ ଶାଖା । ଏଲ୍‌ଭିଏମ୍୩ର ଏହା ୯ମ ଉଡାଣ ବ୍ଲୁବାର୍ଡ ବ୍ଲକ-୨ ଉପଗ୍ରହ ପାଇଁ ଏହା ତୃତୀୟ ବାଣିଜ୍ୟିକ ମିସନ ।

ଇସ୍ରୋ ଅନୁଯାୟୀ ଏଲ୍‌ଭିଏମ୍୩ ୮ଟି ସଫଳ ପ୍ରକ୍ଷେପଣ ସମାପ୍ତ କରିଛି । ଏଥିରେ ଚନ୍ଦ୍ରଯାନ-୨ ଓ ଚନ୍ଦ୍ରଯାନ-୩ ଭଳି ପ୍ରମୁଖ ମିସନ ଅନ୍ତର୍ଭୁକ୍ତ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ମିସନ ପାଇଁ ଇସ୍ରୋକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସେ ଲେଖିଛନ୍ତି ଯେ, ଏହା ଭାରତର ଅନ୍ତରିକ୍ଷ କ୍ଷେତ୍ରରେ ସବୁଠାରୁ ବଡ଼ ଉପଲବ୍ଧି ।। ଭାରତର ମହାକାଶ ଯାତ୍ରାରେ ଏହା ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି ବୋଲି ସେ ଉଲ୍ଲେଖ କରିଛନ୍ତି ।

### ଚାନ୍ଦବାଲି ଅଶାନ୍ତ...

ଅଭିଯୋଗ କରିଥିଲେ ସ୍ଥାନୀୟ ଲୋକେ । ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ବୁଧବାର ସକାଳେ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି । ୧୦ବର୍ଷୀୟା ଏହି ଛାତ୍ରୀଙ୍କ ବାପା ପ୍ରଶାନ୍ତ ମିଶ୍ରଙ୍କ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇଛି । ତଦନ୍ତ ପରେ ମୁଖ୍ୟ ଅଭିଯୁକ୍ତ ବବୁଲ ଦାସ (୨୪)କୁ ପୁଲିସ ଜଗତସିଂହପୁରରୁ ଗିରଫ କରିଛି । ଏହି ଘଟଣାକୁ ନେଇ ଚାନ୍ଦବାଲିରେ ଆଜି ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ଅନ୍ୟପକ୍ଷରେ ମୃତକଙ୍କୁ ନ୍ୟାୟ ଦାବିରେ ହାଟପଟି, ମଧୁବାବୁ ଛକ ଓ ବସ୍‌ଷ୍ଟାଣ୍ଡରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ସେହିଭଳି ଅଭିଯୁକ୍ତଙ୍କ ଘରେ ପଶି ଲୋକେ ବହୁ ସାମଗ୍ରୀ ଭାଙ୍ଗି ଦେଇଥିଲେ । ସମସ୍ତ ବ୍ୟାଙ୍କ୍ ଓ ସରକାରୀ ଅଫିସ ବନ୍ଦ ରହିଥିଲା । ଖବର ପାଇ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଏସ୍‌ପି ଅରୂପ ବେହେରା, ଏସ୍‌ଡିପି ଓ ତ୍ରିଲୋଚନ ସେଠୀଙ୍କ ସମେତ ୧୦ରୁ ଅଧିକ ଇନ୍ସପେକ୍ଟର ୪ ପ୍ଲାଟୁନ ଫୋର୍ସ ସହ ପହଞ୍ଚି ଘଟଣା ଉପରେ ନଜର ରଖିଥିଲେ । ଅଭିଯୁକ୍ତକୁ ଧରିବାକୁ ପୁଲିସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ଯାହାର ନେତୃତ୍ୱ ନିଜେ ଏସ୍‌ପି ନେଇଥିଲେ । ଘଟଣା ଘଟିଥିବା ଛକରେ ସରକାରୀ ଜମି ଜବରଦଖଲ କରି ଅଭିଯୁକ୍ତ ଦୋକାନ କରିଥିବାବେଳେ ସେଗୁଡ଼ିକୁ ପ୍ରଶାସନ ଜେସିବି ଲଗାଇ ଆଜି ଉଚ୍ଛେଦ କରିଛି । ବାଲେଶ୍ୱର ଡିଆଇଜି ପିନାକ ମିଶ୍ର ଓ ଏସ୍‌ପି ଘଟଣାସ୍ଥଳରେ ରହି ସ୍ଥିତି ଉପରେ ନଜର ରଖିଛନ୍ତି । ଅନ୍ୟପକ୍ଷରେ ଘଟଣାକୁ ବିଜେଡି ଓ କଂଗ୍ରେସ ତୀବ୍ର ନିନ୍ଦା କରିଥିବାବେଳେ କଂଗ୍ରେସ ପକ୍ଷରୁ ଆସନ୍ତାକାଲି ଚାନ୍ଦବାଲି ବନ୍ଦ ଡକରା ଦିଆଯାଇଛି ।

ଅନ୍ୟପକ୍ଷରେ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର ଆୟୋଗ(ଏନଏଚ୍ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି । କମିଶନ ଏହି ଅଭିଯୋଗକୁ ଗ୍ରହଣ କରି ଏହାର ଡାଏରୀ ନମ୍ବର ୨୯୩୨୪/ଆଇଏନ୍/୨୦୨୫ ପ୍ରଦାନ କରିଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ୍ ଦାଖଲ କରି ଦ୍ରୁତ ଶୁଣାଣି ବ୍ୟବସ୍ଥା କରିବା ଓ ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ...

ସହାୟତା ଘୋଷଣା କରିଛନ୍ତି । ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଏହା କେବଳ ସରକାରର ନୁହେଁ, ଏଥିରେ ସମାଜର ବି ଦାୟିତ୍ୱ ଅଛି । ସରକାର-ସମାଜ ଭାଗିଦାରୀ କରି ଝିଅମାନଙ୍କ ଉପରେ ଆସୁଥିବା ଅକଥନୀୟ ଅତ୍ୟାଚାରକୁ ରୋକିବାକୁ ପଡିବ । ପୁଲିସ ଓ ଆଇନ ତା ବାଟରେ ଯିବ, ଯାହା ଆବଶ୍ୟକତା ତାହା କରାଯିବ । ଘଟଣାରେ ମହିଳା କମିଶନର ସଦସ୍ୟା ନ୍ୟାୟିକ ତଦନ୍ତ କରିବେ ବୋଲି ସେ କହିଛନ୍ତି ।

### ରାଜ୍ୟବାସୀ ବିଚଳିତ...

ସାମାଜିକ ଗଣଣାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ମହିଳାଙ୍କ ସୁରକ୍ଷା ଓ ଦୃଢ଼ ଆଇନଶୃଙ୍ଖଳା ପାଇଁ ଦିନେ ସୁନାମ ସାଉଁଟୁଥିବା ଓଡ଼ିଶାର ଛବି ଆଜି ସାରା ଦୁନିଆ ଆଗରେ କଳଙ୍କିତ । ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଥିବା ବେଳେ ବିଜେପି ସରକାରର ସ୍ଥାଣୁତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି? କେତେ ଆଉ ନିରୀହ ଜୀବନ ଗଲେ ସରକାରଙ୍କ ନିଦ ଭାଙ୍ଗିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି । ଓଡ଼ିଶାର ମା'ଭଉଣୀମାନେ ସୁରକ୍ଷା ଚାହୁଁଛନ୍ତି, ଡବଲ୍ ଇଞ୍ଜିନ୍ ସରକାରର ମିଛ ବାହାସ୍ଫୋଟ ନୁହେଁ । ସ୍ଥିତି ଆହୁରି ବିଗିଡ଼ିବା ଆଗରୁ ସରକାର ଆଗୁଆ ତତ୍ପର ହୋଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରନ୍ତୁ ବୋଲି ନବୀନ ଦାବି କରିଛନ୍ତି ।

### ଆଜିଠୁ ବଢ଼ିବ...

ଉଦୟଗିରି ୮.୭, ଫୁଲବାଣୀ ୯, ବୌଦ୍ଧ ୯.୭ ଡିଗ୍ରୀ ରେକର୍ଡ କରାଯାଇଛି । ଅନ୍ୟପଟେ ରାଜ୍ୟର ଶୀତ ସହ କୁହୁଡ଼ିର ମଧ୍ୟ ପ୍ରଭାବ ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ସମ୍ବଲପୁର, ଢେଙ୍କାନାଳ, ସୁନ୍ଦରଗଡ଼, ସୋନପୁର, କନ୍ଧମାଳ ଜିଲ୍ଲାରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି । ଏହି ସହିତ ଜଗତସିଂହପୁର, ଅନୁଗୁଳ, କୋରାପୁଟ, କଳାହାଣ୍ଡି, ଭଦ୍ରକ, ବୌଦ୍ଧ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ ମଧ୍ୟମ ଧରଣର କୁହୁଡ଼ି ହୋଇପାରେ ବୋଲି ପୂର୍ବାନୁମାନ କରାଯାଇଛି । କୁହୁଡ଼ି ସ୍ଥିତି ପ୍ରାୟ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଯାନ ବାହନ ଚଳାଚଳରେ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି ।

### ଅନୁ ଗର୍ଗ...

ଝାରସୁଗୁଡ଼ାର ଉପଜିଲ୍ଲାପାଳ ଭାବେ ୧୯୯୩ ଅଗଷ୍ଟ ୩୦ରୁ ୧୯୯୪ ସେପ୍ଟେମ୍ବର ୨ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଲେ । ପରବର୍ତ୍ତୀ ସମୟରେ ସେ କଳାହାଣ୍ଡି ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ଓ ସମ୍ବଲପୁର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବା ପରେ ତାଙ୍କୁ ୧୯୯୮ ମସିହା ମେ ମାସରେ ସ୍ୱାସ୍ଥ୍ୟ ବିଭାଗର ଡେପୁଟି ସେକ୍ରେଟେରୀ ଭାବେ ନିଯୁକ୍ତି ମିଳିଥିଲା । ୨୦୧୨ ଅକ୍ଟୋବରରୁ ୨୦୧୫ ଏପ୍ରିଲ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିଥିଲେ । ଓଡ଼ିଶା ଫେରିବା ପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଥିଲେ ଓ ୨୦୨୩ ମସିହାରେ ରାଜ୍ୟ ଉନ୍ନୟନ କମିଶନର ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା । ଶ୍ରୀମତୀ ଗର୍ଗ ବର୍ତ୍ତମାନ ଜଳସମ୍ପଦ ଏବଂ ଯୋଜନା ଏବଂ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଭାବରେ ଦାୟିତ୍ୱ ତୁଲାଉଛନ୍ତି ।

### ଭାରତକୁ ମାଗିଲା...

ନିର୍ଭରଶୀଳ । ବାଂଲାଦେଶର ରପ୍ତାନୀରେ ଭାରତର ଅଂଶ ପ୍ରାୟ ୯୫ ପ୍ରତିଶତ ରହିଛି । ଏବେ ମହମ୍ମଦ ୟୁନୁସ ତାହା ବୁଝି ପାରିଛନ୍ତି । ସ୍ଥିତି ଅଧିକ ବିଗିଡ଼ି ଗଲେ ଦେଶରେ ଗମ୍ଭୀର ଖାଦ୍ୟ ସଙ୍କଟ ସୃଷ୍ଟି ହେବ । ଭାରତ ଶସ୍ତାରେ ଯୋଗାଉଥିବା ସାମଗ୍ରୀକୁ ଅଣଦେଖା କଲେ ଅର୍ଥ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ । ତେଣୁ ଅଧିକ ଅର୍ଥ ଦେଇ ପାକିସ୍ତାନ, ଚୀନ୍ କିମ୍ବା ଆଉ କୌଣସି ଦେଶରୁ ଚାଉଳ ଆଣିବାକୁ ବାଂଲାଦେଶ ପଛଘୁଞ୍ଚା ଦେଉଛି । ଏଥିପାଇଁ ୫୫ ହଜାର ଟନ୍ ଚାଉଳ ଦେବାଲାଗି ଭାରତକୁ ୟୁନୁସ ସରକାର ଅନୁରୋଧ କରିଛନ୍ତି । ବାଂଲାଦେଶ ସମ୍ବାଦପତ୍ର 'ଡେଲି ଷ୍ଟାର' ଅନୁଯାୟୀ, ଟନ୍ ପିଛା ୩୫୫ ଡଲାର (ପ୍ରାୟ ୩୨ ହଜାର ଟଙ୍କା) ମୂଲ୍ୟରେ ଭାରତରୁ ୫୦ ହଜାର ଟନ୍ ଚାଉଳ ମଗା ଯାଇଛି । ପାକିସ୍ତାନ ଏଥିପାଇଁ ୩୯୫ ଡଲାର ମାଗୁଥିଲା । ଭାରତ ବ୍ୟତୀତ ଆଉ କୌଣସି ରାଷ୍ଟ୍ରରୁ ଏତେ କମ୍ ମୂଲ୍ୟରେ ଚାଉଳ ମିଳିବନି ବୋଲି ବାଂଲାଦେଶ ଅଧିକାରୀ କହିଛନ୍ତି । ବାଂଲାଦେଶ ୯ ଲକ୍ଷ ଟନ୍ ଚାଉଳ ଆମଦାନୀ କରିବାକୁ ଚାହୁଁଛି । ପ୍ରତି ପର୍ଯ୍ୟାୟରେ ୫୦ ହଜାର ଟନ୍ ଲେଖାଏଁ ପଠାଇବାକୁ କୁହାଯାଇଛି ।

ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ବାଂଲାଦେଶ ଭାରତ ଉପରେ ନିର୍ଭର କରୁଛି । ଏଥିରେ ରହିଛି ଚାଉଳ ସମେତ ଗହମ, ଡାଲି, ଚିନି, ପିଆଜ, ରସୁଣ ଏବଂ ଅଦା । ରୁଷ-ୟୁକ୍ରେନ ଯୁଦ୍ଧ ପରେ ଏହିସବୁ ସାମଗ୍ରୀ ପାଇଁ ଭାରତ ଛଡ଼ା ବାଂଲାଦେଶ ନିକଟରେ ଅନ୍ୟ କୌଣସି ବିକଳ୍ପ ନାହିଁ । ଅନ୍ୟ ସୂତ୍ରରୁ ଯୋଗାଣ ବ୍ୟବସ୍ଥା ଏକ ପ୍ରକାର ଠପ୍ ହୋଇଯାଇଥିବାରୁ ସେଠାରେ ମୁଦ୍ରାସ୍ଫୀତି ମଧ୍ୟ ବଢ଼ିବାରେ ଲାଗିଛି । ୟୁକ୍ରେନ ଯୁଦ୍ଧ ପରେ ବାଂଲାଦେଶ ଭାରତ ଠାରୁ ବର୍ଷକୁ ୪୫ ଲକ୍ଷ ଟନ୍ ଗହମ, ୨୦ ଲକ୍ଷ ଟନ୍ ଚାଉଳ, ୭ ଲକ୍ଷ ଟନ୍ ପିଆଜ, ୩୦ ହଜାର ଟନ୍ ଡାଲି, ୧୫ ଲକ୍ଷ ଟନ୍ ଚିନି, ୧୦ ହଜାର ଟନ୍ ରସୁଣ ଏବଂ ଦେଢ଼ ଲକ୍ଷ ଟନ୍ ଅଦା ଆମଦାନୀ କରୁଛି । ଏହାସହିତ ପାଣି ଓ ବିଦ୍ୟୁତ ପାଇଁ ମଧ୍ୟ ବାଂଲାଦେଶ ଭାରତ ଉପରେ ସଂପୂର୍ଣ୍ଣ ରୂପେ ନିର୍ଭରଶୀଳ । ଅନ୍ୟପକ୍ଷରେ ଚାଉଳ ରପ୍ତାନୀ କରିବାକୁ ଭାରତର ବ୍ୟବସାୟୀ ରାଜି ହେଉନାହାନ୍ତି । ସାର୍ବଭୌମତ୍ୱକୁ ବାଜିରେ ଲଗାଇ ବନ୍ଧୁତା କରାଯାଇପାରିବ ନାହିଁ ବୋଲି ସେମାନେ ସ୍ପଷ୍ଟ କରିଦେଇଛନ୍ତି । ଭାରତ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଲୋକଙ୍କ ଉପରେ ୟୁନୁସ ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେମାନେ ଚାହୁଁଛନ୍ତି । ତେବେ ବାଂଲାଦେଶ ବ୍ୟବସାୟୀ ସଂଘ କହୁଛି ଯେ ରାଜନୈତିକ ସ୍ତରରେ ତିକ୍ତତା ବଢ଼ିଥିଲେ ମଧ୍ୟ ବାଣିଜ୍ୟିକ ଦୃଷ୍ଟିରୁ ଭାରତ ସହ ଭଲ ସମ୍ପର୍କ ରହିଛି । ଏହା ଉପରେ ରାଜନୀତିର କୌଣସି ପ୍ରଭାବ ପଡ଼ିବାକୁ ଦିଆଯିବନି । ତେଣୁ ସେମାନେ ଭାରତକୁ ଚାଉଳ ଦେବାକୁ ଅନୁରୋଧ କରିଛନ୍ତି ।

### ସରକାର ଲଗାଇବେ...

ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି । ସେ କହିଛନ୍ତି ଯେ ୨୦୨୫ଗତ ମାର୍ଚ୍ଚ ୨୪ ତାରିଖରେ ରିଟେଲ୍ ସପ୍ଲାଏ ଟାରିଫ୍ ଅର୍ଡର ଅନୁଯାୟୀ, ୨ କିଲୋୱାଟ ପର୍ଯ୍ୟନ୍ତ କଣ୍ଟ୍ରାକ୍ଟ ଡିମାଣ୍ଡ (ସିଡି) ଥିବା ସ୍ମାର୍ଟ ମିଟର ଉପଭୋକ୍ତାଙ୍କ ପାଇଁ ଗତ ଏପ୍ରିଲ ୧ ତାରିଖରୁ ମିଟର ଭଡ଼ା ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଇଛି । ଯୋଜନା ମୁତାବକ ୨୦୨୫-୨୬ ଆର୍ଥିକ ବର୍ଷରେ ୨ କିଲୋୱାଟ୍ ପର୍ଯ୍ୟନ୍ତ ସିଡି ଥିବା ଉପଭୋକ୍ତାଙ୍କ ପାଇଁ ୧୧,୫୩,୧୦୦ଟି ସ୍ମାର୍ଟ ମିଟର ସ୍ଥାପନ କରିବାକୁ ପ୍ରସ୍ତାବ ରହିଛି । ଏଥିମଧ୍ୟରୁ ୮,୭୫,୦୦୦ ଟି ପୁରୁଣା ମିଟର ବଦଳରେ ସ୍ମାର୍ଟ ମିଟର ଲଗାଯିବ ଏବଂ ପ୍ରାୟ ୨,୭୮,୧୦୦ ଟି ନୂତନ ସଂଯୋଗ ପାଇଁ ସ୍ମାର୍ଟ ମିଟର ବ୍ୟବହାର କରାଯିବ । ସେହିପରି ଐତିହ୍ୟ ଗ୍ରାମ ଯୋଜନାରେ ରାଜ୍ୟର ବରପୁତ୍ରମାନଙ୍କର ବାସଗୃହକୁ ସଂଗ୍ରହାଳୟ ଭାବେ ବିକଶିତ କରାଯିବ । ସେମାନଙ୍କର ପ୍ରତିମୂର୍ତ୍ତି, ସ୍ମାରକୀ ନିର୍ମାଣ ସହ ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁଉଦ୍ୟାନ ସ୍ଥାପନ ସହ ଆନୁଷଙ୍ଗିକ ବିକାଶ କରାଯିବ । ବରପୁତ୍ରଙ୍କ ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ଏବଂ ସଭା କରାଯିବ । ସେହିପରି ଅନ୍ୟଏକ ପ୍ରସ୍ତାବରେ ପୁରୀ ସରକାରୀ ଆଇଟିଆଇ, ବଲାଙ୍ଗୀର ସରକାରୀ ଆଇଟିଆଇ, କୋରାପୁଟର ଅମ୍ବାଗୁଡ଼ା ସରକାରୀ ଆଇଟିଆଇ, କେନ୍ଦ୍ରାପଡାର ରାଜକନିକା ସରକାରୀ ଆଇଟିଆଇ ଓ ସୁନ୍ଦରଗଡ଼ର ରାଉରକେଲା ସରକାରୀ ଆଇଟିଆଇକୁ ଉତ୍କର୍ଷ ଆଇଟିଆଇ ଭାବେ ରୂପାନ୍ତରିତ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଆଗାମୀ ୩ ବର୍ଷରେ ୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହି ୫ଟି ଆଇଟିଆଇରେ ସମୁଦାୟ ୨୮୦୦ ସିଟ୍ ଥିବାବେଳେ ଏହାକୁ ୬୦୦୦କୁ ବୃଦ୍ଧି କରାଯିବ ।

ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ନିଯୁକ୍ତିରେ ଏକ ସଂରକ୍ଷଣ ନୀତି ପ୍ରଣୟନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି । ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱ ବିଦ୍ୟାଳୟଟିକୁ ଏକକ ଭାବରେ ବିଚାର କରିବାକୁ ଏହି ଅଧ୍ୟାଦେଶରେ ପ୍ରସ୍ତାବ ରହିଛି । ଏହା ବର୍ତ୍ତମାନ ଚାଲୁଥିବା ବିଭାଗ ସଂରକ୍ଷଣ ପ୍ରଣାଳୀକୁ ପରିବର୍ତ୍ତନ କରାଯିବ । ଏହି ସଂସ୍କାର ଏସସି, ଏସଟି, ଏସଇବିସି ଏବଂ ଅନ୍ୟ ଯୋଗ୍ୟ ଗୋଷ୍ଠୀଙ୍କର ପ୍ରତିନିଧିତ୍ୱକୁ ବୃଦ୍ଧି କରିବା ସହ ଶିକ୍ଷକ ନିଯୁକ୍ତିରେ ଓଡ଼ିଶାର ବିଶ୍ୱ ବିଦ୍ୟାଳୟଗୁଡ଼ିକ ଜାତୀୟସ୍ତରରେ ପ୍ରଚଳିତ ନିୟମ ସହ ସମାନ କରିବ ବୋଲି ଆଶା କରାଯାଉଛି । ସେହିପରି ଜଳସମ୍ପଦ ବିଭାଗର ଦୁଇଟି ପ୍ରସ୍ତାବ ଅନୁଯାୟୀ ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ଅନ୍ତର୍ଗତ କ୍ଲଷ୍ଟର ୩୩ ଏବଂ ୩୨ ମାଧ୍ୟମରେ ୮ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବ । ଏହି ୮ ପ୍ରକଳ୍ପ ପାଇଁ ମୋଟ ୩୪୪ କୋଟି ୨୧ ଲକ୍ଷ ୫୧ ହଜାର ୭୧୬ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ୧୫ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୭ କୋଟି ୫୩ ଲକ୍ଷ ୭୨ ହଜାର ୧୩୭ ଟଙ୍କା ଖର୍ଚ୍ଚ ହେବ । ସେହିପରି ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ କଳାହାଣ୍ଡି ଜିଲ୍ଲାର ସାନ୍ଦୁଲ ବ୍ୟାରେଜ ପ୍ରକଳ୍ପ ଅଧିନସ୍ଥ ୫୦୦୦ ହେକ୍ଟର ଚାଷ ଉପଯୋଗୀ ଜମି ପାଇଁ ୟୁଜିପିଏଲ ପ୍ରଣାଳୀର ନିର୍ମାଣ କାର୍ଯ୍ୟକୁ ଇପିସି ଓ ଟର୍ଣ୍ଣ କି ପଦ୍ଧତିରେ ସମ୍ପାଦନକୁ ଅନୁମୋଦନ ମିଳିଛି । ଏଥିପାଇଁ ୧୫୪ କୋଟି ୭୨ ଲକ୍ଷ ୯୧୬୨୦ ଟଙ୍କା ଖର୍ଚ୍ଚ ହେବକୁ ଥିବାବେଳେ ୩୦ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ।

## ଜାନୁଆରୀରେ ହୋଇପାରେ ରତ୍ନ ଅଳଙ୍କାର ଗଣତିମଣତି

ପୁରୀ,୨୪।୧୨(ସମିସ): କେବେ ଗଣତି ମଣତି ହେବ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର? ଏହାକୁ ନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା ରହିଛି । ତେବେ ଆସନ୍ତା ୨୭ ତାରିଖରେ ରତ୍ନଭଣ୍ଡାର ସମ୍ପର୍କିତ ବୈଠକ ବସିବାକୁ ଯାଉଛି । ଜାନୁଆରୀ ମାସ ମଧ୍ୟରେ ଭିତର ରତ୍ନଭଣ୍ଡାରରେ ଥିବା ସମସ୍ତ ଅଳଙ୍କାରର ଗଣତି କାର୍ଯ୍ୟ ଆରମ୍ଭ ହୋଇପାରେ । ଏ ସମ୍ପର୍କରେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ସୂଚନା ଦେଇଛନ୍ତି । ୨୭ ତାରିଖ ବୈଠକରେ ଗଣତି ପ୍ରକ୍ରିୟା ପାଇଁ ଏସ୍‌ଓପି ଚୂଡ଼ାନ୍ତ କରାଯିବ । ସହ କେଉଁମାନେ ଏହି କାର୍ଯ୍ୟରେ ସାମିଲ ହେବେ, ସେ ନେଇ ନିଷ୍ପତ୍ତି ନିଆଯିବ । ଭିତର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ସରିଛି ଏବଂ ସମସ୍ତ ରତ୍ନ ଅଳଙ୍କାରକୁ ପୁଣିଥରେ ସୁରକ୍ଷିତ ଭାବେ ରତ୍ନଭଣ୍ଡାର ମଧ୍ୟରେ ରଖାଯାଇଛି । ଅଳଙ୍କାରର ଗୁଣବତ୍ତା ପରୀକ୍ଷା ପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ାଯାଇଛି । ଏହି କାର୍ଯ୍ୟରେ ଦୁଇ ଜଣ ବିଶେଷଜ୍ଞ ମଧ୍ୟ ସାମିଲ ହେବେ । ଶେଷଥର ଗଣତି ମଣତି ପାଇଁ ୭୨ ଦିନ ସମୟ ଲାଗିଥିଲା । ୧୯୫୪ ମସିହାର ରେକର୍ଡ ଏବଂ ୧୯୭୮ ମସିହାରେ ହୋଇଥିବା ଗଣତି ତାଲିକାକୁ ଆଧାର କରି ବର୍ତ୍ତମାନର ଅଳଙ୍କାର ସହ ମେଳ କରାଯିବ । ଗଣତି ସମୟରେ ମହାପ୍ରଭୁଙ୍କ ଦର୍ଶନରେ କିଛିଟା ବ୍ୟାଘାତ ସୃଷ୍ଟି ହୋଇପାରେ, ତେଣୁ ଶ୍ରଦ୍ଧାଳୁମାନଙ୍କ ସହଯୋଗ ପାଇଁ ଅନୁରୋଧ କରାଯାଇଛି । ଏହି ସମ୍ବେଦନଶୀଳ ପ୍ରକ୍ରିୟା ପାଇଁ ମୁକ୍ତି ମଣ୍ଡପର ପରାମର୍ଶ ମଧ୍ୟ ନିଆଯିବ ବୋଲି ଜଷ୍ଟିସ ରଥ ସ୍ପଷ୍ଟ କରିଛନ୍ତି ।


## ଖରିଫ ଧାନ ସଂଗ୍ରହ, ୨୦୨୫-୨୬

ବିଜ୍ଞାପନ ସଂଖ୍ୟା: ୦୫ | ତାରିଖ: ୨୪.୧୨.୨୦୨୫

ଏତଦ୍ୱାରା କଟକ ଜିଲ୍ଲା ଅନ୍ତର୍ଗତ ଆଠଗଡ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତା. ୨୬.୧୨.୨୦୨୫ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତି ନିଆଯାଇଅଛି । ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS)ମାନଙ୍କ ରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ ।

" ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ । ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ ।"

ଧାନ କ୍ରୟ ଦିବସ-ସୋମ, ମଙ୍ଗଳ, ବୁଧ, ଶୁକ୍ର, ଶନି ସମୟ-ସକାଳ ୮ ଘଣ୍ଟାରୁ ମଧ୍ୟାହ୍ନ ୧୨ ଘଣ୍ଟା ମଧ୍ୟରେ ଧାନ ବିକ୍ରୟ କରି ପାରିବେ ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍. ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା – ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ "ଏ" ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

### ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-

| କ୍ର.ନଂ. | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ |
|---|---|---|
| ୧. | ସାଧାରଣ ମାନ (Common FAQ) | ୩,୧୦୦.୦୦ |

ନିବେଦକ
ଉପଜିଲ୍ଲାପାଳ, ଆଠଗଡ଼-ତଥା-ଅଧକ୍ଷ
ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର



XXVII-23

## ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳ କାର୍ଯ୍ୟାଳୟ, ମାଲକାନଗିରି
### ଘୋଷଣା

File No.: 2388/2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : ମୁଣ୍ଡାଗୁଡ଼ା ଥାନା : ମାଥିଲି ତହସିଲ :ମାଥିଲି ଜିଲା : ମାଲକାନଗିରି ରେ ନିମ୍ନ ସୂଚିତ ' କ ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୭ /୨୦୨୩ ତା :୧୬.୦୬.୨୦୨୩ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : ମୁଣ୍ଡାଗୁଡ଼ା ଥାନା : ମାଥିଲି ତହସିଲ :ମାଥିଲି ଜିଲା : ମାଲକାନଗିରି ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ -ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ -ତଥା -ତହସିଲଦାର, ମାଥିଲି ଙ୍କ ତହସିଲ କାର୍ଯ୍ୟାଳୟ ,ମାଥିଲି ଠାରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : ମାଲକାନଗିରି | ତହସିଲ :ମାଥିଲି

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୁଣ୍ଡାଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା। | | | | | |

ଭୂମି ଅନୁସୂଚୀ
ମୌଜା: ମୁଣ୍ଡାଗୁଡା, ଥାନା- ମାଥିଲି ନଂ.-୧୦୮, ତହସିଲ- ମାଥିଲି, ଜିଲ୍ଲା- ମାଲକାନଗିରି
ଜୟପୁର - ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୯ | ୨୯୨ | ୧.୦୦୧ | ୧.୦୦୦୭ | ଧାନ ଏକ | ଗୋପିନାଥ ଧୋବା -ପି ରାମଚନ୍ଦ୍ର ଧୋବା ଜା-: ଧୋବା ବା-ମାଥିଲି |
| ୧୬ | ୩୦୨ | ୦.୭୬୧ | ୦.୨୩୮୧ | ଧାନ ଦୁଇ | ଡମ୍ବୁ ପରମା ପି-ମାଧବ ପରମା ଜା-: ଭୂମିଆ ବା-ମାଥିଲି |
| | ୩୧୩ | ୦.୬୭୦ | ୦.୫୦୦୮ | ଧାନ ଏକ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୧୦ | ୦.୪୪୫ | ୦.୪୪୪୭ | ଧାନ ଏକ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୨୯୩ | ୦.୯୫୪ | ୦.୯୫୩୮ | ଧାନ ଏକ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୦୮ | ୦.୩୭୧ | ୦.୩୫୨୬ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୦୩ | ୦.୩୭୧ | ୦.୦୨୨୮ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| ୧୭ | ୨୯୬ | ୧.୩୫୪ | ୧.୩୫୪୧ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା- ଭୂମିଆ ବା-ମାଥିଲି |
| | ୩୦୯ | ୦.୮୬୫ | ୦.୮୬୪୮ | ଧାନ ଦୋଫସଲି ଦୁଇ | |
| | ୨୯୫ | ୦.୬୧୮ | ୦.୬୧୬୭ | ଡଙ୍ଗର ଦୁଇ | |
| ୬୨/୪୬ | ୩୧୯ | ୦.୬୨୩ | ୦.୬୨୨୭ | ଧାନ ଏକ | ବିଜୟ କୁମାର ମଲିକ ପି-ପୁଣ୍ଡନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୭ | ୩୨୪ | ୦.୦୯୬ | ୦.୦୯୬୩ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୁଣ୍ଡନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୭ | ୩୨୬ | ୦.୧୫୬ | ୦.୧୨୧୧ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୁଣ୍ଡନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୭ | ୩୨୫ | ୩.୨୪୨ | ୩.୨୪୨୦ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୁଣ୍ଡନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୯୪ | ୨୭୨ | ୨.୨୨୧ | ୧.୭୧୫୩ | ଧାନ ଏକ | ମୁକୁନ୍ଦନାୟକ ପି-ଭଗବାନ ନାୟକ , ସୀତା ନାୟକ ସ୍ୱା-ମୁକୁନ୍ଦ ନାୟକ ଜା-: ଭୂମିଆ ବା-ମାଥିଲି |
| | ୨୭୫ | ୨.୬୮୨ | ୦.୨୭୨୬ | ଧାନ ଏକ | |
| ୨୩ | ୯୫ /୫୦୫ | ୨.୦୦୨ | ୦.୦୦୪୪ | ଡଙ୍ଗର ଏକ | ପଦ୍ମଚରଣ ହୋତା ପି-ହାଡୁ ବନ୍ଧୁ ହୋତା ଜା-: ବ୍ରାହ୍ମଣ ବା-ମାଥିଲି |
| ୬୨/୨୮ | ୨୯୩/୫୩ ୫ | ୧.୦୦୧ | ୦.୪୪୪୭ | ଧାନ ଏକ | ମୁଟୁଲୁ ମାଡି ପି-ପାଣ୍ଡୁ ମାଡି ଜା-କୋୟା, ବା-ନିଜଗାଁ |
| ୬୨/୯୩ | ୩୧୯/୫୯ ୪ | ୦.୨୧୦ | ୦.୨୧୦୦ | ଘରବାରୀ | ବିଜୟ କୁମାର ମଲିକ ପି-ପୁଣ୍ଡନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୨୩୮ | ୩୧୯/୭୦ ୭/୭୩୨ | ୦.୧୧୯ | ୦.୦୦୯୮ | ଧାନ ଏକ | କଲ୍ୟାଣୀ ରଥ ସ୍ୱା-ଦିଲ୍ଲିପ କୁମାର କର ଜା-ବ୍ରାହ୍ମଣ ବା-ନିଜଗାଁ |
| ୬୨/୨୩୯ | ୩୧୯/୭୦ ୭/୭୩୩ | ୦.୦୪୪ | ୦.୦୪୪୪ | ଧାନ ଏକ | ସନ୍ଧ୍ୟାରାଣି ପାତ୍ର ସ୍ୱା-:ଇ. ରାଜ କୁମାର ପାତ୍ର ଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୦ | ୩୧୯/୭୦ ୭/୭୩୪ | ୦.୦୪୯ | ୦.୦୪୯୪ | ଧାନ ଏକ | ପ୍ରଦୀପ କୁମାର ପାତ୍ର ପି-ଦିଲ୍ଲିପ କୁମାର ପାତ୍ର ଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୧ | ୩୧୯/୭୦ ୭/୭୩୫ | ୦.୦୪୦ | ୦.୦୩୯୫ | ଧାନ ଏକ | ସନ୍ତୋଷ କୁମାର ପାତ୍ର ପି-ଦିଲ୍ଲିପ କୁମାର ପାତ୍ରଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୨ | ୩୧୯/୭୦ ୭/୭୩୬ | ୦.୦୩୫ | ୦.୦୩୪୫ | ଧାନ ଏକ | ବନିତା ବେହେରା ସ୍ୱା-ଶୁଶାନ୍ତ କୁମାର ମଲ୍ଲିକ ଜା-:ଭଣ୍ଡାରୀ ବା-ମାଥିଲି |
| ୬୨/୨୪୩ | ୩୧୯/୭୦ ୭/୭୩୮ | ୦.୦୪୯ | ୦.୦୪୯୪ | ଧାନ ଏକ | କମଳ ଲୋଚନ ସାମଲ ପି- ବିଶ୍ୱ ନାଥ ସାମଲ ଜା-:ଖଣ୍ଡାୟତ ବା-ମାଥିଲି |
| ୬୨/୨୪୯ | ୩୧୯/୭୦ ୭/୭୪୪ | ୦.୦୪୯ | ୦.୦୪୯୪ | ଧାନ ଏକ | ମହେଶ ପଟ୍ଟନାୟକ ପି-ଈଶ୍ୱର ଚନ୍ଦ୍ର ପଟ୍ଟନାୟକ ଜା-କରଣ ବା-ମାଥିଲି |
| ୬୨/୨୫୦ | ୩୧୯/୭୦ ୭/୭୪୫ | ୦.୦୪୯ | ୦.୦୪୯୪ | ଧାନ ଏକ | କାଳୁ ବିଶୋଇ ପି-କରପା ବିଶୋଇ ଜା-କାଳଞ୍ଜି ବା-ଧବଳପୁର ଗଞ୍ଜାମ |
| ୬୨/୨୫୧ | ୩୧୯/୭୦ ୭/୭୪୬ | ୦.୦୪୦ | ୦.୦୩୯୫ | ଧାନ ଏକ | ମନୋଜ କୁମାର ମହାନ୍ତି ପି-ପୁଣ୍ଡ ଚନ୍ଦ୍ର ମହାନ୍ତି ଜା-:କରଣ ବା-ବଳଦିଆଗୁଡା |
| ୬୨/୨୫୨ | ୩୧୯/୭୦ ୭/୭୪୭ | ୦.୦୪୦ | ୦.୦୩୯୫ | ଧାନ ଏକ | ସ୍ନେହଲତା ସାମଲ ସ୍ୱା-ସୁଧାକର ସେଠି ଜା-ଧୋବା ବା-ମାଥିଲି |
| ୬୨/୨୫୩ | ୩୧୯/୭୦ ୭/୭୪୮ | ୦.୦୪୯ | ୦.୦୪୯୪ | ଧାନ ଏକ | ମନୋଜ କୁମାର ସାମଲ ପ-ସନାତନ ସାମର୍ଲ ଜା-ଖଣ୍ଡାୟତ ବା-ବୋଡାଗୁଡା |
| ୬୨/୨୫୭ | ୩୧୯/୭୦ ୭/୭୫୨ | ୦.୧୧୯ | ୦.୦୧୪୮ | ଧାନ ଏକ | ତପସ୍ୱିନୀ ବରାଳ ସ୍ୱା-କୁମାର ପୁଣ୍ଡଚନ୍ଦ୍ର ବରାଳ ଜା-ଖଣ୍ଡାୟତ ବା-ଏଜୁକେସନ କଲୋନି ମାଲକାନଗିରି |
| ୬୨/୨୧୭ | ୩୧୯/୭୦ ୭ | ୦.୮୦୧ | ୦.୪୨୫୨ | ଧାନ ଏକ | .ଅଶୋକ କୁମାର ପଟ୍ଟନାୟକ ପି-ସତ୍ୟ ନାରାୟଣ ପଟ୍ଟନାୟକ ଜା-କରଣ ବା-ଅମ୍ବା ଗୁଡା ଜୟପୁର ,ଧୋବା ରଣା ପି-ଭରତ ରଣା ଜା-ରଣା ବା-ପାଣ୍ଡିପାଣୀ |
| ୬୨/୨୪୨ | ୩୨୪/୭୦ ୮/୭୩୭ | ୦.୦୦୫ | ୦.୦୦୪୯ | ଧାନ ଦୁଇ | ବନିତା ବେହେରା ସ୍ୱା-ଶୁଶାନ୍ତ କୁମାର ବାରିକ ଜା-ଭଣ୍ଡାରି ବା-ମାଥିଲି |
| ୬୨/୨୪୭ | ୩୨୫/୭୦ ୯/୭୪୧ | ୦.୦୪୦ | ୦.୦୩୯୫ | ଧାନ ଦୁଇ | ମନୋରଞ୍ଜନ ପାଣିଗ୍ରାହି ପି-ମୁକ୍ତିକାନ୍ତ ପାଣିଗ୍ରାହି ଜା-:ବ୍ରାହ୍ମଣ ବା-୧୧୯ କଲୋନି ମାଲକାନଗିରି |
| ୬୨/୨୧୬ | ୩୧୧/୫୬ ୧ | ୨.୩୩୩ | ୧.୫୦୩୦ | ଧାନ ଦୋଫସଲି ଦୁଇ | ସୌଭାଗ୍ୟ କୁମାର ନାୟକ ପି-ଗଙ୍ଗାଧର ନାୟକ ଜା-:ଖଣ୍ଡାୟତ ବା-ବଳଦିଆଗୁଡା |
| ୬୨/୨୧୭ | ୩୨୪/୭୦ ୮ ' | ୦.୧୦୯ | ୦.୦୮୨୧ | ଧାନ ଦୁଇ | .ଅଶୋକ କୁମାର ପଟ୍ଟନାୟକ ପି-ସତ୍ୟ ନାରାୟଣ ପଟ୍ଟନାୟକ ଜା-କରଣ ବା-ଅମ୍ବା ଗୁଡା ଜୟପୁର ,ଧୋବା ରଣା ପି-ଭରତ ରଣା ଜା-ରଣା ବା-ପାଣ୍ଡିପାଣୀ |
| ୬୨/୨୧୭ | ୩୨୫/୭୦୯ | ୦.୫୭୩ | ୦.୨୩୭୧ | ଧାନ ଦୁଇ | ଅଶୋକ କୁମାର ପଟ୍ଟନାୟକ, ପିତା- ସତ୍ୟ ନାରାୟଣ ପଟ୍ଟନାୟକ, ଜା- କରଣ ବା - ଅମ୍ବା ଗୁଡା ଜୟପୁର, ଧୋବା ରଣା, ପି- ଭରତ ରଣା, ଜା- ରଣା, ବା- ପାଣ୍ଡିପାଣୀ |
| ୬୨/୨୬୯ | ୩୧୧/୫୬ ୧/୭୬୦ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | କାଶିନାଥ ମିଶ୍ର, ପି- ପଂଚାନନ ମିଶ୍ର, ଜା- ବ୍ରାହ୍ମଣ, ବା- ନିଜଗାଁ |
| ୬୨/୨୭୦ | ୩୧୧/୫୬ ୧/୭୬୧ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | ରାଜିବ ନାୟକ, ପି- ଲକ୍ଷ୍ମଣ ନାୟକ, ଜା- ଗୌଡ,ବା-ନିଜଗାଁ |
| | ମୋଟ | ୫୩.୪୧୬ | ୩୧.୩୧୭ | | |

ତଫସିଲ –ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୁଚି)

ଜିଲ୍ଲା : ମାଲକାନଗିରି | ତହସିଲ :ମାଥିଲି

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ ,ମାଲକାନଗିରି


OIPR-24074/14/0019/2526

## ଆଜିର ଇତିହାସ

- ୧୭୭୧- ଶାହା ଆଲମ୍ ଦ୍ୱିତୀୟ ଦିଲ୍ଲୀ ସିଂହାସନରେ ବସିଲେ।
- ୧୮୯୨- ସ୍ୱାମୀ ବିବେକାନନ୍ଦ କନ୍ୟାକୁମାରୀରେ ତିନିଦିନ ପର୍ଯ୍ୟନ୍ତ ସାଧନା କଲେ।
- ୧୯୭୭- ଜଣାଶୁଣା ହାସ୍ୟ ଅଭିନେତା ଚାର୍ଲି ଚାପଲିନ୍‌ଙ୍କ ଦେହାନ୍ତ।
- ୧୯୯୧- ମିଖାଇଲ୍ ଗୋର୍ବାଚୋଭ୍ ସୋଭିଏତ୍ ସଂଘର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଲେ।
- ୨୦୧୫- ବଲିଉଡ୍ ଅଭିନେତ୍ରୀ ସାଧନାଙ୍କ ପରଲୋକ।

## ଆଜି ଆସିଥିଲେ

# ମହାନ୍ ଜନନାୟକ ଅଟଳ ବିହାରୀ ବାଜପେୟୀ



ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ଆଜି ଜନ୍ମ ଜୟନ୍ତୀ। ଜଣେ ଉଦାରବାଦୀ ନେତା ଭାବେ ବାଜପେୟୀ ଥିଲେ ବେଶ୍ ଲୋକପ୍ରିୟ। ନିଜର ଭାଷଣର ଦକ୍ଷତା, ହସ ହସ ମୁହଁ ଓ ବିଚାରଧାରା ପାଇଁ ବାଜପେୟୀ ଲୋକଙ୍କର ବେଶ୍ ପ୍ରିୟ ଥିଲେ। ଜଣେ ରାଜନେତା ଭାବେ ସେ ଯେତିକି ପରିଚିତ ହୋଇଥିଲେ ତାଙ୍କର କାଳଜୟୀ କବିତା ପାଇଁ ସେତିକି ଲୋକପ୍ରିୟ ହୋଇଥିଲେ । ସେ ଏମିତି ଜଣେ ପ୍ରଧାନମନ୍ତ୍ରୀ ଥିଲେ ଯାହାଙ୍କ କଥା ଓ କବିତାରେ ବିରୋଧୀ ବି ତାଳି ମାରିବାକୁ ପଛାଉ ନ ଥିଲେ । ତିନି ତିନି ଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ବାଜପେୟୀ । ସେ ୧୯୨୪ ମସିହା ଆଜିର ଦିନରେ ଗ୍ୱାଲିୟରର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାଁ କୃଷ୍ଣ ବିହାରୀ ବାଜପେୟୀ ଓ ମା'ଙ୍କ ନାଁ ହେଉଛି କୃଷ୍ଣା ଦେବୀ। ଗ୍ୱାଲିୟରର ଭିକ୍ଟୋରିଆ କଲେଜରୁ ସେ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ। ଛାତ୍ର ଜୀବନରୁ ହିଁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍)ରେ ସ୍ୱୟଂସେବକ ହୋଇଥିଲେ। ଏପରିକି ସେ ଅଧାରୁ ପାଠଛାଡ଼ି ପୂର୍ଣ୍ଣକାଳୀନ ପ୍ରଚାରକ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ସେ କାନପୁରର ଡିଏଭି କଲେଜରୁ ରାଜନୀତି ବିଜ୍ଞାନରେ ଏମ୍‌ଏ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ କାନପୁରରେ ଏଲ୍‌ଏଲ୍‌ବି ପଢ଼ା ଆରମ୍ଭ କରିଥିଲେ। ପିଲାଟି ବେଳୁ ତାଙ୍କର ସାହିତ୍ୟ ପ୍ରତି ରୁଚି ଥିଲା। ବିଭିନ୍ନ କବି ସମ୍ମିଳନୀରେ ଯୋଗ ଦେବାରୁ ତାଙ୍କର ଲେଖାଲେଖି ପ୍ରତି ଆଗ୍ରହ ବଢ଼ିଲା ଓ ଧୀରେ ଧୀରେ ସେ କବିତା ଲେଖା ଆରମ୍ଭ କଲେ। ତାଙ୍କର ସଂଘର୍ଷମୟ ଜୀବନ, ପରିବର୍ତ୍ତନଶୀଳ ପରିସ୍ଥିତି, ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ, ଜେଲ ଜୀବନ ଆଦି ତାଙ୍କ କାବ୍ୟ କବିତାରେ ଦେଖିବାକୁ ମିଳିଥାଏ। ତାଙ୍କ କବିତା ସଂକଳନ ମଧ୍ୟରୁ 'ମେରି ଇକ୍ୟାବନ୍ କବିତାଏଁ' ଖୁବ୍ ଲୋକପ୍ରିୟ। ଅନ୍ୟପଟେ ସଂସଦରେ ସେ ଏକାଧିକବାର କବିତା ମାଧ୍ୟମରେ ନିଜ ମତ ମଧ୍ୟ ରଖିଛନ୍ତି। ୧୯୪୨ରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଜେଲ ଯାଇଥିଲେ। ବାଜପେୟୀ ୧୯୫୧ରେ ରାଜନୀତିରେ ପାଦ ଥାପିଲେ। ୧୯୫୫ରେ ସେ ଲୋକସଭା ନିର୍ବାଚନରେ ପରାଜିତ ହୋଇଥିଲେ। ଏହାପରେ ସେ ୧୯୫୭ରେ ସାଂସଦ ହୋଇଥିଲେ । ସେହିପରି ସେ ଲୋକସଭାକୁ ନଅ ଥର ଓ ରାଜ୍ୟସଭାକୁ ଦୁଇ ଥର ନିର୍ବାଚିତ ହୋଇଥିଲେ। ସାରା ଦେଶରେ ସେ ହିନ୍ଦୀ ଭାଷାର ପ୍ରଚାର କରିଥିଲେ। ୧୯୭୭ ମସିହାରେ ମୋରାର୍‌ଜୀ ଦେଶାଇ ସରକାର ସମୟରେ ସେ ବିଦେଶ ମନ୍ତ୍ରୀ ଥିଲେ। ଏହି ସମୟରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ସେ ହିନ୍ଦୀରେ ଭାଷଣ ଦେଇ ବେଶ୍ ଚର୍ଚ୍ଚିତ ହୋଇଥିଲେ। ବାଜପେୟୀ ୩ଥର ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୬ ମସିହାରେ ୧୩ ଦିନ ପାଇଁ, ୧୯୯୮ ମସିହାରେ ୧୩ ମାସ ପାଇଁ ଏବଂ ୧୯୯୯ ମସିହାରେ ସଂପୂର୍ଣ୍ଣ ୫ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। କେବଳ ଉଦାରବାଦ ହିଁ ନୁହେଁ ପରାକ୍ରମରେ ମଧ୍ୟ ବାଜପେୟୀଙ୍କ ଜବାବ ନଥିଲା। ସେ ପ୍ରଧାନମନ୍ତ୍ରୀ ହେବା ପରେ ପାକିସ୍ତାନ ସହ ସମ୍ପର୍କ ସୁଦୃଢ଼ କରିବା ଲାଗି ଅନେକ ପ୍ରୟାସ କରିଥିଲେ। ନିଜ ଦଳର ଅନେକ ନେତାଙ୍କ ଦ୍ୱାରା ବିରୋଧର ଶିକାର ହେବା ସତ୍ତ୍ୱେ ସେ ପାକିସ୍ତାନ ଯାତ୍ରା କରିଥିଲେ। ହେଲେ ଏହାପରେ ୧୯୯୯ ମସିହାରେ ପାକିସ୍ତାନ କାରଗିଲ ଯୁଦ୍ଧ ଆରମ୍ଭ କରି ବିଶ୍ୱାସଘାତ କରିଥିଲା। ଏହି ଯୁଦ୍ଧରେ ଭାରତ ପାକିସ୍ତାନକୁ କଡ଼ା ଜବାବ ଦେଇଥିଲା। ଯୁଦ୍ଧରେ ଭାରତର ବିଜୟ ପାଇଁ ଭାରତୀୟ ସେନାର ପରାକ୍ରମ ସହ ବାଜପେୟୀଙ୍କ ନେତୃତ୍ୱକୁ ସାରା ବିଶ୍ୱ ପ୍ରଶଂସା କରିଥିଲା। ବାଜପେୟୀ ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟ ଯବାନ, ଜୟ କିସାନ' ସ୍ଲୋଗାନରେ 'ଜୟ ବିଜ୍ଞାନ'କୁ ଯୋଡ଼ିଥିଲେ। ଦେଶ ପ୍ରତି ଥିବା ତାଙ୍କ ତ୍ୟାଗ ଓ ଅବଦାନ ଯୋଗୁଁ ଭାରତ ରତ୍ନ, ପଦ୍ମବିଭୂଷଣ ଆଦି ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ୨୦୧୮ ଅଗଷ୍ଟ ୧୬ରେ ଏହି ମହାନ ରାଜନେତାଙ୍କ ପରଲୋକ ଘଟିଥିଲା।

# ଅକ୍ଟୋବର ୨ରେ 'ଦୃଶ୍ୟମ୍ ୩'




ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନ୍‌ଙ୍କ 'ଦୃଶ୍ୟମ୍' ଓ 'ଦୃଶ୍ୟମ୍ ୨'କୁ ଦର୍ଶକୀୟ ଆଦୃତି ମିଳିଥିଲା। କ୍ରାଇମ୍ ଥ୍ରୀଲର୍ ଉପରେ ଆଧାରିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ବେଶ୍ ଭଲ ପ୍ରଦର୍ଶନ କରିଥିଲା। ଇତିମଧ୍ୟରେ ଏହି ସିରିଜ୍‌ର ତୃତୀୟ ଫିଲ୍ମ ବିଷୟରେ ଘୋଷଣା କରାଯାଇଛି। ଏହି ଫିଲ୍ମ ଅକ୍ଟୋବର ୨, ୨୦୨୬ରେ ପରଦାକୁ ଆସିବ। ତେବେ ଫିଲ୍ମ ନିର୍ମାତା ଏକ ଭିଡିଓ ମାଧ୍ୟମରେ 'ଦୃଶ୍ୟମ୍ ୩' ବିଷୟରେ ଘୋଷଣା କରିଛନ୍ତି। ୧ ମିନିଟ୍ ୧୩ ସେକେଣ୍ଡର ଏହି ଭିଡିଓରେ ଅଜୟଙ୍କ ଦମ୍‌ଦାର୍ ସ୍ୱର ଶୁଣାଯାଉଛି। ଭିଡିଓରେ ଅଜୟ ଲୋକଙ୍କୁ ତାଙ୍କ ପରିବାର ସମ୍ପର୍କରେ କହୁଥିବାର ଶୁଣାଯାଉଛି। ଭିଡିଓର ଶେଷରେ ବିଜୟ ସଲଗାଁଓକର(ଅଜୟ) କହୁଛନ୍ତି, 'କାହାଣୀ ଏବେ ସରି ନାହିଁ। ଶେଷ ଅଂଶ ବାକି ଅଛି।' ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଜୟ ପାଠକ ରହିଛନ୍ତି। 'ଦୃଶ୍ୟମ୍ ୨' ଯେଉଁଠାରେ ସରିଥିଲା, ସେହିଠାରୁ 'ଦୃଶ୍ୟମ୍ ୩'ର କାହାଣୀ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଫିଲ୍ମରେ ଅଜୟଙ୍କ ବ୍ୟତୀତ ଅନ୍ୟ କେଉଁ କଳାକାରମାନେ କାମ କରୁଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ଏଠାରେ ପ୍ରକାଶ ଥାଉ କି 'ଦୃଶ୍ୟମ୍' ମୋହନଲାଲଙ୍କ ମଲାୟାଲମ୍ ଫିଲ୍ମର ହିନ୍ଦୀ ରିମେକ୍। ଏହି ଫିଲ୍ମ ୨୦୧୫ରେ ଆସିଥିଲା। ଏହା ବକ୍ସଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏହାର ସାତ ବର୍ଷ ପରେ ୨୦୨୨ରେ 'ଦୃଶ୍ୟମ୍ ୨' ଆସିଥିଲା। ଏହା ମଧ୍ୟ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା। ଏବେ ଏହାର ଚାରି ବର୍ଷ ପରେ 'ଦୃଶ୍ୟମ୍ ୩' ଆସିବ। କିଛି ଦିନ ପୂର୍ବରୁ ମୋହନଲାଲ 'ଦୃଶ୍ୟମ୍ ୩' (ମଲାୟାଲମ୍) ସୁଟିଂ ଆରମ୍ଭ କରିଥିବା ଘୋଷଣା କରିଥିଲେ। ତେବେ ଏହି ଫିଲ୍ମର ସଫଳତାକୁ ଦେଖି ମଲାୟାଲମ୍ ନିର୍ମାତା ଏହାକୁ ହିନ୍ଦୀରେ ରିଲିଜ୍ କରିବା ପାଇଁ ଯୋଜନା କରିଛନ୍ତି।

# ପବିତ୍ର ବଡ଼ଦିନ




ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଧରାବତରଣ ଖୁସିରେ ଖ୍ରୀଷ୍ଟମାସ ତଥା ପବିତ୍ର ବଡ଼ଦିନକୁ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ବଡ଼ ଧୂମଧାମ୍‌ରେ ପାଳନ କରିଥାନ୍ତି । ପବିତ୍ର ଗ୍ରନ୍ଥ ବାଇବେଲ୍‌ରେ ଯୀଶୁଙ୍କ ଜନ୍ମଦିନକୁ ନେଇ ସଠିକ୍ ତାରିଖ ଉଲ୍ଲେଖ ନ ଥିଲେ ମଧ୍ୟ ଏହି ଦିନକୁ ସାରା ବିଶ୍ୱରେ କ୍ରିସ୍‌ମାସ୍ ଭାବେ ପାଳନ କରାଯାଇଥାଏ। ବାଇବେଲ ଅନୁସାରେ, ଭଗବାନ ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ । ପୃଥିବୀରେ ପ୍ରେମ ଏବଂ ଶ୍ରଦ୍ଧାର ବାର୍ତ୍ତା ପ୍ରଚାର କରିବା ପାଇଁ ସେ ଧରାବତରଣ କରିଥିଲେ । ଖ୍ରୀଷ୍ଟ ଧର୍ମରେ ଏହି ଦିନକୁ ସବୁଠାରୁ ପବିତ୍ର ମନେ କରାଯାଇଥାଏ। ଦୟା, କ୍ଷମା, କରୁଣାର ଅବତାର ଥିଲେ ପ୍ରଭୁ ଯୀଶୁ। ମାନବ ସମାଜକୁ ଦିଗ୍‌ଦର୍ଶନ ଦେବା ଲାଗି ପରମେଶ୍ୱରଙ୍କ ନିର୍ଦ୍ଦେଶରେ ସେ ଧରାବତରଣ କରିଥିଲେ। ସମାଜର ମଙ୍ଗଳ ପାଇଁ ସେ ହସିହସି ପ୍ରାଣବଳି ଦେଇଥିଲେ। ପ୍ରଭୁ ଯୀଶୁ ମାନବ ସମାଜକୁ ପ୍ରେମ ଏବଂ ମାନବିକତା ଶିକ୍ଷା ଦେଇଥିଲେ। ସେ ଜଗତର ଲୋକଙ୍କୁ ପ୍ରେମ ଏବଂ ଭାଇଚାରା ସହିତ ବଞ୍ଚିବାକୁ ବାର୍ତ୍ତା ଦେଇଥିଲେ। ଏହି ଦିନଟିକୁ ଇଉରୋପୀୟ ରାଷ୍ଟ୍ରରେ ଖୁବ୍ ଜାକଜମକରେ ପାଳନ କରାଯାଉଥିଲାବେଳେ ଆଜିକାଲି ପ୍ରାୟତଃ ସବୁସ୍ଥାନରେ ଏହି ଦିବସ ପାଳନ କରାଯାଉଛି। ବଡ଼ଦିନ ପାଳନ ଅବସରରେ ଚର୍ଚ୍ଚଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳା, ତାରକାରେ ସଜ୍ଜିତ କରାଯାଇ କ୍ୟାରୋଲ ସଙ୍ଗୀତ ଗାନ, ସମୂହ ପ୍ରାର୍ଥନା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଏ। ଖ୍ରୀଷ୍ଟ ଧର୍ମର ଲୋକେ ବଡ଼ଦିନ ଉପଲକ୍ଷେ ନିଜ ଘରକୁ ଆଲୋକମାଳା ଓ ଫୁଲରେ ସଜାଇବା ସହ ନୂତନ ପୋଷାକ ପରିଧାନ କରିଥାନ୍ତି। ଏହି ଅବସରରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ବଡ଼ଦିନରେ କେକ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମସ୍ତେ ମିଳିତ ହୋଇ କେକ୍ କାଟିବା ସହ ପରସ୍ପରକୁ କେକ୍ ଖୁଆଇ ଏହି ଦିନର ଶୁଭ କାମନା ଜଣାଇଥାନ୍ତି। ଛକ ଛକରେ ଲାଇଟ୍ ଲଗାଇ ଖ୍ରୀଷ୍ଟମାସ ଗଛ ସଜାଇ ଥା'ନ୍ତି ଖ୍ରୀଷ୍ଟଧର୍ମାବଲମ୍ବୀ ଲୋକେ। ଏହି ଅବସରରେ ଲୋକେ ପରସ୍ପରକୁ ଉପହାର ଦେଇ ଶୁଭକାମନା ଜଣାଇଥାନ୍ତି। ଏହି ଦିନର ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି କ୍ରିସ୍‌ମାସ୍ ଟ୍ରି ଓ ସାନ୍ତାକ୍ଲଜ୍। ପ୍ରଥମେ ଲଣ୍ଡନରେ ଏହି କ୍ରିସ୍‌ମାସ୍ ଟ୍ରି ପରମ୍ପରା ଆରମ୍ଭ ହୋଇଥିଲା। ପିଲାଙ୍କ ଆୟୁଷ ବଢ଼ିବା ନିମନ୍ତେ ଏହି ଗଛ ସଜାଯାଉଥିବା କୁହାଯାଏ। ସାଧାରଣତଃ ପାଇନ୍ ବା ଫର୍ ଗଛ କିମ୍ବା ଚେରି ଗଛରେ କ୍ରିସ୍‌ମସ୍ ଟ୍ରି ପ୍ରସ୍ତୁତ ହୋଇଥାଏ। ତ୍ରିଭୂଜାକାର ଗଛ ଡାଳରେ ରଙ୍ଗିନ ବଲ୍, ଚକୋଲେଟ୍ ଓ ତାରା ଖଞ୍ଜାଯାଇ ଏହାକୁ ସଜାଯାଏ। ଖ୍ରୀଷ୍ଟମାସ ପର୍ବଟି ମୁଖ୍ୟତଃ ଛୋଟ ପିଲାମାନଙ୍କ ପାଇଁ ଅଧିକ ଆନନ୍ଦ ଓ ଉଲ୍ଲାସ ଆଣି ଦେଇଥାଏ। ଏହି ଦିନରେ ପିଲାମାନଙ୍କୁ ତାଙ୍କ ପସନ୍ଦର ଖାଦ୍ୟଦ୍ରବ୍ୟ ଖାଇବାକୁ ମିଳିବା ସହ ବହୁ ଉପହାର ମଧ୍ୟ ମିଳିଥାଏ। । ମାନ୍ୟତା ଅନୁଯାୟୀ, ସାନ୍ତାକ୍ଲଜ୍ ସ୍ୱର୍ଗରୁ ଆସି ସଭିଁଙ୍କ ପାଇଁ ଉପହାର ସହ ଖୁସି ଦେଇଯାଆନ୍ତି। ଏହା ଖ୍ରୀଷ୍ଟମାସ ସହିତ ଜଡିତ ଏକ ଲୋକପ୍ରିୟ କାଳ୍ପନିକ ଚରିତ୍ର । ଖ୍ରୀଷ୍ଟମାସ ରାତିରେ ବଡ଼ ଧଳା ଦାଢ଼ି ରଖିଥିବା ସାନ୍ତା କ୍ଲଜ୍ ସ୍ୱର୍ଗରୁ ପ୍ରତ୍ୟେକ ଘରକୁ ଓହ୍ଲାଇ ଆସି ଖ୍ରୀଷ୍ଟମାସ ଗଛ ପାଖରେ ପିଲାମାନଙ୍କ ପାଇଁ ଉପହାର ଛାଡ଼ି ଯାଆନ୍ତି ବୋଲି କୁହାଯାଏ । ତେଣୁ ଏହି ଦିନରେ କିଛି ବ୍ୟକ୍ତି ସାନ୍ତାକ୍ଲଜ୍ ବେଶରେ ସଜେଇ ହୋଇ ପିଲାମାନଙ୍କୁ ଉପହାର ପ୍ରଦାନ କରିଥାଆନ୍ତି। ସାନ୍ତାକ୍ଲଜ୍ ବିଷୟରେ ଅନେକ ଲୋକକଥା ରହିଛି । ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ମତରେ, ସନ୍ଥ ନିକୋଲାସଙ୍କୁ ହିଁ ସାଣ୍ଟାକ୍ଲଜ୍ ଭାବେ ବର୍ଣ୍ଣିତ କରାଯାଇଛି । ସମଗ୍ର ବିଶ୍ୱର ଲୋକମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନକୁ ନିଜ ନିଜ ପରମ୍ପରା ଏବଂ ରୀତିନୀତି ଅନୁଯାୟୀ ଭକ୍ତି ଓ ବିଶ୍ୱାସର ସହିତ ପାଳନ କରନ୍ତି ।

# ଦୀର୍ଘାୟୁ ପାଇଁ ଫାଇବର



ଫିଟ୍ ରହିବା ତଥା ଦୀର୍ଘାୟୁ ହେବା ଲାଗି ଆଜିକାଲି ଲୋକେ ବିଭିନ୍ନ ଉପାୟ ଆପଣାଉଛନ୍ତି। କିଏ ଜିମ୍ ଯାଉଛନ୍ତି ତ ଆଉ କିଏ ମହଙ୍ଗା ସପ୍ଲିମେଣ୍ଟ ନେଉଥିବା ବେଳେ ଅନେକ ଡାଏଟ୍ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାରି ଭିତରେ ଲଣ୍ଡନର ପ୍ରତିଷ୍ଠିତ ହାର୍ଟ ସର୍ଜନ ଡାକ୍ତର ଜେରେମି ଲଣ୍ଡନ କହିଛନ୍ତି, ଦୀର୍ଘାୟୁ ହେବା ପାଇଁ ତଥା ଉତ୍ତମ ସ୍ୱାସ୍ଥ୍ୟ ଲାଗି ଏସବୁର କୌଣସି ଆବଶ୍ୟକତା ନାହିଁ। ତାଙ୍କ ମତରେ, ନିତିଦିନ ଖାଦ୍ୟରେ ହିଁ ଦୀର୍ଘାୟୁ ହେବାର ରହସ୍ୟ ଲୁଚି ରହିଛି। ଦୀର୍ଘାୟୁ ହେବା ଲାଗି ମୁଖ୍ୟ ଉପାଦାନ ହେଉଛି ଫାଇବର୍ ବା ତନ୍ତୁ। ଏହା କୌଣସି ଚମତ୍କାରୀ ଔଷଧ ନୁହେଁ କିମ୍ବା ଏହାର ପ୍ରଭାବ ତୁରନ୍ତ ଦେଖିବାକୁ ମିଳି ନ ଥାଏ। ଏହାର ପ୍ରଭାବ ଧୀରେ ଧୀରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ। ଡାକ୍ତର ଜେରେମି ଏହାକୁ ନେଇ ଏକ ଭିଡିଓ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରିଛନ୍ତି। ସେ କହିଛନ୍ତି, ବୟସାଧିକ ଲୋକଙ୍କୁ ଫାଇବରଯୁକ୍ତ ଖାଦ୍ୟ ଖାଇବାକୁ କୁହାଯାଏ। କାରଣ ବୟସ ବଢ଼ିଲେ ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟ ଭଲ ରହେ। ହେଲେ ବାସ୍ତବରେ ଫାଇବର ପ୍ରତ୍ୟେକ ବୟସବର୍ଗଙ୍କ ଲାଗି ଜରୁରି। ଫାଇବର ହୃଦୟ ଏବଂ ମେଟାବଲିଜିମ୍ ସ୍ୱାସ୍ଥ୍ୟକୁ ମଜଭୁତ ରଖେ। ଏହାଦ୍ୱାରା ମଧୁମେହ ଏବଂ ହୃଦ୍‌ରୋଗ ହେବା ଆଶଙ୍କା କମିଯାଏ। ଏପରିକି ପାଚନତନ୍ତ୍ର ଉପରେ ଫାଇବରର ସବୁଠୁ ଭଲ ପ୍ରଭାବ ପଡ଼ିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବା ସହ ଏଥିଯୋଗୁ ଅନ୍ତନଳୀ ରୋଗ ହେବା ଆଶଙ୍କା କମ୍ ଥାଏ। ସେହିପରି ଆବଶ୍ୟକତା ଅନୁସାରେ, ଫାଇବର ଗ୍ରହଣ କଲେ ଏହା ଯୋଗୁଁ କୋଲନ୍ କ୍ୟାନସର ଆଶଙ୍କା ହ୍ରାସ ପାଏ। ତେଣୁ ଫାଇବରକୁ କେବଳ ଖାଦ୍ୟ ହଜମ ପାଇଁ ନୁହେଁ, ବରଂ ପୂରା ସ୍ୱାସ୍ଥ୍ୟ ସହିତ ଯୋଡ଼ି ଦେଖିବା ଉଚିତ। କିଛି ଫାଇବର ଅନ୍ତନଳୀରେ ଥିବା ଥିବା ଭଲ ଜୀବାଣୁକୁ ଖାଦ୍ୟ ପ୍ରଦାନ କରେ। ଏହି ଜୀବାଣୁ ଶରୀରରେ ମେଟାବୋଲିଜିମ୍‌ରେ ସୁଧାର ଆଣେ ଏବଂ ରୋଗପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ। ଏହି ପ୍ରକ୍ରିୟା ବୟସ ବୃଦ୍ଧି ସହିତ ହେଉଥିବା ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ। ଅଧିକାଂଶ ଲୋକ ନିତିଦିନ ପର୍ଯ୍ୟାପ୍ତ ପରିମାଣର ଫାଇବର ଗ୍ରହଣ କରି ନ ଥାନ୍ତି। ତେବେ ଗବେଷଣାନୁସାରେ, ଫାଇବର ସେବନ ଯେତେ ବଢ଼େ, ଏହାର ଫାଇଦା ବି ସେହି ଅନୁସାରେ ବୃଦ୍ଧି ପାଏ। ଅନ୍ୟପକ୍ଷରେ ଫାଇବର ପାଇଁ କିଛି ଅଲଗା ଖାଦ୍ୟ ଖାଇବାର ଆବଶ୍ୟକତା ନାହିଁ, ବରଂ ନିତିଦିନ ଖାଉଥିବା ଖାଦ୍ୟରେ ହିଁ ଏହା ରହିଛି। ତେଣୁ ଫାଇବର ଲାଗି ନାସପାତି, ସେଓ, ଷ୍ଟ୍ରବେରି, ରସବେରି, କଦଳୀ, ଗାଜର, ବିଟ୍, ବ୍ରୋକଲି କନ୍ଦମୂଳ ଆଦିକୁ ଖାଦ୍ୟରେ ସାମିଲ କରିବା ଭଲ।

# କାଫେକୁ ସମର୍ପିତ ଭବିଷ୍ୟତ ଚିଠି



ପ୍ୟାରିସ୍‌ରେ 'କାଫେ ପ୍ଲି' ନାମକ ଏକ ନିଆରା କାଫେ ଏବେ ଚର୍ଚ୍ଚା ସାଉଁଟୁଛି। ଏହି କାଫେ ଗ୍ରାହକଙ୍କୁ ନିଜ ଆଶା, ସ୍ୱପ୍ନ ତଥା ଗୁପ୍ତ କଥାକୁ କାଗଜରେ ଲେଖିବାର ଅନୁମତି ପ୍ରଦାନ କରିଥାଏ। ଅବଶ୍ୟ ଗ୍ରାହକ କାଗଜରେ ଲେଖୁଥିବା କଥା ସିଲ୍ ହୋଇଯିବା ପରେ କାଫେ ଏହାକୁ ସୁରକ୍ଷିତ ଭାବେ ସାଇତି ରଖେ। କେବଳ ସେତିକି ନୁହେଁ, ଉକ୍ତ କାଫେ ପାଞ୍ଚ ବର୍ଷ କି ୨୦ ବର୍ଷ ପରେ ଚିଠିଟିକୁ ସମାନ ତାରିଖରେ ଗ୍ରାହକଙ୍କ ପାଖରେ ପହଞ୍ଚାଇବା କାମ କରେ। ଏହି କାଫେଟିକୁ ୨୦୨୪ ମସିହା ଜୁଲାଇରେ ଜେନେଭିଭ ଲ୍ୟାଣ୍ଡସମ୍ୟାନ୍ ପ୍ରତିଷ୍ଠା କରିଥିଲେ। ୟୁରୋପର ଏହା ପ୍ରଥମ କାଫେ, ଯାହାକି ଭବିଷ୍ୟତ ଉଦ୍ଦେଶ୍ୟରେ ଲେଖାଯାଉଥିବା ଚିଠି ଲାଗି ସମର୍ପିତ। ଦକ୍ଷିଣ କୋରିଆର ସିଓଲରେ ଥିବା 'ନଲଡ୍ୟାମ୍ ସ୍ପେଶ୍' ନାମକ କାଫେଦ୍ୱାରା ପ୍ରେରିତ ହୋଇ ଜେନେଭିଭ ଏଭଳି ଏକ କାଫେ ନିର୍ମାଣ ପାଇଁ ଚିନ୍ତା କରିଥିଲେ। ତେବେ ଗ୍ରାହକ ଲଫାପା, ପୋଷ୍ଟକାର୍ଡ, କଲମ, ପେନ୍‌ସିଲ, ସିଲିଂ ୱାକ୍ସ, ଷ୍ଟିକର ଆଦିରେ ନିଜ ମନକଥା ଲେଖିବାର ସୁଯୋଗ ପାଇଥାନ୍ତି। ନିଜ ପାଇଁ ହେଉ ଅବା ନିଜ ମନର ମଣିଷ ପାଇଁ ପ୍ରତ୍ୟେକ ଚିଠିକୁ ଜଣେ ନିଜ ପସନ୍ଦ ଅନୁସାରେ ଲେଖିପାରିବେ। ଏହି କାଫେକୁ ଗ୍ରାହକ ଆସିବା ପରେ କଫି କି ପେଷ୍ଟ୍ରି ଅର୍ଡର ଦେବାକୁ ହୁଏ। ଏହାପରେ ଗ୍ରାହକ ଜଣକ କେଉଁଥିରେ ନିଜର ମନକଥା ଲେଖିବେ ତାହା ବାଛିବାକୁ ହୋଇଥାଏ। ଜଣେ ଏଠାରେ ନିଜ ପାଇଁ କି ଅନ୍ୟ କାହା ପାଇଁ ଚିଠି ଲେଖିପାରିବେ। ଲେଖିବା ପରେ ଲଫାପାକୁ ସୁନ୍ଦର ଭାବେ ସଜାଇ ତାହାକୁ ସିଲ୍ କରାଯାଏ। ଅବଶ୍ୟ ଏହି ସିଲ୍ ମହମକୁ ତରଳାଇ କରିବାକୁ ହୋଇଥାଏ। ଏହାପରେ ଗ୍ରାହକ ଚିଠିକୁ କାଫେରେ ଥିବା ବାକ୍ସ ମଧ୍ୟରେ ରଖନ୍ତି। କାନ୍ଥରେ ଥିବା ପ୍ରତ୍ୟେକ ବାକ୍ସ ବିଭିନ୍ନ ଡେଲିଭରି ସମୟକୁ ନେଇ ରହିଛି। ଏଠାରେ ବର୍ଷେ, ପାଞ୍ଚବର୍ଷ କିମ୍ବା ୨୦ ବର୍ଷରେ ଚିଠି ପହଞ୍ଚାଇବାର ସୁବିଧା ଅଛି। ଅବଶ୍ୟ ଚିଠିଟିକୁ ଯେଉଁ ଦିନ ପହଞ୍ଚାଇବାର ଥାଏ, ସେହି ବାକ୍ସକୁ ଚୟନ କରିବାକୁ ହୋଇଥାଏ। ଏହାପରେ କାଫେ କର୍ମଚାରୀ ଏହାକୁ ସୁରକ୍ଷିତ ଭାବେ ସାଇତି ରଖନ୍ତି ଏବଂ ଯେଉଁ ତାରିଖରେ ପ୍ରାପ୍ତକର୍ତ୍ତାଙ୍କ ପାଖରେ ପହଞ୍ଚିବାର ଥାଏ, ସେଦିନ ଚିଠିକୁ ଡେଲିଭରି ଦିଆଯାଏ। ଅବଶ୍ୟ ଚିଠି ପହଞ୍ଚାଇବା ପାଇଁ ଲୋକଙ୍କୁ ଟଙ୍କା ଦେବାକୁ ପଡ଼ିଥାଏ। ବର୍ଷକ ପାଇଁ ୧୫୦୦, ପାଞ୍ଚ ବର୍ଷ ଲାଗି ୨୪୦୦, ୨୦ ବର୍ଷ ଏଲାଗି ୪,୩୦୦ ଟଙ୍କା ଦେବାକୁ ହୁଏ।

# କ୍ରିସ୍‌ମାସ୍ କେଶ ବିନ୍ୟାସ

କ୍ରିସ୍‌ମାସ୍ ପାର୍ଟିକୁ ନେଇ ମହିଳାମାନେ ଅଧିକ ଉତ୍ସାହିତ ଥାଆନ୍ତି । ଏଥିପାଇଁ ସାଜସଜ୍ଜଠୁ ନେଇ ବେଶପୋଷାକ ପ୍ରତି ଧ୍ୟାନ ଦିଅନ୍ତି । ଏଥିପାଇଁ ମହିଳାମାନେ ମେକ୍‌ଅପ୍ ସହ କେଶ ବିନ୍ୟାସ ମଧ୍ୟ କରନ୍ତି। ସେହିପରି କ୍ରିସ୍‌ମାସ୍‌ରେ ଆକର୍ଷଣୀୟ କେଶ ବିନ୍ୟାସ ଚାହୁଁଥିଲେ ମାଳି, ବୋ- କ୍ଲିପ୍ ଆଦି ଲଗାଇପାରିବେ। ଏହା କେଶକୁ ସୁନ୍ଦର କରିଥାଏ।



- କ୍ରିସ୍‌ମାସ୍ ପାର୍ଟିରେ ରେଡ୍ ଆଉଟ୍‌ଫିଟ୍ ସହ ଏକ ସୁନ୍ଦର ଲୁକ୍ ଚାହୁଁଥିଲେ, ବୋ-ଡିଜାଇନ ନାଲିରଙ୍ଗ ହେୟାର ଆସେସରିଜ୍ ବ୍ୟବହାର କରିପାରିବେ।
- ସେହିପରି ମହିଳାମାନେ କେଶରେ କ୍ଲିପ୍ ବଦଳରେ ନାଲି, ସବୁଜ ରଙ୍ଗ କ୍ଲିପ୍ ଲଗାଇପାରିବେ।
- କ୍ରିସ୍‌ମାସ୍ ପାର୍ଟିରେ କେଶକୁ ଖୋଲା କରି ଏଥିରେ ନାଲି ବୋ କ୍ଲିପ୍ ଲଗାଇପାରିବେ। ଏହା କେଶକୁ ଖୁବ୍ ସୁନ୍ଦର ମାନିଥାଏ।
- ସେହିପରି କେଶକୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଏଥିରେ ଛୋଟ ନାଲିମାଳି, ଛୋଟ ବଲ୍ ଲଗାଇ କେଶକୁ ସଜାଇପାରିବେ। ସେହିପରି ଚାହିଁଲେ ନାଲି ରିବନ ଫିତାବାନ୍ଧି କେଶକୁ ସୁନ୍ଦର କରିପାରିବେ। କେଶକୁ ବାନ୍ଧିବା ବଦଳରେ ଛାଡ଼ିଲେ, ଭଲ ମାନିଥାଏ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝମଣା ରହିବ।

## ବିଜୟ ହଜାରେ ଟ୍ରଫିରେ ରେକର୍ଡ ବର୍ଷା

# ବିହାର ଓ ବୈଭବ ସୂର୍ଯ୍ୟବଂଶୀଙ୍କ ବିଶ୍ୱରେକର୍ଡ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୧୨(ଏଜେନ୍ସି/ସମିସ): ଭାରତର ଲିଷ୍ଟ-ଏ (ଘରୋଇ ଦିନିକିଆ ଫର୍ମାଟ) କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଆଜି ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ଦୁଇଟି ବିଶ୍ୱରେକର୍ଡ ସହ ଅଧା ଡଜନରେ ଅଧିକ ରେକର୍ଡ ସୃଷ୍ଟି ହୋଇଛି। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବିହାର ୬ ୱିକେଟରେ ୫୭୪ ରନ୍ କରି ବିଶ୍ୱର ସମସ୍ତ ଲିଷ୍ଟ-ଏ' (ଅନ୍ତର୍ଜାତୀୟ ମ୍ୟାଚ୍ ସମେତ) କ୍ରିକେଟରେ ସର୍ବୋଚ୍ଚ ଦଳଗତ ସ୍କୋର କରିଛି। ଏହି ମ୍ୟାଚ୍‌ରେ ଟିନ୍‌ଏଜ୍ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ବର୍ଷ ୨୭୨ ଦିନରେ ଶତକ ହାସଲ କରି ବିଶ୍ୱର ସର୍ବକନିଷ୍ଠ ସେଞ୍ଚୁରିଆନ୍ ଭାବେ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ମ୍ୟାଚ୍‌ରେ ବିହାର ଅଧିନାୟକ ସାକିବୁଲ୍ ଗନି ୩୨ ବଲ୍‌ରେ ଶତକ ହାସଲ କରି ଭାରତରେ ଦ୍ରୁତତମ ଓ ବିଶ୍ୱରେ ତୃତୀୟ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଏଠାରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀ ୩୬ ବଲ୍‌ରେ ଓ ଝାଡଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ଇଶାନ କିସାନ ୩୩ ବଲ୍‌ରେ ଶତକ ହାସଲ କରି ଯଥାକ୍ରମେ ଭାରତର ଚତୁର୍ଥ ଓ ଦ୍ୱିତୀୟ ଦ୍ରୁତତମ ଶତକହାସଲ କରିବାରେ ରେକର୍ଡ କରିଛନ୍ତି।

ଓଡ଼ିଶା ମଧ୍ୟ ଆଜିର ରେକର୍ଡ ବହିରେ ସାମିଲ ହୋଇଛି। ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଦଳର ଓପନର ସ୍ୱସ୍ତିକ ସାମଲ ୨୧୨ ରନ୍ କରି ରାଜ୍ୟର ପ୍ରଥମ ଦ୍ୱିଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଏହା ସତ୍ତ୍ୱେ ଦଳ ୫ ୱିକେଟରେ ପରାଜିତ ହୋଇଛି। ଜାତୀୟ ଓ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ଅନେକ ଖେଳାଳି ମଧ୍ୟ ବ୍ୟକ୍ତିଗତ ରେକର୍ଡ ବହିରେ ନିଜ ନାମ ଲିପିବଦ୍ଧ କରିଛନ୍ତି।





### ବିଶ୍ୱ ଲିଷ୍ଟ-ଏ'ରେ ୫ଟି ସର୍ବୋଚ୍ଚ ଦଳଗତ ସ୍କୋର

| ସ୍କୋର | ଟିମ୍ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ତାରିଖ/ବର୍ଷ |
|---|---|---|---|---|
| ୫୭୪/୬ | ବିହାର | ଅରୁଣାଚଳ ପ୍ର. | ରାଞ୍ଚି | ୨୪-୧୨-୨୦୨୫ |
| ୫୦୬/୨ | ତାମିଲନାଡୁ | ଅରୁଣାଚଳ ପ୍ର. | ବେଙ୍ଗାଲୁରୁ | ୨୧-୧୧-୨୦୨୨ |
| ୪୯୮/୪ | ଇଂଲଣ୍ଡ | ନେଦରଲାଣ୍ଡସ | ଆମଷ୍ଟଲଭିନ୍ | ୧୭-୬-୨୦୨୨ |
| ୪୯୬/୪ | ସରେ | ଗ୍ଲୁସେଷ୍ଟରସାୟର | ଓଭାଲ | ୨୯-୪-୨୦୦୭ |
| ୪୮୧/୬ | ଇଂଲଣ୍ଡ | ଅଷ୍ଟ୍ରେଲିଆ | ନଟିଂହାମ | ୧୯-୬-୨୦୧୮ |

### ଲିଷ୍ଟ-ଏ'ରେ ବିଶ୍ୱ ରେକର୍ଡ ଦଳଗତ ସ୍କୋର

**ବିହାର-୫୭୬/୪ ବନାମ ଅରୁଣାଚଳ ପ୍ରଦେଶ**

ରାଞ୍ଚି: ଏଠାରେ ଅନୁଷ୍ଠିତ ଅରୁଣାଚଳ ପ୍ରଦେଶ ବିପକ୍ଷ ୨୦୨୫-୨୬ ସିଜନ ବିଜୟ ହଜାର ଟ୍ରଫି ପ୍ଲେଟ୍ ଲିଗ୍‌ର ଏକ ମ୍ୟାଚ୍‌ରେ ବିହାର ୫୦ ଓଭରରେ ୫୭୬ ରନ୍ ସଂଗ୍ରହ କରିଛି। ଦିନିକିଆ ବା ୫୦ ଓଭର ଫର୍ମାଟରେ ଏହି ବିଶ୍ୱରେ ସର୍ବାଧିକ ଦଳଗତ ସ୍କୋର। ପୂର୍ବରୁ ଏହି ରେକର୍ଡ ତାମିଲନାଡୁ ନାମରେ ଥିଲା। ୨୦୨୨ ନଭେମ୍ବର ୨୧ ତାରିଖ ବେଙ୍ଗାଲୁରୁରେ ଖେଳାଯାଇଥିବା ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ତାମିଲନାଡୁ ୨ ୱିକେଟରେ ୫୦୬ ରନ୍ କରି ଏହି ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ। ଏହି ଫର୍ମାଟରେ କେବଳ ଦୁଇଥର ଗୋଟିଏ ଦଳ ୫୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛି। ଏହି ତାଲିକାରେ ଇଂଲଣ୍ଡ ଦଳ ତୃତୀୟ ସ୍ଥାନରେ ରହିଛି। ନେଦରଲାଣ୍ଡସ ବିପକ୍ଷ ମ୍ୟାଚ୍‌ରେ ଦଳ ୪ ୱିକେଟରେ ୪୯୮ ରନ୍ କରି ଏହି ରେକର୍ଡର ଅଧିକାରୀ ହୋଇଛି। ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଏହା ମଧ୍ୟ ସର୍ବୋଚ୍ଚ ଦଳଗତ ସ୍କୋର। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ୧୯୦, ଆୟୁଷ ଲୋହାରୁକା ୧୧୬ ଓ ସାକିବୁଲ ଗନି ୪୦ ବଲ୍‌ରେ ଅପରାଜିତ ୧୨୮ ରନ କରିଥିଲେ। ବିହାର ଏହି ମ୍ୟାଚ୍‌କୁ ୩୯୭ ରନ୍‌ରେ ଜିତିଥିଲା।

### ସର୍ବକନିଷ୍ଠ ସେଞ୍ଚୁରିଆନ୍: ବୈଭବ ସୂର୍ଯ୍ୟବଂଶୀ

**୧୪ ବର୍ଷ ୨୭୨ ଦିନ ବନାମ ଅରୁଣାଚଳ**

ରାଞ୍ଚି: ଅରୁଣାଚଳ ବିପକ୍ଷ ମ୍ୟାଚ୍‌ରେ ଟିନ୍ ଏଜ୍ ଓପନର ବୈଭବ ସୂର୍ଯ୍ୟବଂଶୀ ୮୪ବଲ୍‌ରେ ୧୯୦ ରନ୍ କରିଛନ୍ତି। ଏଥିରେ ୧୬ଟି ଚୌକା ଓ ୧୫ଟି ଛକା ରହିଛି। ଏହା ଫଳରେ ସେ ମାତ୍ର ୧୪ ବର୍ଷ ୨୭୨ ଦିନରେ ସମସ୍ତ ଲିଷ୍ଟ-ଏ' ମ୍ୟାଚ୍‌ରେ ସର୍ବକନିଷ୍ଠ ଶତକ ହାସଲ କରିବାର ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଜହୁର ଇଲାହୀଙ୍କ ନାମରେ ଥିଲା। ୧୯୮୬ ରେଲୱେ ବିପକ୍ଷ ମ୍ୟାଚ୍‌ରେ ଜହୁର ମାତ୍ର ୧୫ ବର୍ଷ ୨୦୯ ଦିନରେ ଶତକ ହାସଲ କରି ଏହି ରେକର୍ଡ କରିଥିଲେ। ନିକଟରେ ଶେଷ ହୋଇଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ଓ ୧୩ ବର୍ଷରେ ଆଇପିଏଲ୍‌ରେ ଶତକ ହାସଲ କରି ସର୍ବକନିଷ୍ଠ ଖେଳାଳି ହେବାର ଯୋଗ୍ୟତା ଅର୍ଜନ କରିଥିଲେ।

### ବିଶ୍ୱ ଲିଷ୍ଟ-ଏ'ରେ ୧୦ଟି ଦ୍ରୁତତମ ଶତକ

| ବଲ୍ | ଖେଳାଳି | ଟିମ୍ | ପ୍ରତିଦ୍ୱନ୍ଦ୍ୱୀ | ବର୍ଷ/ସିଜନ୍ |
|---|---|---|---|---|
| ୨୯ | ଜେକ୍ ଫ୍ରେଜର | ସାଉଥ୍ ଅଷ୍ଟ୍ରେଲିଆ | ଟାସ୍‌ମାନିଆ | ୨୦୨୩-୨୪ |
| ୩୧ | ଏବି ଡିଭିଲର୍ସ | ଦ.ଆଫ୍ରିକା | ୱେଷ୍ଟଇଣ୍ଡିଜ୍ | ୨୦୧୪-୧୫ |
| ୩୨ | ସାକିବୁଲ ଗନି | ବିହାର | ଅରୁଣାଚଳ | ୨୦୨୫-୨୬ |
| ୩୩ | ଇଶାନ କିସାନ | ଝାଡଖଣ୍ଡ | କର୍ଣ୍ଣାଟକ | ୨୦୨୫-୨୬ |
| ୩୫ | ଅନ୍‌ମୋଲପ୍ରୀତ୍ ସିଂହ | ପଞ୍ଜାବ | ଅରୁଣାଚଳ | ୨୦୨୪-୨୫ |
| ୩୬ | କୋରୀ ଆଣ୍ଡରସନ | ନ୍ୟୁଜିଲାଣ୍ଡ | ୱେଷ୍ଟଇଣ୍ଡିଜ୍ | ୨୦୧୪ |
| ୩୬ | ଗ୍ରାହମ୍ ରୋଜ୍ | ସମରସେଟ୍ | ଡେଭନ | ୧୯୯୦ |
| ୩୬ | ବୈଭବ ସୂର୍ଯ୍ୟବଂଶୀ | ବିହାର | ଅରୁଣାଚଳ | ୨୦୨୫-୨୬ |
| ୩୭ | ସାହିଦ୍ ଆଫ୍ରିଦୀ | ପାକିସ୍ତାନ | ଶ୍ରୀଲଙ୍କା | ୧୯୯୬ |
| ୩୮ | ରୋଭମାନ ପାୱେଲ | ଜାମାଇକା | ଲିୱାର୍ଡ ଆଇଲାଣ୍ଡ | ୨୦୧୯-୨୦ |

### ଗନିଙ୍କ ୩୨ ବଲ୍‌ରେ ଶତକ

**ଲିଷ୍ଟ-ଏ'ରେ ଭାରତରେ ଦ୍ରୁତତମ**

ରାଞ୍ଚି: ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବିହାର ଅଧିନାୟକ ସାକିବୁଲ ଗନି ମାତ୍ର ୩୨ ବଲ୍‌ରେ ଶତକ ହାସଲ କରିଛନ୍ତି। ଏହା ଫଳରେ ଲିଷ୍ଟ-ଏ' କ୍ରିକେଟରେ ସେ ଭାରତର ଦ୍ରୁତତମ ଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି। ଏହି ରେକର୍ଡ ଗତବର୍ଷ ପଞ୍ଜାବର ଅନ୍‌ମୋଲପ୍ରୀତ୍ ସିଂହଙ୍କ ନାମରେ ଥିଲା। ୨୦୨୪ରେ ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଅନ୍‌ମୋଲପ୍ରୀତ୍ ୩୫ ବଲ୍‌ରେ ଶତକ ପୂରଣ କରିଥିଲେ। ଏହି ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟର ବୈଭବ ମାତ୍ର ୩୬ ବଲ୍‌ରେ ଶତକ ପୂରଣ କରିଛନ୍ତି। ସେ ବିଶ୍ୱର ଚତୁର୍ଥ ଦ୍ରୁତତମ ଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି। ଗନି ରେକର୍ଡ କରିବାର ୧୦ ମିନିଟ୍ ପୂର୍ବରୁ ଆଜି ଅନୁଷ୍ଠିତ କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଝାଡଖଣ୍ଡ ଅଧିନାୟକ ଇଶାନ କିସାନ ମାତ୍ର ୩୩ ବଲ୍‌ରେ ଶତକ ହାସଲ କରିଥିଲେ। ଗନି ତାଙ୍କ ରେକର୍ଡକୁ ଭାଙ୍ଗିଦେଇଥିଲେ। ଲିଷ୍ଟ-ଏ'ରେ ବିଶ୍ୱରେ ଦ୍ରୁତତମ ଶତକ ହାସଲକାରୀଭାବେ ଗନିଙ୍କଠାରୁ ଦୁଇଜଣ କମ୍ ବଲ୍‌ରେ ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ଘରୋଇ କ୍ରିକେଟ୍‌ରେ ଟାସ୍‌ମାନିଆ ବିପକ୍ଷ ମ୍ୟାଚ୍‌ରେ ସାଉଥ୍ ଅଷ୍ଟ୍ରେଲିଆର ଜେକ୍ ଫ୍ରେଜର-ମ୍ୟାକ୍‌ଗୁର୍କ୍ ୨୯ ବଲ୍‌ରେ ଓ ୨୦୧୪-୧୫ ସିଜନରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏବି ଡିଭିଲିୟର୍ସ ୩୧ ବଲ୍‌ରେ ଶତକ ହାସଲ କରି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ବିଶ୍ୱର ପ୍ରଥମ ୫ଜଣ ଦ୍ରୁତତମ ଶତକହାସଲକାରୀଙ୍କ ମଧ୍ୟରେ ଭାରତର ୩ ଜଣ ଖେଳାଳି ରହିଛନ୍ତି।

## ସ୍ୱସ୍ତିକ-୨୧୨: ଓଡ଼ିଶାର ପ୍ରଥମ ଡବଲ ସେଞ୍ଚୁରିଆନ୍



ଅଲୁର: ବେଙ୍ଗାଲୁରୁର ଅଲୁରଠାରେ ବୁଧବାର ଅନୁଷ୍ଠିତ ସୌରାଷ୍ଟ୍ର ବିପକ୍ଷ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ସ୍ୱସ୍ତିକ ସାମଲ ୨୧୨ ରନ୍ କରିଛନ୍ତି। ଏହି ମ୍ୟାଚ୍‌ରେ ଓପନର ସ୍ୱସ୍ତିକ ସାମଲ ୧୬୯ ବଲ୍‌ରୁ ୨୧୨ ରନ୍ କରିଥିଲେ। ଏହା ଫଳରେ ବିଜୟ ହଜାରେ ଟ୍ରଫିରେ ସେ ଓଡ଼ିଶାର ପ୍ରଥମ ଡବଲ ସେଞ୍ଚୁରିଆନ୍ ହୋଇଥିଲେ। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ ବିବିସିସି (ବିଶ୍ୱ ବିଜୟୀ ଚନ୍ଦ୍ରଚୂଡ) ମହାପାତ୍ର ୨୦୦୫ ଜାନୁଆରୀ ୧୫ରେ ଯାଦବପୁର ୟୁନିଭର୍ସିଟି ଗ୍ରାଉଣ୍ଡରେ ଅନୁଷ୍ଠିତ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ କରିଥିବା ୧୪୫ ରନ୍ ଓଡ଼ିଶାର ଲିଷ୍ଟ-ଏ'ରେ ସର୍ବାଧିକ ସ୍କୋର ରହିଥିଲା।

---

**● ଜାନୁଆରୀ ୧୧ରୁ ୩୧ ସୀମିତ ଓଭର ସିରିଜ୍**

## ବ୍ରେସ୍‌ୱେଲ୍‌ଙ୍କୁ ନ୍ୟୁଜିଲାଣ୍ଡ ଦିନିକିଆ ଦଳର ନେତୃତ୍ୱ

ଅକ୍‌ଲାଣ୍ଡ,୨୪।୧୨(ଏଜେନ୍ସି): ଆସନ୍ତାବର୍ଷ ଭାରତ ଗସ୍ତରେ ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର କ୍ରିକେଟ ସିରିଜ୍ ଖେଳିବାକୁ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଦଳର ପ୍ରମୁଖ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିବାରୁ ମାଇକେଲ୍ ବ୍ରେସ୍‌ୱେଲଙ୍କୁ ଦିନିକିଆ ଓ ମିଚେଲ ସାଣ୍ଟନରଙ୍କୁ ଟି-୨୦ ଦଳର ନେତୃତ୍ୱ ଦିଆଯାଇଛି। ଏହି ସିରିଜ୍‌ରେ ୩ଟିଦିନିକିଆ ମ୍ୟାଚ୍ ଜାନୁଆରୀ ୧୧, ୧୪ ଓ ୧୮ରେ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଯଥାକ୍ରମେ ଭଦୋଦରା, ରାଜକୋଟ ଓ ଇନ୍ଦୋରରେ ଖେଳାଯିବ। ସେହିପରି ଟି-୨୦ ମ୍ୟାଚ୍ ଗୁଡିକ ନାଗପୁରରେ ଜାନୁଆରୀ ୨୧, ରାୟପୁରରେ ୨୩, ଗୁଆହାଟୀରେ ୨୫, ବିଶାଖାପାଟଣାରେ ୨୮ ଓ ତିରୁଅନନ୍ତପୁରମରେ ୩୧ରେ ଖେଳାଯିବ।

**ନ୍ୟୁଜିଲାଣ୍ଡ ଦିନିକିଆ ଦଳ:** ମାଇକେଲ ବ୍ରେସ୍‌ୱେଲ୍ (ଅଧିନାୟକ), ଜୋସ୍ କ୍ଲାର୍କସନ, ଡେଭନ କନୱେ, ମିଚେଲ ହେ', ହେନରୀ ନିକୋଲସ୍, ୱିଲ ୟଙ୍ଗ୍, ନିକ୍ କେଲୀ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଜାକାରୀ ଫୋକ୍ସ, ଜେଡେନ ଲେନକ୍ସ, ଆଦିତ୍ୟ ଅଶୋକ, କ୍ରିଷ୍ଟିଆନ୍ କ୍ଲାର୍କ, କାଏଲ ଜାମିସନ, ମାଇକେଲ ରାଏ।

**ନ୍ୟୁଜିଲାଣ୍ଡ ଟି-୨୦ ଦଳ:** ମାର୍କ ଚାପ୍‌ମ୍ୟାନ୍, ଟିମ୍ ସେଇଫର୍ଟ, ମାଇକେଲ ବ୍ରେସ୍‌ୱେଲ, ବେଭନ ଜ୍ୟାକବ୍ସ, ଡାରିଲ ମିଚେଲ, ଜେମ୍ସ ନୀଶାମ, ଗ୍ଲେନ୍ ଫିଲିପ୍ସ, ରାଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର (ଅଧିନାୟକ), ଜାକାରୀ ଫୋକ୍ସ, ଡେଭନ କନୱେ, ଜ୍ୟାକବ ଡଫି, ମ୍ୟାଟ୍ ହେନରୀ, କାଏଲ ଜାମିସନ, ଇସ୍ ସୋଧି।

---

**କଳିଙ୍ଗ ଭଲିବଲ୍ - ୨୦୨୫**

## ଆଜିଠୁ ସୁପରଲିଗ୍

କଟକ,୨୪।୧୨(ସମିସ): ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାରପ୍ରସାରକୁ ଦୃଷ୍ଟି ରଖି ଆରମ୍ଭ ହୋଇଥିବା କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ)ର ସୁପରଲିଗ୍ ଗୁରୁବାର ଠାରୁ ଆରମ୍ଭ ହେବ। ଲିଗ୍‌ର ଶେଷ ପର୍ଯ୍ୟାୟ ଅନୁଗୋଳ ଷ୍ଟାଡିୟମରେ ୩ଦିନ ଧରି ଜାରି ରହିବ। ବାଳକ ବର୍ଗରେ ଅନୁଗୋଳର ନୂଆହାଟ, ଢେଙ୍କାନାଳର ପାଇକ ପୁରୁଣାକୋଟ, କଟକର ନାରଙ୍ଗବସ୍ତ, ପୁରୀର ସୁବର୍ଣ୍ଣପୁର, ଖୋର୍ଦ୍ଧାର ରଜାସ୍, ନୟାଗଡର କଶକ, ଯାଜପୁରର ବୀରମଣିପୁର, ବରଗଡର ତଳପାଦଦର, ବାଳିକା ବର୍ଗରେ ଢେଙ୍କାନାଳର ପାଇକ ପୁରୁଣାକୋଟ, ଅନୁଗୋଳର ନୂଆହାଟ, ନୟାଗଡର ବାଇଗୁନିଆ, ଜଗତସିଂହପୁରର ଆଶ୍ରମପାଟଣା, ଯାଜପୁରର ପ୍ରୟାସ ସୁପରଲିଗ୍‌ରେ ପ୍ରବେଶ କରିଛନ୍ତି।

---

## କୋହଲିଙ୍କ ୧୬ ହଜାର ରନ, ରୋହିତ୍‌ଙ୍କ ୩୭ତମ ଶତକ

ଜୟପୁର, ୨୪।୧୨ (ଏଜେନ୍ସି): ବିଜୟ ହଜାରେ ଟ୍ରଫିର ପ୍ରଥମ ଦିବସରେ ଭାରତୀୟ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମା ଦମ୍‌ଦାର ପ୍ରଦର୍ଶନ କରି ଛାପ ଛାଡ଼ିଛନ୍ତି। ୧୫ ବର୍ଷର ବ୍ୟବଧାନ ପରେ ଏହି ଟୁର୍ଣ୍ଣାମେଣ୍ଟ ଖେଳିଥିବା କୋହଲିଙ୍କ ଶତକ ବଳରେ ତାଙ୍କ ଦଳ ଦିଲ୍ଲୀ ୪ ୱିକେଟ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା କୋହଲି ୩୯ ବଲରେ ଅର୍ଦ୍ଧଶତକ ଓ ୮୩ ବଲରେ ଶତକ ପୂରଣ କରିଥିଲେ। ୧୪ଟି ଚୌକା ଓ ୩ଟି ଛକା ବଳରେ ସେ ୧୦୧ ବଲରୁ ୧୩୧ ରନ କରିବା ଫଳରେ ଦିଲ୍ଲୀ ୨୯୯ ରନର ଲକ୍ଷ୍ୟକୁ ୩୭.୪ ଓଭରରେ ୬ ୱିକେଟ୍ ହରାଇ ହାସଲ କରିନେଇଥିଲା। ଏହି ଶତକୀୟ ପାଳି ଅବସରରେ କୋହଲି ଲିଷ୍ଟ-ଏ କ୍ରିକେଟ୍‌ରେ ୧୬ ହଜାର ରନ ପୂରଣ କରିଛନ୍ତି। ଏଥିସହ ଲିଷ୍ଟ-ଏ କ୍ରିକେଟ୍‌ରେ ୧୬ ହଜାର ରନ ପୂରଣ କରିବାରେ ସଚିନ ତେନ୍ଦୁଲକର (୩୯୧ ଇନିଂସ)ଙ୍କୁ ପଛରେ ପକାଇ ସେ ଦ୍ରୁତତମ ଭାରତୀୟ ବ୍ୟାଟର୍ ହୋଇଛନ୍ତି। କୋହଲି ୩୩୦ତମ ଇନିଂସରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ।

ଅପରପକ୍ଷରେ ୭ ବର୍ଷ ପରେ ମୁମ୍ବଇ ପକ୍ଷରୁ ବିଜୟ ହଜାରେ ଟ୍ରଫି ଖେଳିଥିବା ରୋହିତ ୬୨ ବଲରେ ଶତକ ମାରିଛନ୍ତି। ଫଳରେ ମୁମ୍ବଇ ୮ ୱିକେଟରେ ସିକ୍କିମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସିକ୍କିମ ୭ ୱିକେଟରେ ୨୩୬ ରନ କରିଥିଲା। ଜବାବରେ ମୁମ୍ବଇ ୩୦.୩ ଓଭରରେ ମାତ୍ର ୨ଟି ୱିକେଟ୍‌ରେ ବିଜୟୀ ହୋଇଥିଲା। ଲିଷ୍ଟ-ଏ'ରେ ୩୭ତମ ଶତକ ହାସଲ କରିଥିବା ରୋହିତ ୯୪ ବଲରେ ୧୫୫ ରନ କରିଥିଲେ। ଯେଉଁଥିରେ ସେ ୧୮ଟି ଚୌକା ଓ ୯ଟି ଛକା ମାରିଥିଲେ। ଏହି ଫର୍ମାଟ୍‌ରେ ରୋହିତ୍‌ଙ୍କ ଏହା ଦ୍ରୁତତମ ଶତକ। ଏଥିପୂର୍ବରୁ ରୋହିତ ୨୦୨୩ରେ ଆଫଗାନିସ୍ତାନ ବିପକ୍ଷରେ ୬୩ ବଲରେ ଶତକ ପୂରଣ କରିଥିଲେ।

### କିସାନଙ୍କ ଶତକ ବେକାର; ୪୧୩ ରନକୁ ପିଛା କଲା କର୍ଣ୍ଣାଟକ:

ଲିଷ୍ଟ-ଏ କ୍ରିକେଟ୍ ଇତିହାସରେ କର୍ଣ୍ଣାଟକ ଦ୍ୱିତୀୟ ବୃହତ୍ ରନ ଚେଜ୍ କରିଛି। ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଝାଡ଼ଖଣ୍ଡ ପକ୍ଷରୁ ଧାର୍ଯ୍ୟ ୪୧୩ ରନର ଲକ୍ଷ୍ୟକୁ କର୍ଣ୍ଣାଟକ ୫ ୱିକେଟ୍ ହରାଇ ୪୭.୩ ଓଭରରେ ବିଜୟୀ ହୋଇଛି। ଓପନର୍ ଦେବଦତ୍ତ ପାଡିକଲ୍ ୧୧୮ ବଲରେ ୧୪୭ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଝାଡ଼ଖଣ୍ଡ ଅଧିନାୟକ ଇଶାନ କିସାନ ୩୩ ବଲରେ ଶତକ ହାସଲ କରିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ଲିଷ୍ଟ-ଏ କ୍ରିକେଟରେ ସର୍ବାଧିକ ରନ ଚେଜ୍ ଦକ୍ଷିଣ ଆଫ୍ରିକା ନାମରେ ରହିଛି। ୨୦୦୬ରେ ଜୋହାନ୍ସବର୍ଗରେ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୪୩୫ ରନର ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ଗୋଟିଏ ବଲ୍ ଓ ଗୋଟିଏ ୱିକେଟ୍ ବାକି ଥାଇ ବିଜୟୀ ହୋଇଥିଲା।

---

## ସନ୍ତୋଷ ଟ୍ରଫିରେ ଓଡ଼ିଶାର କ୍ରମାଗତ ବିଜୟ

କଟକ, ୨୪।୧୨ (ସମିସ): ଛତିଶଗଡ଼ରେ ଚାଲିଥିବା ଜାତୀୟ ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣରେ ଓଡ଼ିଶା କ୍ରମାଗତ ୨ୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଗ୍ରୁପ୍-ଏଫ୍'ର ଏକ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଅଧିନାୟକ କାର୍ତ୍ତିକ ହନ୍ତାଳ ମ୍ୟାଚର ୪୨ତମ ମିନିଟ୍‌ରେ ଏହି ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ ମଧ୍ୟପ୍ରଦେଶକୁ ମାତ୍ ଦେଇଥିଲେ। ଫଳରେ ଏବେ ଦୁଇଟି ମ୍ୟାଚରୁ ୨ଟି ବିଜୟ ସହ ଓଡ଼ିଶା ୬ ପଏଣ୍ଟ ପାଇ ଗ୍ରୁପ୍‌ର ଶୀର୍ଷ ସ୍ଥାନରେ ରହିଛି। ଓଡ଼ିଶା ଏହାର ଶେଷ ଗ୍ରୁପ୍ ମ୍ୟାଚ ଶୁକ୍ରବାର ଆୟୋଜକ ଛତିଶଗଡ଼କୁ ଭେଟିବ।

---

### ଜାତୀୟ କ୍ରୀଡ଼ା ପୁରସ୍କାର

## ହାର୍ଦ୍ଦିକ ପାଇବେ 'ଖେଲରତ୍ନ', ୨୪ଜଣଙ୍କୁ ଅର୍ଜୁନ



ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ଭାରତୀୟ ପୁରୁଷ ହକି ଦଳର ଉପ-ଅଧିନାୟକ ହାର୍ଦ୍ଦିକ ସିଂହଙ୍କ ନାମ ଚଳିତ ବର୍ଷ ଲାଗି ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ଖେଳରତ୍ନ' ପୁରସ୍କାର ଲାଗି ସୁପାରିସ କରାଯାଇଛି। ଏକମାତ୍ର କ୍ରୀଡ଼ାବିତ୍ ଭାବେ ହାର୍ଦ୍ଦିକଙ୍କ ନାମକୁ ଚୟନ କମିଟି କ୍ରୀଡ଼ା ମନ୍ତ୍ରଣାଳୟକୁ ପଠାଇଛି। ୨୭ ବର୍ଷୀୟ ହାର୍ଦ୍ଦିକ ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟପଦକ ବିଜୟୀ ହୋଇଥିବା ଭାରତୀୟ ଦଳର ସଦସ୍ୟ ରହିଥିଲେ। ଅପରପକ୍ଷରେ ୨୪ଜଣ କ୍ରୀଡ଼ାବିତଙ୍କ ନାମ 'ଅର୍ଜୁନ' ପୁରସ୍କାର ଲାଗି ସୁପାରିସ ହୋଇଛି। ଯେଉଁଥିରେ ଯୋଗାସନରେ ଆରତୀ ପଲ୍‌ଙ୍କ ନାମ ରହିଛି। ତେବେ ଚଳିତ ବର୍ଷ କୌଣସି କ୍ରିକେଟ୍ ଖେଳାଳିଙ୍କୁ ଜାତୀୟ ପୁରସ୍କାର ମିଳିବନି। ଜାତୀୟ କ୍ରୀଡ଼ା ପୁରସ୍କାର ଲାଗି ସୁପାରିସ କରିଥିବା ୨୫ ଜଣିଆ ତାଲିକାରେ ଜଣେ ହେଲେ କ୍ରିକେଟର୍ ନାହାନ୍ତି।

**ସୁପାରିସ କ୍ରୀଡ଼ାବିତ୍‌ଙ୍କ ନାମ:**

**ଖେଳରତ୍ନ: ହାର୍ଦ୍ଦିକ ସିଂହ**

**ଅର୍ଜୁନ ପୁରସ୍କାର:** ତେଜସ୍ୱିନ ଶଙ୍କର, ପ୍ରିୟଙ୍କା, ନରେନ୍ଦ୍ର, ଭିଦିତ ଗୁଜରାଥି, ଦିବ୍ୟା ଦେଶମୁଖ, ଧନୁଶ ଶ୍ରୀକାନ୍ତ, ପ୍ରଣତି ନାୟକ, ରାଜକୁମାର ପାଲ୍, ସୁରଜିତ୍, ନିର୍ମଳା ଭାଟି, ରୁଦ୍ରାଂଶ ଖଣ୍ଡେୱାଲ, ଏକତା ଭ୍ୟାନ, ପଦ୍ମନାଭ ସିଂ, ଅରବିନ୍ଦ ସିଂ, ଅଖିଳ ଶୋଓରାନ, ମେହୁଲି ଘୋଷ, ସୁତୀର୍ଥ ମୁଖାର୍ଜୀ, ସୋନମ ମଲିକ, ଆରତି ପଲ୍, ତ୍ରିସା ଜୋଲି. ଗାୟତ୍ରୀ ଗୋପୀଚାନ୍ଦ, ଲାଲରେମସିଆମି, ମହମ୍ମଦ ଅଫଜାଲ ଓ ପୂଜା।

---

## ସ୍ୱସ୍ତିକଙ୍କ ଦ୍ୱିଶତକ, ବିପ୍ଳବଙ୍କ ଶତକ ବୃଥା; ଓଡ଼ିଶା ପରାସ୍ତ




ଭୁବନେଶ୍ୱର,୨୪।୧୨(ସମିସ): ପ୍ରଥମ ଓଡ଼ିଆ ଖେଳାଳି ଭାବେ ସ୍ୱସ୍ତିକ ସାମଲଙ୍କ ଦ୍ୱିଶତକ ଓ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଶତକ ବିଜୟ ହଜାରେ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ବୃଥା ଯାଇଛି। ବେଙ୍ଗାଲୁରୁର ଅଲୁରଠାରେ ବୁଧବାର ଖେଳାଯାଇଥିବା ଗ୍ରୁପ୍-ଏ'ର ପ୍ରଥମ ମୁକାବିଲାରେ ପ୍ରତିଦ୍ୱନ୍ଦ୍ୱୀ ସୌରାଷ୍ଟ୍ର ୫ ୱିକେଟରେ ଓଡ଼ିଶାକୁ ପରାସ୍ତ କରିବା ଫଳରେ ଦଳକୁ ନିରାଶ କରିଛି। ଏହି ମ୍ୟାଚ୍‌ରେ ସ୍ୱସ୍ତିକ ସାମଲ ୧୬୯ ବଲ୍‌ରୁ ୨୧୨ ଓ ବିପ୍ଳବ ୯୧ ବଲ୍‌ରୁ ୧୦୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୪୫ ରନ୍ କରିଥିଲା। ଲିଷ୍ଟ-ଏ'ରେ ଓଡ଼ିଶାର ଏହା ଚତୁର୍ଥ ସର୍ବାଧିକ ସ୍କୋର। ଜବାବରେ ୨୨ ବର୍ଷୀୟ ଡେବ୍ୟୁଟାଣ୍ଟ ଖେଳାଳି ସମର ଗଜ୍ଜରଙ୍କ ଅପରାଜିତ ୧୩୨ ଓ ଅଭିଜ୍ଞ ଚିରାଗ ଜାନିଙ୍କ ୮୬ ରନ୍ ସହାୟତାରେ ସୌରାଷ୍ଟ୍ର ୭ଟି ବଲ ଓ ୫ଟି ୱିକେଟ ବାକିଥାଇ ଏହି ମ୍ୟାଚ୍ ଜିତିନେଇଥିଲା। ଦଳକୁ ଫେରିଥିବା ଦେବବ୍ରତ ପ୍ରଧାନ ୩ଟି, ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ସ୍ୱସ୍ତିକଙ୍କୁ ମ୍ୟାଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ସ୍ୱସ୍ତିକ ଓ ବିପ୍ଳବ ଚତୁର୍ଥ ୱିକେଟରୁ ୨୬୧ ରନ୍‌ର ପାର୍ଟନରସିପ୍ କରିଥିଲେ। ଲିଷ୍ଟ-ଏ'ରେ ଓଡ଼ିଶା ଖେଳିଥିବା ମ୍ୟାଚ୍‌ରେ ଏହା ରେକର୍ଡ ରନ୍। ପୂର୍ବରୁ ତ୍ରିପୁରା ବିପକ୍ଷରେ ବିବିସିସି ମହାପାତ୍ର ଓ ଶିବସୁନ୍ଦର ଦାସ ପ୍ରଥମ ୱିକେଟରୁ ସର୍ବାଧିକ ୨୩୯ ରନ୍ କରିଥିଲେ।

### ପରିଶ୍ରମ, ଆତ୍ମବିଶ୍ୱାସର ଫଳ ପାଇଛି: ସ୍ୱସ୍ତିକ

ବିଜୟ ହଜାରେ ଟ୍ରଫି ଆରମ୍ଭରୁ ଦ୍ୱିଶତକୀୟ ପାଳି ଖେଳି କ୍ରିକେଟ ଜଗତରେ ଚହଳ ସୃଷ୍ଟି କରିଛନ୍ତି ଓଡ଼ିଶା ଦଳର ଓପନର ସ୍ୱସ୍ତିକ ସାମଲ। ପ୍ରଥମ ଓଡ଼ିଆ ଭାବେ ସ୍ୱସ୍ତିକ ଏଭଳି ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। ନିକଟ ଅତୀତରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ କଟକ ପାନ୍ଥର୍ସକୁ ଚାମ୍ପିଅନ କରାଇଥିଲେ ଏହି ୨୫ବର୍ଷୀୟ ଡାହାଣହାତୀ ବ୍ୟାଟର। ଏବେ ତାଙ୍କର ବିସ୍ଫୋରକ ପାଳି ଜାତୀୟ ସ୍ତରରେ ଗୁଞ୍ଜରଣ ସୃଷ୍ଟି କରିଛି। ୨୧୨ରନର ପାଳି ଖେଳିଥିବା ସ୍ୱସ୍ତିକଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର...

**ପ୍ର: ପ୍ରାରମ୍ଭିକ ୱିକେଟ ପତନ ପରେ କ୍ରିଜରେ ତିଷ୍ଠି ରହି ଦ୍ୱିଶତକ ହାସଲ କରିବା ସହଜ ଥିଲା?**

ଉ: ତୃତୀୟ ୱିକେଟ ପତନ ସୁଦ୍ଧା ମୁଁ ୨୦/୨୫ ବଲ ଖେଳିଥିଲି। ଅଧିନାୟକ ବିପ୍ଳବ(ରାଜା) ଭାଇ କ୍ରିଜକୁ ଆସିବା ପରେ କଣ ରଣନୀତି ହେବା ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା। ତେବେ ପ୍ରତିପକ୍ଷକୁ ଆଉ ୱିକେଟ ନଦେଇ ଖେଳକୁ ୪୦ ଓଭର ପର୍ଯ୍ୟନ୍ତ ଟାଣି ନେବା ହିଁ ଲକ୍ଷ୍ୟ ରଖିଥିଲୁ। ତାହା ଭିତରେ ନିଜ ଉପରୁ ଚାପ ହଟାଇ ବଡ ସଟ୍ ମାରି ଦଳ ପାଇଁ ଉପଯୋଗୀ ପାଳି ଖେଳି ପାରିଥିଲୁ।

**ପ୍ର: ପ୍ରଥମ ଓଡ଼ିଆ ଭାବେ ଦ୍ୱିଶତକ ହାସଲ କରିଛନ୍ତି। ଏଭଳି ବିରଳ ସଫଳତା ପାଇଁ ପ୍ରସ୍ତୁତି କିପରି କରିଥିଲେ?**

ଉ: ଏବେ ନିଜ ଉପରେ ଅଧିକ ଧ୍ୟାନ ଦେଉଛି। ସମ୍ପୂର୍ଣ୍ଣ ଶୃଙ୍ଖଳିତ ଢ଼ଙ୍ଗରେ କ୍ୟାରିୟରକୁ ଆଗକୁ ବଢ଼ାଇ ନେବା ପାଇଁ ଉଦ୍ୟମ କରୁଛି। ଦ୍ୱିଶତକ ମାରି ପାରିବି ବୋଲି ଆତ୍ମବିଶ୍ୱାସ ଥିଲା। ଆଜି ସେହି ବିଶ୍ୱାସ କାର୍ଯ୍ୟରେ ପରିଣତ ହୋଇଛି। ପରିଶ୍ରମ ଓ ଆତ୍ମବିଶ୍ୱାସର ଫଳ ପାଇଛି।

**ପ୍ର: ଚଳିତ ସିଜନ୍‌ରେ ସ୍ୱସ୍ତିକଙ୍କ ଲକ୍ଷ୍ୟ କଣ ରହିଛି?**

ଉ: ୫୦୦ରୁ ଅଧିକ ସ୍କୋର କରିବି ବୋଲି ବିଶ୍ୱାସ ରଖିଛି। ତଥାପି ଏହାକୁ ନେଇ କୌଣସି ସ୍ପଷ୍ଟ ମତ ଦେବା ସମ୍ଭବ ନୁହେଁ। ଓଡ଼ିଶା ପାଇଁ ସିଜନ ଭଲ ହେଉ ବୋଲି ଆଶା କରୁଛି।

---

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS